

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୩୧ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 31 October 2025
Vol.No. 36 ■ No.286 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

## କମିଲା ଚୀନ୍-ଆମେରିକା ତିକ୍ତତା

ନୂଆଦିଲ୍ଲୀ,୩୦/୧୦ : ଦକ୍ଷିଣ କୋରିଆର ବୁସାନ ବିମାନ ବନ୍ଦରରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏବଂ ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗଙ୍କ ମଧ୍ୟରେ ହୋଇଥିବା ବୈଠକ ସମୟରେ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଛି । ଦକ୍ଷିଣ କୋରିଆରୁ ଆମେରିକା ଯାଉଥିବା ବିମାନରେ ସାମ୍ବାଦିକଙ୍କ ସହ କଥାବାର୍ତ୍ତା ସମୟରେ ଟ୍ରମ୍ପ ଏହି ଘୋଷଣା କରିଛନ୍ତି । ଦକ୍ଷିଣ ଆଫ୍ରିକାର ବୁସାନରେ ଡୋନାଲ୍ଡ ଟ୍ରମ୍ପ ଏବଂ ସି ଜିନପିଙ୍ଗଙ୍କ ମଧ୍ୟରେ ସାକ୍ଷାତ ହୋଇଛି। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ ଦୁଇ ନେତା । ଟ୍ରମ୍ପ କହିଛନ୍ତି, ଆମେରିକା ଏବଂ ଚୀନ ମଧ୍ୟରେ ସମସ୍ତ ବିବାଦର ସମାଧାନ



ହୋଇଛି । ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି, ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ବିରଳ ପୃଥିବୀ ଖଣିଜ ପଦାର୍ଥ ଉପରେ ଏକ ଚୁକ୍ତିରେ ପହଞ୍ଚିଛନ୍ତି । ଟ୍ରମ୍ପ କହିଛନ୍ତି, ଚୀନ୍ ଆଗାମୀ ବର୍ଷ ପାଇଁ ଆମେରିକାକୁ ବିରଳ ପୃଥିବୀ ଖଣିଜ ପଦାର୍ଥ ଯୋଗାଇବାକୁ ରାଜି ହୋଇଛି । ଟ୍ରମ୍ପ ଏହା ମଧ୍ୟ ଘୋଷଣା କରିଛନ୍ତି, ଚୀନ୍ ଉପରେ ଫେଣ୍ଟାନିଲ୍ ଉପରେ ଶୁଳ୍କକୁ ୧୦ ପ୍ରତିଶତକୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା ଚୀନ୍ ଉପରେ ଆମେରିକାର ମୋଟ ଶୁଳ୍କ ୫୭ ପ୍ରତିଶତରୁ ୪୭ ପ୍ରତିଶତକୁ ହ୍ରାସ ପାଇଛି । ଟ୍ରମ୍ପ କହିଛନ୍ତି ଜିନପିଙ୍ଗଙ୍କ ସହ ରୁଷ-ୟୁକ୍ରେନ ବିବାଦର ସମାଧାନ ପାଇଁ ସହଯୋଗ ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି । ବୈଠକ ସମୟରେ ୟୁକ୍ରେନ ପ୍ରସଙ୍ଗ ଦୃଢ଼ ଭାବରେ ଉଠିଥିଲା ବୋଲି ଟ୍ରମ୍ପ କହିଛନ୍ତି । ୱାଶିଂଟନ ଏବଂ ବେଜିଂ ଅନେକ ପ୍ରସଙ୍ଗରେ ସହମତ। ଟ୍ରମ୍ପ ଆହୁରି କହିଛନ୍ତି, ଚୀନ୍ ଆମେରିକାରୁ ବିପୁଳ ପରିମାଣର ସୋୟାବିନ୍ କିଣିବାକୁ ପ୍ରତିଶ୍ରୁତି ଦେଇଛି ।

## ପ୍ରଚାରରେ କମ୍ପୁଛି ନୂଆପଡ଼ା: ଆସନ୍ତା ସପ୍ତାହରୁ ମଇଦାନରେ ହେବ ବିଗ୍ ଫାଇଟ୍

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ବାଜିରେ ଲାଗିଛି ନୂଆପଡା । ସମ୍ମାନର ବାଜି ଜିତିବାକୁ ସବୁ ବଳ କୌଶଳ ପ୍ରୟୋଗ କଲେଣି ତିନି ରାଜନୈତିକ ଦଳ । ଆଗକୁ ପ୍ରଚାର ମିଟର ବଢାଇବାକୁ ଓହ୍ଲାଇବେ ରଥୀ ମହାରଥୀ । ନୂଆପଡା କହିବ କାହାର ଲୋକପ୍ରିୟତା କେତେ ? ସେପେଟେ ଆଜିଠାରୁ ଆରମ୍ଭ ହୋଇଛି ହୋମ୍ ଭୋଟିଙ୍ଗ । ନୂଆପଡାରେ ବଢିଲାଣି ନିର୍ବାଚନୀ ପାରଦ । ଘମୋଘୋଟ ଚାଲିଛି ପ୍ରଚାର । ବଳ କଷାକଷି ହେଉଛନ୍ତି ବିଜେପି-ବିଜେଡି- କଂଗ୍ରେସ । ଆଉ ପ୍ରଚାରର ବୁଷ୍ଟର ଡୋଜ ଦେବାକୁ ମଇଦାନକୁ ଓହ୍ଲାଇବେ ବଜେପିର ଷ୍ଟାର ପ୍ରଚାରକ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ବିଜେଡି ମଙ୍ଗୁଆଳ ନବୀନ ପଟ୍ଟନାୟକ । ନୂଆପଡା ମୁକାବିଲା ମଇଦାନରେ ଆମନା ସାମ୍ନା ହେବେ ଏହି ଦୁଇ ହେଭିୱେଟ । ଆସନ୍ତା ସପ୍ତାହରେ ଦୁଇଦିନିଆ ପ୍ରଚାରରେ ଯିବେ ମୋହନ ମାଝୀ । ଅନେକ ସ୍ଥାନରେ ସମାବେଶ ସହିତ ରୋଡ୍ ଶୋ କାର୍ଯ୍ୟକ୍ରମ ରହିଛି । ସେହିପରି ନବୀନ ପଟ୍ଟନାୟକ ଆସନ୍ତା ୩ ଓ ୭ ତାରିଖରେ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ବାଚନ ମଣ୍ଡଳୀରେ ଏ ପରୀକ୍ଷା ହେବ । ଗ୍ରାଉଣ୍ଡରେ ପୂରା ଦମରେ ପ୍ରଚାର ଚଳେଇଛି କଂଗ୍ରେସ । ବିଜେପି-ବିଜେଡିକୁ ମାତ ଦେବାଲାଗି ଆଗକୁ କଂଗ୍ରେସର ରଥୀ ମହାରଥୀ ପ୍ରାର୍ଥୀ ଘାସୀରାମ ମାଝୀଙ୍କ ପାଇଁ ପ୍ରଚାର କରିବେ । ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ, ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ପ୍ରଚାରରେ ସାମିଲ ହୋଇପାରନ୍ତି । ସେହିପରି ରାଜ୍ୟ ସ୍ତରୀୟ ସବୁ ତୁଙ୍ଗ ନେତା ଭୋଟରଙ୍କ ପାଖକୁ ଯିବେ । ନୂଆପଡ଼ାରେ ଆରମ୍ଭ ହେଲା ହୋମ୍ ଭୋଟିଙ୍ଗ । ଘରେ ବସି ଭୋଟ ଦେଲେ ବୟସ୍କ ଭୋଟର । ନିର୍ବାଚନ ମଣ୍ଡଳୀରେ ମୋଟ ୨୫୧ ଭୋଟର ହୋମ ଭୋଟିଙ୍ଗ ଜରିଆରେ ନିଜ ମତାଧିକାର ସାବ୍ୟସ୍ତ କରିବେ । ୨୦ ତାରିଖରୁ ୨ ତାରିଖ ପର୍ଯ୍ୟନ୍ତ ହୋମ ଭୋଟିଙ୍ଗ ହେବ । ଏଥିପାଇଁ ନୂଆପଡାରେ ୧୪ ଟି ଟିମ ଗଠନ କରାଯାଇଛି ।

## ବରିଷ୍ଠ ବିଜେପି ନେତା ତଥା କବି ଶଙ୍କର୍ଷଣ ପରିଡ଼ାଙ୍କର ପରଲୋକ



ଭୁବନେଶ୍ୱର, ୩୦/୧୦ (ନି.ପ୍ର): ବରିଷ୍ଠ ବିଜେପି ନେତା ଏବଂ ପ୍ରଖ୍ୟାତ କବି ଶଙ୍କର୍ଷଣ ପରିଡାଙ୍କର ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି ତାଙ୍କ ଝିଅ ସୋସିଆଲ ମିଡିଆରେ ଏହି ଖବର ସମ୍ପର୍କରେ ସୂଚନା ପ୍ରଦାନ କରି କହିଛନ୍ତି। ପୂର୍ବରୁ, ଶଙ୍କର୍ଷଣଙ୍କ ଚିକିତ୍ସା ମୁମ୍ବାଇରେ କରାଯାଇଥିଲା। ପରେ ଡାକ୍ତରମାନେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ତାଙ୍କ ଅବସ୍ଥା ଖରାପ ହେବାରୁ, ତାଙ୍କୁ ଅଧିକ ଚିକିତ୍ସା ପାଇଁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପ୍ରୟାସ ସତ୍ତ୍ୱେ, ମାସ ମାସ ଧରି ସଂଘର୍ଷ କରିବା ପରେ ସେ ଫୁସଫୁସ କର୍କଟ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଛନ୍ତି। ସେ ଜଣେ ରାଜନେତା ଏବଂ ସାହିତ୍ୟିକ ଭାବରେ ବେଶ୍ ପରିଚିତି ହାସଲ କରିଥିଲେ। ସେ ପୁରୀଜିଲ୍ଲା ପରିଷଦର ସଭାପତି ଭାବରେ କାର୍ଯ୍ୟ କରିଥିଲେ। ସେ ତୃଣମୂଳ ସ୍ତରରେ ବିକାଶ ଏବଂ ଜନ କଲ୍ୟାଣ ପାଇଁ ପ୍ରୟାସ କରିଥିଲେ। ତାଙ୍କର କବିତା ଏବଂ କାହାଣୀ ଯୋଗୁ ସେ ସମଗ୍ର ଓଡ଼ିଶାରେ ପ୍ରଶଂସା ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ ଏକ୍ସରେ ଶୋକ ପ୍ରକାଶ କରି କହିଛନ୍ତି।

## ବାତ୍ୟା ଛାଡ଼ିଗଲା, ଦେଇଗଲା ଦୁଃଖ: ଉଜୁଡ଼ିଯାଇଛି ଚାଷ ସହ ବାସ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଆନ୍ଧ୍ରରେ ସ୍ଥଳଭାଗ ଛୁଇଁଥିବା ମୋନ୍ଥାରେ ଅଧିକ ପ୍ରଭାବିତ ହୋଇଥିଲା ଦକ୍ଷିଣ ଓଡ଼ିଶା । ଲଗାଣ ବର୍ଷା ଓ ପବନ ବିଭିନ୍ନ ସ୍ଥାନରେ ନଷ୍ଟ କରିଦେଇଛି ଫସଲ। ଉଜୁଡ଼ା କ୍ଷେତ ଭାଙ୍ଗିଦେଇଛିଚାଷୀର ଆର୍ଥିକ ମେରୁଦଣ୍ଡ । ଏବେ ସରକାରୀ ସହାୟତାକୁ ଅପେକ୍ଷା କରିଛି ଅସହାୟ ଚାଷୀ । କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ଦେଖିବାକୁ ମିଳିଛି ବାତ୍ୟା ମୋନ୍ଥାର ପ୍ରକୋପ । ବର୍ଷା ଓ ପବନ ବ୍ଲକର ଅନେକ ଅଞ୍ଚଳକୁ କ୍ଷତି ପହଞ୍ଚାଇଛି। କାଳିଆଝୋଲା ଓ ତୁନପାରରେ ଚାଷୀର ଏକର ଏକର ଧାନ ଓ ମକା ଫସଲ ନଷ୍ଟ ହୋଇଯାଇଛି । ସ୍ଥିତି ଏମିତି ଯେ ଏଥିରୁ ଆଉ ଭଲ ଫସଲ



ହେବା ସମ୍ଭବ ନୁହେଁ । ଖାଲି ଚାଷ ନୁହେଁ, ଅନେକ ଲୋକଙ୍କ ବାସ ବି ଉଜୁଡ଼ିଯାଇଛି । ରାଜସ୍ୱ ଅଧିକାରୀ ଓ କୃଷି ବିଭାଗର ଏକ ମିଳିତ ଟିମ୍ କ୍ଷୟକ୍ଷତିର ଆକଳନ କରିବା ପରେ ସହାୟତା ମିଳିବ ବୋଲି କହିଛନ୍ତି ତହସିଲଦାର । ଖାଲି କୋରାପୁଟ ନୁହେଁ, ରାୟଗଡ଼ାରେ ବି ବାତ୍ୟା ମୋନ୍ଥା ଚାଷୀ କୂଳ ପାଇଁ ଦୁଃଖ ଆଣିଦେଇଛି । ଜମିରେ ଆଣ୍ଠୁଏ ପାଣି । ସେହି ପାଣିରେ ଭାସୁଛି ଚାଷୀର ପରିଶ୍ରମ । ଏଥର ଭଲ ଫସଲ ହୋଇଥିଲା ।

▶▶ପୃଷ୍ଠା ୭

## ୱାନ୍ ନେସନ୍ ୱାନ୍ ପୁଲିସ ୟୁନିଫର୍ମ ନେଇ କେନ୍ଦ୍ରର ତନାଘନା: ଓଡ଼ିଶା ପୁଲିସକୁ ଲେଖିଲେ ଚିଠି

ନୂଆଦିଲ୍ଲୀ,୩୦/୧୦ : ଚାକିରି ପୋଲିସ ହେଲେ ୟୁନିଫର୍ମ ରଙ୍ଗ ଭିନ୍ନ। ଅଲଗା ଅଲଗା ରାଜ୍ୟରେ ପୋଲିସର ଅଲଗା ଅଲଗା ବର୍ଦ୍ଦି। ଯେମିତି କୋଲକତାରେ ଧଳା। ଅରୁଣାଚଳ ପ୍ରଦେଶରେ ବୋଟଲ ଗ୍ରୀନ। ଗୋଆରେ ଧଳା ପୁଣି ସ୍କାଏ ବ୍ଲୁ। ଆଉ ଅନ୍ୟ ରାଜ୍ୟରେ ଖାକି ହେଲେ ବି କଲରରେ ଟିକେ ଫରକ କେଉଁଠି ଗାଢ ଖାକି ତ କେଉଁଠି ଫିକା। ତେଣୁ ୱାନ ନେସନ ୱାନ ପୋଲିସ ୟୁନିଫର୍ମ ପଲିସି ଆଣିବାକୁ ଯାଉଛନ୍ତି କେନ୍ଦ୍ର ସରକାର। ଦେଶରେ ଏଣିକି ପୋଲିସଙ୍କର ଗୋଟିଏ ପ୍ରକାରର ୟୁନିଫର୍ମ ରହିବ। ଏ ନେଇ ଓଡ଼ିଶା ସମେତ ୧୬ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ତଥ୍ୟ ମାଗିଛି ଗୃହ ମନ୍ତ୍ରଣାଳୟ।



ଓଡିଶା ସମେତ, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ଗୋଆ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କେରଳ, ମଣିପୁର, ମେଘାଳୟ, ନାଗାଲାଣ୍ଡ, ସିକିମ, ତେଲେଙ୍ଗାନା, ତ୍ରିପୁରା, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗକୁ ମଗାଯାଇଛି ତଥ୍ୟ। ନଭେମ୍ବର ୪ ତାରିଖ ମଧ୍ୟରେ ସମସ୍ତ ତଥ୍ୟ ଦାଖଲ କରିବାକୁ କୁହାଯାଇଛି । କେନ୍ଦ୍ରର ଚିଠି ପରେ ଡିଜିପି କଣ୍ଟ୍ରୋଲ ରୁମ ପକ୍ଷରୁ ରାଜ୍ୟ ପୋଲିସ ହେଡ୍ କ୍ୱାର୍ଟରକୁ ତଥ୍ୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ପୋଲିସର କେଉଁ ରାଙ୍କର ଅଧିକାରୀଙ୍କ ପୋଷାକ କଣ ଏବଂ ପ୍ରତି ଡ୍ରେସ ପାଇଁ ରାଜ୍ୟ ସରକାର କେତେ ଟଙ୍କା ଦେଉଛନ୍ତି ତାର ତଥ୍ୟ ଦେବାକୁ ମଧ୍ୟ କୁହାଯାଇଛି । ୨୦୨୨ ଅକଟୋବରରେ ହରିୟାଣା ଫରିଦାବାଦରେ ଆୟୋଜିତ ରାଜ୍ୟ ଗୃହ ମନ୍ତ୍ରୀ ମାନଙ୍କ ବୈଠକରେ ଏହି ନୀତି ପାଇଁ ପ୍ରସ୍ତାବ ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପୂରା ଦେଶରେ ପୋଲିସ ପୋଷାକରେ ସମାନତା ଏବଂ ଏକତା ଆଣିବା ପାଇଁ ଏହି ପ୍ରୟାସ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଯେମିତି ପୂରା ଦେଶରେ ୱାନ ନେସନ ୱାନ ରାସନ, ୱାନ ନେସନ ୱାନ ମୋବିଲିଟି, ୱାନ ନେସନ ୱାନ ସାଇନ ଲାଙ୍ଗୁଏଜ, ସେମିତି ୱାନ ନେସନ ୱାନ ୟୁନିଫର୍ମ ନୀତି ଆସୁ।

▶▶ପୃଷ୍ଠା ୭

## ଭୁବନେଶ୍ୱର-ପୁରୀ ଷ୍ଟେସନରେ ନିର୍ମାଣ ହେବ ଆଧୁନିକ 'ଯାତ୍ରୀ ସୁବିଧା କେନ୍ଦ୍ର': ରାଜ୍ୟରେ ୯୨ଟି ରେଳ ଓଭରବ୍ରିଜ୍ ନିର୍ମାଣ କରିବ କେନ୍ଦ୍ର

### ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଓଡ଼ିଶାରେ ୯୨ଟି ରେଳ ଓଭରବ୍ରିଜ୍ ନିର୍ମାଣ ସମେତ ଦିଲ୍ଲୀ ରେଳଷ୍ଟେସନ ଶୈଳୀରେ ଭୁବନେଶ୍ୱର ଓ ପୁରୀ ଷ୍ଟେସନରେ ଆଧୁନିକ 'ଯାତ୍ରୀ ସୁବିଧା କେନ୍ଦ୍ର' ନିର୍ମାଣ ହେବ । ରେଳ ମନ୍ତ୍ରଣାଳୟ ଏଥିପାଇଁ ଆବଶ୍ୟକ ପାଣ୍ଠି ଖର୍ଚ୍ଚ କରିବ । ଓଡ଼ିଶାରେ ରେଳବାଇ ଭିତ୍ତିଭୂମି ବିକାଶ ନିମନ୍ତେ ୯୨ଟି ରେଳ ଓଭରବ୍ରିଜ(ଆରଓବି) ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ



ଦେଇଛନ୍ତି। ରାଜ୍ୟରେ ୯୨ଟି ଆରଓବି ନିର୍ମାଣ ପାଇଁ ସମସ୍ତ ଖର୍ଚ୍ଚ କେନ୍ଦ୍ର ରେଳ ମନ୍ତ୍ରଣାଳୟ ବହନ କରିବ । ଓଡ଼ିଶା ସରକାରଙ୍କ ଏହି ପ୍ରସ୍ତାବକୁ ମନ୍ତ୍ରଣାଳୟ ଅନୁମୋଦନ ଦେଇଛନ୍ତି । ପୂର୍ବରୁ ରାଜ୍ୟରେ ଆରଓବି ନିର୍ମାଣ ଖର୍ଚ୍ଚ ଉଭୟ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ୫୦-୫୦ ପ୍ରତିଶତ ଅନୁପାତରେ ବହନ କରିବାକୁ ସ୍ଥିର ହୋଇଥିଲା । ମାତ୍ର ରାଜ୍ୟ ସରକାରଙ୍କ ଅନୁରୋଧ ପରେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଏହି ୯୨ଟି ଆରଓବି ନିର୍ମାଣ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଚିଠି ଲେଖି ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି । ଏହି ରେଳ ଓଭର ବ୍ରିଜଗୁଡ଼ିକ ନିର୍ମାଣ ଦ୍ୱାରା ରେଳ ଲାଇନ୍ କ୍ରସିଂରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇବ ଏବଂ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆସିବ । ଭୁବନେଶ୍ୱର ଓ ପୁରୀ ରେଳ



ଷ୍ଟେସନ ସମେତ ଦେଶର ମୋଟ ୭୬ଟି ଷ୍ଟେସନରେ ଅତିରିକ୍ତ 'ଯାତ୍ରୀ ସୁବିଧା କେନ୍ଦ୍ର' ବା ପ୍ରତୀକ୍ଷା ପାଇଁ ଉଦ୍ଦିଷ୍ଟ ଅଂଚଳ ନିର୍ମାଣ କରାଯିବ

▶▶ପୃଷ୍ଠା ୭

## ସ୍ୱାଭାବିକ ହେଲା ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି: ୨୪ ଘଣ୍ଟା ଧରି ଉପବାସ ରହିଥିଲେ ପ୍ରଭୁ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ସ୍ୱାଭାବିକ ହେଲା ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି । ସକାଳୁ ମଙ୍ଗଳ ଆଳତୀ ଅବକାଶ ସରିଛି। କିଛି ସମୟ ଭିତରେ ଆରମ୍ଭ ହେବ କୋଠ ଭୋଗ ପ୍ରକ୍ରିୟା । ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତିଙ୍କ ସୂଚନା । କାର୍ତ୍ତିକ ମାସ ପରି ପବିତ୍ର ଧର୍ମମାସରେ ଦେଖା ଦେଖାଦେଇଥିଲା ମହାବିଭ୍ରାଟ । କାଲିଠୁ ଉପାସରେ ରହିଥିଲେ ପ୍ରଭୁ ଲିଙ୍ଗରାଜ । ମନ୍ଦିର ନୀତିକାନ୍ତି ବନ୍ଦ କରିଥିଲେ ପାଳି ଥିବା ସମର୍ଥ। ନିଯୋଗ ସେବାୟତ। ଗତକାଲି ସକାଳୁ ସାହାଣ ମେଲା, ସୂର୍ଯ୍ୟ ପୂଜା ପରେ ଦ୍ୱାରପାଳ ପୂଜା ପରଠୁ ନୀତି କାନ୍ତି ବନ୍ଦ କରିଥିଲେ ସେବାୟତ । ନିଅଂଶ ପାଳି ପଡୁଥିବାରୁ ମନ୍ଦିର ପ୍ରଶାସନ ବିବାଦରେ ହସ୍ତକ୍ଷେପ କରି ସମାଧାନ ନକରିଥିବାରୁ ଲିଙ୍ଗରାଜ ମହାପ୍ରଭୁ ମହାକାର୍ତ୍ତିକ ମାସରେ ଖଡା ଉପବାସରେ ରହିଥିଲେ । ଯାହାଦ୍ୱାରା ହଜାର ହଜାର ହବିଷ୍ୟାଳି ମହାପ୍ରଭୁଙ୍କ ମହାପ୍ରସାଦ ପାଇବାରୁ ବଞ୍ଚିତ ହୋଇଛନ୍ତି । କାର୍ତ୍ତିକ ମାସ ପରି ପବିତ୍ର ଧର୍ମମାସରେ ଦେଖା ଦେଇଥିଲା ମହାବିଭ୍ରାଟ ।

▶▶ପୃଷ୍ଠା ୭

## ଓଡ଼ିଶାକୁ ଛୁଇଁଲା 'ଜାତି' ରାଜନୀତି

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ବିହାର, ୟୁପି ଭଳି ରାଜ୍ୟରେ ଜାତିକୁ ନେଇ ରାଜନୀତି ହୁଏ । ଯେଉଁ ଜାତିର ଅଧିକ ଭୋଟର ସେହି ଜାତିର ନେତା ପତିଆରା ଦେଖାନ୍ତି । ଶାସନ ଗାଦିରେ ବସନ୍ତି । ଓଡ଼ିଶାରେ କିନ୍ତୁ ଏ ଧରଣର ରାଜନୀତି ନଥିଲା । ଏବେ କଡ଼ ଲେଉଟାଇଛି ଓଡ଼ିଶା ଓ ଜାତିକୁ ନେଇ ଜୋର ଧରିଲାଣି ରାଜନୀତି । ବିଭିନ୍ନ କ୍ଷେତ୍ରରେ ଜାତି ଭିତ୍ତିରେ ସଂରକ୍ଷଣ ଦିଆଯିବାକୁ ନେଇ ସାରାଦେଶରେ ବିତର୍କ ଲାଗି ରହିଛି। ଏବେ ଏହା ଓଡ଼ିଶାକୁ ଛୁଇଁଛି । ପଛୁଆ ବର୍ଗ କମିସନ ଓଡ଼ିଶାରେ ଜନଶୁଣାଣି କରୁଥିବାବେଳେ, ରାଜ୍ୟର ପ୍ରାୟ ୫୦ରୁ ଅଧିକ ଜାତିର ୫୦୦ରୁ ଅଧିକ ପ୍ରତିନିଧି ସେମାନଙ୍କୁ ଏସଇବିସିରୁ ଓବିସି କରିବାକୁ ଦାବି କରିଛନ୍ତି। ବହୁ ଜାତିର ବନାନଜନିତ ତ୍ରୁଟି ଯୋଗୁଁ ସେମାନଙ୍କୁ କେନ୍ଦ୍ରୀୟ ଓବିସି ବର୍ଗରେ ସାମିଲ କରାଯାଇନି ବୋଲି ଜଣାଇଛନ୍ତି କମିସନଙ୍କୁ । ଏହାସହ ଜାତିଭିତ୍ତିକ ଜନଗଣନା, ସରକାରୀ ଓ ବେସରକାରୀ ଉଦ୍ୟୋଗରେ ନିଯୁକ୍ତି କ୍ଷେତ୍ରରେ ସମାନତା, ଓବିସି/ ଏସଇବିସିଙ୍କ ପାଇଁ ସଂରକ୍ଷଣ ସିଲିଂ ୫୦% ହଟାଇବା, ସ୍ୱତନ୍ତ୍ର କଲ୍ୟାଣ ପାଣ୍ଠି ଗଠନ ପାଇଁ ଦାବି ଜଣାଇଛନ୍ତି। କମିସନ କହିଛନ୍ତି, ଏ ସଂପର୍କରେ ସେ ସରକାରଙ୍କୁ ସୁପାରିସ କରିବେ । ଏପଟେ ଓବିସି କାର୍ଡର ଶ୍ରେୟ ନେବାକୁ ରାଜନୈତିକ ଦଳ ମଧ୍ୟରେ ଜୋର ଧରିଛି ବୟାନବାଜି । ପୂର୍ବ ସରକାରଙ୍କ ତ୍ରୁଟି ଯୋଗୁଁ ଓଡ଼ିଶାର ବହୁ ଜାତି କେନ୍ଦ୍ରୀୟ ପଛୁଆ ବର୍ଗରେ ସାମିଲ ହୋଇ ପାରି ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ବିଜେପି ନେତା ।

## ବିହାରରେ ମୋଦୀ ଓ ରାହୁଲଙ୍କ ହାଇଭୋଲଟେଜ ପ୍ରଚାର

ନୂଆଦିଲ୍ଲୀ,୩୦/୧୦ : ବିହାରରେ ଜୋର୍ ଧରିଛି ପ୍ରଚାର । ଏନଡିଏ ଓ ମହାଗଠବନ୍ଧନର ତୁଙ୍ଗ ନେତାମାନେ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମୁଜାଫରପୁର ଓ ଛପରାରେ ପ୍ରଚାର କରିଥିଲେ । କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଗାତାର ଦ୍ୱିତୀୟ ଦିନରେ ମହାଗଠବନ୍ଧନ ପାଇଁ ପ୍ରଚାର କରିଛନ୍ତି । ବିହାରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ପାଇଁ ମଝିରେ ଆଉ ମାତ୍ର ଆଉ



୪ଦିନ ବାକି । ଏଥିପାଇଁ ସବୁ ଦଳର ନେତା ଜି-ଜାନ୍ ଲଗାଇଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମୁଜାଫରପୁର ଓ ଛପରାରେ ପ୍ରଚାର କରି କଂଗ୍ରେସ ଓ ଆରଜେଡିକୁ କଡ଼ା ସମାଲୋଚନା କରିଥିଲେ । କଂଗ୍ରେସ ଓ ଆରଜେଡିର ପରିଚୟ ୫ ଶବ୍ଦରେ କହିଥିଲେ ମୋଦୀ । କଟା, କଟୁତା, କୁଶାସନ, କରପ୍ସନ ଓ କ୍ରୂରତା। ଏଥିପାଇଁ ବିହାରବାସୀ ଆଦି ସମାଲୋଚିତ ।

▶▶ପୃଷ୍ଠା ୭

# ଡକାୟତି ଓ ନାବାଳିକା ଦୁଷ୍କର୍ମ ମାମଲା : ୪ ଜଣଙ୍କୁ ୨୦ ବର୍ଷ ଲେଖାଏଁ ଜେଲ ଓ ୨୬ ହଜାର ଜୋରିମାନା

କନ୍ଧମାଳ, ୩୦/୧୦ (ନି.ପ୍ର): ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଆଜି ଏକ ୧୪ ବର୍ଷର ନାବାଳିକା ଦୁଷ୍କର୍ମ ଏବଂ ଡକାୟତି ମାମଲାର ବିଚାର କରି ମାମଲାର ୧୮ ଜଣ ସାକ୍ଷୀ, ଡ଼ାକ୍ତରୀ ରିପୋର୍ଟ, ପିଡିତାଙ୍କ ବୟାନ ଏବଂ ଟିଆଇ ପେରେଡ୍ ପରେ ଚିହ୍ନଟ ଅଭିଯୁକ୍ତ ମାନଙ୍କ ବିଚାର କରି ଅଶୋକ ମୁଖି (୨୪), ପିତା-ବୁଢୁମୁଖି ଗ୍ରାମ -ମୁସେଲିପାଙ୍ଗା ଥାନା -ଗୋଛାପଡା, ସୁଶାନ୍ତ ନାୟକ ୨୯ ବର୍ଷ ପିତା -ପିତବାସ ନାୟକ ଗ୍ରାମ-ସିମନବାଡି ଥାନା -ଦାରିଙ୍ଗିବାଡି, କୃପାକର ମୁଖି ୪୭ ବର୍ଷ ପିତା ମଧୁସୂଦନ ମୁଖି ଗ୍ରାମ -ସିମନବାଡି ଥାନା -ଦାରିଙ୍ଗିବାଡି,ଜେରହ ନାୟକ ୩୩ ବର୍ଷ ପିତା -ଦାରାସିଙ୍ଗ୍ ନାୟକ ଗ୍ରାମ -ସିମନବାଡି ଥାନା -ଦାରିଙ୍ଗିବାଡି, ଯୋଶେଫ୍ ରୁପାମାଝି ୨୫ ବର୍ଷ ପିତା-ଭୀମରୁପାମାଝି ଜିଲ୍ଲା -କନ୍ଧମାଳ ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୬ ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ, ସେମାନଙ୍କୁ ଆଉ ଅଧିକ ୫ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟ ରେ ଉଲ୍ଲେଖ କରିଛନ୍ତି ବିଚାରପତି । ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ପି.ପି୍,ନମାଳୀ ବେହେରା ମାମଲାକୁ ପରିଚାଳନା କରୁଥିଲେ । ସୂଚନା ଅନୁସାରେ, ୨୦୨୪ ମସିହା ଫେବୃଆରୀ ଅପ୍ରେଲ୍ ୨୪ ତାରିଖ ରାତି ୯ଟା ୩୦ ମିନିଟ୍ ରେ ମୁହଁରେ ମାକ୍ସ ପିନ୍ଧି ଘର ଭିତରକୁ ପଶି ଖାଇବାକୁ ମାଗିଥିଲେ । ସେମାନେ ପିସ୍ତଲ୍, କାତି ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ଟ୫୦,୦୦୦ଙ୍କା, ସୁନା ମାଳୀ, କାନଫୁଲ ଏବଂ ତିନୋଟି ମୋବାଇଲ୍ ଲୁଟ୍ କରିଥିଲେ । ସେମାନେ ନିଜକୁ ନକ୍ସଲ୍ ବୋଲି କହି ପିଡୀତାକୁ ଆମ ମାଡାମ୍ କୁ ଭାତ ଖାଇବାକୁ ନେଇ ଦେବୁ ବୋଲି ଟାଣି ଟାଣି ନେଇଥିଲେ । ଘର ଠାରୁ ୫୦ ମିଟର ଦୂର ଏକ ପଡିଆକୁ ନେଇ ତା' ସହିତ ଦୁଷ୍କର୍ମ କରିଥିଲେ । ଆସନ୍ତାକାଲି ଆସି ତୋତେ ନେଇଯିବୁ ଆଉ ଯଦି ନ ଆସୁ ତେବେ ତୋତେ ଆଉ ତୋ ଘର ଲୋକଙ୍କୁ ଜୀବନରେ ମାରିଦେବୁ ବୋଲି ଧମକ ଦେଇ ଚାଲିଯାଇଥିଲେ । ପିଡୀତା ଘର ଲୋକ ମାନଙ୍କୁ ଘଟିଥିବା ଘଟଣା କହିବାରୁ ପିଡୀତାର ପିତା ତାପର ଦିନ ଫିରିଙ୍ଗିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ, ଫିରିଙ୍ଗିଆ ପୋଲିସ ଏକ ମାମଲା ୧୦୭।୩୦.୪.୨୦୨୪ ରୁଜୁ କରି ଏସ୍ ଆଇ ଦୀପକ ରାଉତଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ସେ ମାମଲା ର ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ । ଆଜି ଆଜି ବିଚାରପତି ଉକ୍ତ ମାମଲାର ବିଚାର କରି ଉପୋରୋକ୍ତ ରାୟ ଶୁଣାଇଛନ୍ତି । ଏଥି ସହିତ ପିଡୀତାକୁ କ୍ଷତି ପୂରଣ ବାବଦକୁ ୬ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ରାଇକଳା ପରମ ଆନନ୍ଦ ଭାଗବତ ଟୁଙ୍ଗିରେ ସାପ୍ତାହିକ ଭାଗବତ ପାରାୟଣ ଉଦ୍‌ଯାପନ ପର୍ବ

କେନ୍ଦୁଝର, ୩୦/୧୦ (ନି.ପ୍ର): ସାପ୍ତାହିକ ଭାଗବତ ପାରାୟଣ ଉଦଯାପନ ଅବସରରେ ପ୍ରାତଃ ଆଳତି ପରେ ସୂର୍ଯ୍ୟ ପୂଜା, ଗୁରୁ ପୂଜା ଓ ସର୍ବଦେବମୟୀ ଗୋମାତାଙ୍କ ପୂଜା ଯଥାବିଧି ଅନୁଷ୍ଠିତ ହେଲା । ଆଚାର୍ଯ୍ୟ ଦାଶରଥି ପ୍ରଧାନ ଭଗବଦ୍ ଗୀତା,ଗୋପାଳ ସହସ୍ରନାମ ତଥା ହନୁମାନ ଚାଳିଶା ପାଠ କଲେ । ପରିଶେଷରେ ଭାଗବତ ପାରାୟଣ ଆରମ୍ଭ କରାଗଲ । ଆଚାର୍ଯ୍ୟ ଦାଶରଥି ପ୍ରଧାନ,ସଞ୍ଜୟ ପଣ୍ଡା,ତନ୍ମୟ ପଣ୍ଡା , ଗୋପାଳ ଦାସ,ଶ୍ରୋତା ନବୀନ ବାରିକ,ବାସନ୍ତୀ ବେହେରା ଭାଗବତ ପାଠ କରିଥିଲେ । ମୁଖ୍ୟ ଶ୍ରୋତା ଜିତେନ୍ଦ୍ର ବେହେରା ଓ ତାଙ୍କର ଧର୍ମପତ୍ନୀ ନନ୍ଦିତା ବେହେରା, ନବୀନ ବାରିକ ଓ ତାଙ୍କର ଧର୍ମପତ୍ନୀ ମଞ୍ଜୁ ବାରିକ ଏବଂ ବାସନ୍ତୀ ବାରିକ, ବେହେରା ପରିବାର ବର୍ଗ, ରାଇକଳା ଗ୍ରାମବାସୀ ତଥା କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ସଂସ୍କୃତି ବିଭାଗ ଜିଲ୍ଲା ସଂଯୋଜକ ତଥା ଯୋଡା ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଦଶରଥ ବାରିକ, ପାଟଣା ବ୍ଲକର ହର୍ଷ ସେଠୀ , ହରିଚନ୍ଦନପୁର ବ୍ଲକର ଅଭିମନ୍ୟୁ ବେହେରା, ମୟୂରଭଞ୍ଜ ଜିଲ୍ଲା ଶୁକୃଳି ନିବାସୀ ଶୁଦ୍ଧ ମହାକୁଡ ପ୍ରମୁଖ ଭାଗବତ ପ୍ରେମୀ ଭକ୍ତମାନେଏକାଦଶ ସ୍କନ୍ଧରେ କର୍ମ ଯୋଗ,ଭକ୍ତି ଯୋଗ ଓ ଜ୍ଞାନ ଯୋଗ ସାଧନର ନିୟମ, ସମ୍ବାଦି ତିନ ଗୁଣର ବୃତି ନିରୂପଣ, ଭାଗବତ ଧର୍ମ ନିରୂପଣ, ଉଦ୍ଧବଙ୍କ ବଦ୍ରିକା ଗମନ, ଭଗବାନଙ୍କ ସ୍ୱଧାମ ଗମନ ଏବଂ ଦ୍ୱାଦଶ ସ୍କନ୍ଧରେ କଳିଯୁଗର ଧର୍ମ,ରାଜା ପରୀକ୍ଷିତଙ୍କୁ ଶୁକଦେବଙ୍କ ଅନ୍ତିମ ଉପଦେଶ ତଥା ଶୁକଦେବଙ୍କର ପରମ ଗତି ଆଦି ପ୍ରସଙ୍ଗ ଶ୍ରଦ୍ଧା ଓ ଭକ୍ତିର ସହିତ ଶ୍ରବଣ କରିଥିଲେ । ଭାଗବତ ଭଗବାନଙ୍କ ଅପାର କରୁଣାରୁ ନିର୍ଦ୍ୱନ୍ଦ ନିର୍ବିଘ୍ନରେ ଭାଗବତ ପାରାୟଣ ସମ୍ପୂର୍ଣ୍ଣ କରି ବିଶ୍ୱ ଶାନ୍ତି ପାଇଁ ସାମୁହିକ ପ୍ରାର୍ଥନା କରି ପୂର୍ଣ୍ଣାହୁତି ଯଜ୍ଞ ଅନୁଷ୍ଠିତ ହୋଇଥିଲା ଏବଂ ପୂଜ୍ୟ ପୂଜା ପରମ୍ପରା ଅନୁଯାୟୀ ଟୁଙ୍ଗି ସଭାପତି ଜିତେନ୍ଦ୍ର ବେହେରା ଗ୍ରାମର ବୟୋଜ୍ୟେଷ୍ଠ ମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କଲେ ।

# ଖରିଫ ଫସଲ ଯୋଜନା ଓ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦୁଝର ଜିଲ୍ଲା ସମ୍ମାନିତ

କେନ୍ଦୁଝର, ୩୦/୧୦ (ନି.ପ୍ର): ଖରିଫ ଫସଲ ଯୋଜନା ଓ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ୨୦୨୫ ଋତୁ ପାଇଁ ସର୍ବୋତମ ପ୍ରଦର୍ଶନକାରୀ ଜିଲ୍ଲାଭାବେ କେନ୍ଦୁଝର ଜିଲ୍ଲା ପୁରସ୍କୃତ ହୋଇଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଯୋଗୁଁ କେନ୍ଦୁଝର ଜିଲ୍ଲାକୁ ଏହି ସମ୍ମାନ ମିଳିପାରିଛି । ରାଜ୍ୟସ୍ତରରେ ଆୟୋଜିତ ଏକ ବିଶେଷ ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀଙ୍କ ଠାରୁ ମୃତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି ଏହି ପୁରସ୍କାର ଗ୍ରହଣ କରିଛନ୍ତି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ କେନ୍ଦୁଝର ଜିଲ୍ଲା ରାଜ୍ୟରେ ଦ୍ୱିତୀୟ ସର୍ବାଧିକ ଶ୍ରମ ଦିବସ ସୃଷ୍ଟି କରି ବ୍ୟୟ ତାଲିକାରେ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଛି । ଏଥିରେ ଜିଲ୍ଲାରେ ମୋଟ ୨୪୪୯୮୩ ଶ୍ରମ ଦିବସ ସୃଷ୍ଟି କରାଯାଇ ୭.୩୨ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି । ନରେଗାରେ ୨୩୨ ହେକ୍ଟରରେ କାଜୁ ଚାରା, ୭୫ ହେକ୍ଟରରେ ଆମ୍ବ ଚାରା ଓ ୮୦୦ ହେକ୍ଟର ଜମିରେ ଛାୟା ବୃକ୍ଷରୋପଣ କରାଯାଇଛି । ମୃତିକା ସଂରକ୍ଷଣ ଓ ଜଳ ବିଭାଜିକା ଅଧୀନରେ ଓଡ଼ିଶା କଫି ମିଶନ ଯୋଜନାରେ ଚଳିତ ବର୍ଷ ୨୮ ହେକ୍ଟରରେ କଫି ଚାଷ କରାଯାଇଥିବାବେଳେ ୮୦୦ ହେକ୍ଟର ଜମିରେ ଛାୟା ବୃକ୍ଷ ଯଥା ଆମ୍ବ, ଜାମୁକୋଳି ଓ ସିଲ୍ଭର ଓକ ଆଦି ରୋପଣ କରାଯାଇଥିଲା । ଏଥିରେ ୬୫ଜଣ ହିତାଧିକାରୀ ଲାଭବାନ ହୋଇପାରିଛନ୍ତି । ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା ଅନ୍ତର୍ଗତ ଜଳ ବିଭାଜିକା ଉନ୍ନୟନ ଯୋଜନାରେ ୪୫ଟି ଜଳ ଅମଳ ପ୍ରକଳ୍ପ, ଟ୍ରେଂଚ, ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ହୋଇଥିବାବେଳେ ଜୀବନ ବିକାଶ ଓ ଅଣୁ ଉଦ୍‌ଯୋଗ କାର୍ଯ୍ୟକ୍ରମ ମାଧମରେ ୭୫୫ ହିତାଧିକାରୀ ଲାଭବାନ ହୋଇଛନ୍ତି । ସେହିପରି ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୩୬୦ ଜଣ ହିତାଧିକାରୀ ଉପକୃତ ହୋଇଥିବାବେଳେ ବ୍ୟୟ ଅଟକଳ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇପାରିଛି । ଅଭିନବ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅଧୀନରେ ୯୨ ହେକ୍ଟର ଓ ସରହଦ ବୃକ୍ଷରୋପଣ ଅଧୀନରେ ୨୯୦୦୦ ଚାରାରୋପଣ କରାଯାଇଛି । ଏହି ଯୋଜନା ସମେତ ଓଡ଼ିଶା ଖଣିଜ ବହନ କ୍ଷେତ୍ର ଉନ୍ନୟନ ନିଗମ(ଓଏମବିଏଡିସି) ଅଧୀନରେ ୫୨ଟି କ୍ଷେତ ପୋଖରୀ ନିର୍ମାଣ କରାଯାଇ ବ୍ୟୟ ଅଟକଳର ଶତ ପ୍ରତିଶତ ଖର୍ଚ୍ଚ ହୋଇପାରିଛି । ସେହିପରି ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅନୁଦାନରେ ୮୨ଟି ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଛି । ଏ ସମସ୍ତ ଯୋଜନାର ସଫଳ ରୂପାୟନ ଯୋଗୁଁ କେନ୍ଦୁଝର ଜିଲ୍ଲାକୁ ଏହି ସମ୍ମାନ ମିଳିପାରିଛି ।

# ସୂର୍ଯ୍ୟଘର ବେନିଫିସିଆରି ଟଚ ପଏଣ୍ଟ ଉଦ୍‌ଘାଟିତ

ଭୁବନ, ୩୦/୧୦ (ନି.ପ୍ର): ଭୁବନ ଏନ୍ ଏ ସି ଅନ୍ତର୍ଗତ ଲତାବିଲ ଥରେ 'ସାସା ଇଞ୍ଜିନିୟରିଂ ଏଣ୍ଡ ଏନର୍ଜି ' ଦ୍ୱାରା ପି.ଏମ. ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା' ଅଧୀନରେ ଏକ ବେନିଫିସିଆରି ଟଚ ପଏଣ୍ଟ ?ର ଉଦଘାଟିତ ହୋଇଛି । ଏହି ଅବସରରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଯୋଗଦେଇ ସରକାରଙ୍କ ଲକ୍ଷ୍ୟ ହେଉଛି ସଫା ଉର୍ଜାକୁ ପ୍ରୋତ୍ସାହନ ଦେଇ ପ୍ରତ୍ୟେକ ଘରକୁ ସୂର୍ଯ୍ୟ ଶକ୍ତି ମାଧମରେ ବିଜୁଳି ପହଂଚାଇବା ବାର୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମାନ୍ୟଗଣ୍ୟ ଭଦ୍ର ବ୍ୟକ୍ତି, ଉର୍ଜା ବିଭାଗ ସମ୍ବନ୍ଧୀୟ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ । ସାସା ଇଞ୍ଜିନିୟରିଂ ଏଣ୍ଡ ଏନର୍ଜିର ପ୍ରୋପ୍ରାଇଟର ଏବଂ ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ସନ୍ଦୀପ କୁମାର ଦାଶ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇ ସରକାରଙ୍କ ଗ୍ରୀନ୍ ଏନର୍ଜି ଉଦ୍ୟମରେ ନିଜ ନିଷ୍ଠା ପୁନରୁଚ୍ଚାର କରିଥିଲେ । ସଂସ୍ଥା ପକ୍ଷରୁ ସୂର୍ଯ୍ୟ ଶକ୍ତି ସଂସ୍ଥାପନ ଓ ରକ୍ଷାପୋଷଣ ରେ ସମଗ୍ର ସେବା ପ୍ରଦାନ କରି ଗ୍ରାମ ଓ ସହର ଅଂଚଳରେ ଶସ୍ତା ଉର୍ଜା ଯୋଗାଣକୁ ନିଶ୍ଚିତ କରିବା ଲକ୍ଷ୍ୟ ରହିଛି । ସାସା ଇଞ୍ଜିନିୟରିଂ ଏଣ୍ଡ ଏନର୍ଜିର ସନ୍ଦୀପ କୁମାର ଦାଶ, ଆଶିଷ ରଞ୍ଜନ ଦାଶ, ଅରବିନ୍ଦ ଦାଶ, ସଞ୍ଜୀବ କୁମାର ମହାପାତ୍ର, ମାଳବିକା ମିଶ୍ର, ପ୍ରିୟବ୍ରତ ସାହୁ, ନିହାରିକା ପ୍ରଧାନ, ମୋନାଲିସା ମିଶ୍ର (ଭୁବନ ଅଫିସ୍ ପ୍ରୋପ୍ରାଇଟର) ମଧୁସ୍ମିତା ସେନ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ସମ୍ବଲପୁର, ୩୦/୧୦ (ନି.ପ୍ର): ଚଳିତ ବର୍ଷ ଅକ୍ଟୋବର ୨୭ ତାରିଖ ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପଂଚାୟତ, ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ସମାରୋହ ଦୁର୍ନୀତି ନିବାରଣ ନିମନ୍ତେ ସଚେତନ କରାଇବା ପାଇଁ ଜିଲ୍ଲା ପ୍ରସାଶନ ଏବଂ ଭିଜିଲାନ୍ସ ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳୀରାମ ବୋନ୍ଦର (ଭା.ପ୍ର.ସେ), ସମ୍ବଲପୁର ଆରକ୍ଷୀ ଅଧିକ୍ଷକ, ସମ୍ବଲପୁର ମୁକେଶ ଭାମୁ(ଭା.ପୋ.ସେ), ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତର ଆଇନ ବିଭାଗ (ପିଜି ଲ) ସହାୟକ ଅଧକ୍ଷ ଡ. ପ୍ରୟାସ ଦନସନା, ସମ୍ବଲପୁର ଖଣ୍ଡ ର ଦୁର୍ନୀତି ନିବାରଣ ବିଭାଗ ର ଏସପି ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦିବେଦୀ, ଆଇ.ଏ.ଏସ ପ୍ରୋବେସନାରୀ ସୁଭ୍ରା ପଣ୍ଡା ପ୍ରମୁଖ ମଂଚାସୀନ ଥିଲେ । ଜିଲ୍ଲାପାଳ ସମ୍ବଲପୁର, ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ସମାରୋହରେ ଯୋଗଦେଇ ଦୁର୍ନୀତିର ମୂଳୋତ୍ପାଟନ କରିବା ପାଇଁ ହେଲେ ଆମକୁ ସଚ୍ଚୋଟ ଓ ସତ୍ୟନିଷ୍ଠ ହେବାକୁ ପଡିବ ବୋଲି କହିଥିଲେ । ଦୁର୍ନୀତି ବିରୋଧରେ ଲଢ଼ିବା କେବଳ ଆମ ପ୍ରଶାସନର ଏକ କର୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ । ଦୁର୍ନୀତି ଯୋଗୁ ସାଧାରଣ ଲୋକଙ୍କ ବିଶ୍ୱାସ ଆମ ବ୍ୟବସ୍ଥା ଉପରେ ଭାଙ୍ଗି ଯାଏ, ଆମ ଶାସନର ମୂଳଦୁଆକୁ ଦୁର୍ବଳ କରିଦିଏ । ତେଣୁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ନୀତିରୁ ଦୂରେଇ ରହି ସଚ୍ଚୋଟତାର ସହ ଲୋକଙ୍କ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତର ଆଇନ ବିଭାଗ (ପିଜି ଲ) ସହାୟକ ଅଧକ୍ଷ ଡ. ପ୍ରୟାସ ଦନସନା ଯୋଗଦେଇ ଦେଶକୁ ଚଳାଇବା ପାଇଁ କିଛି ଲୋକଙ୍କୁ ପାୱାର ଦିଆଯାଇଛି କିନ୍ତୁ ସେହି ପାୱାରକୁ କେମିତି ମନିଟର କରିବା ତାହା ଆମ ଉପରେ ନିର୍ଭର କରେ । ସେଥିଲାଗି ଆମକୁ ଜାଗୃତ ହେବାକୁ ପଡ଼ିବ, ଏହା ବିଶେଷ କରି ଯୁବବର୍ଗଙ୍କ ପାଇଁ ବହୁତ ଜରୁରୀ କାରଣ ସେମାନେ ଆମ ଦେଶର ଭବିଷ୍ୟତ ବୋଲି ସେ ମତବ୍ୟକ୍ତ କରିଥିଲେ । କରପ୍ସନ ପର୍ସେପଶନ ଇଣ୍ଡେକ୍ସରେ ଭାରତର ରାଙ୍କ ୯୬ ଅଛି ବୋଲି ସୂଚନା ଦେଇଥିଲେ । ଦୁର୍ନୀତିର ମୂଳୋତ୍ପାଟନ କେବଳ ପ୍ରଶାସନିକ ଅଧିକାରୀଙ୍କର ଦାୟିତ୍ୱ ନୁହେଁ, ଏହା ଆମର ଦାୟିତ୍ୱ ବୋଲି ସେ ପ୍ରକାଶ କରିଥିଲେ । ଆରଟିଆଇ ଏକ ଏମିତି ସରକାରୀ ବ୍ୟବସ୍ଥା ଯାହା ସାଧାରଣ ଲୋକ ମାନଙ୍କୁ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା କ୍ଷମତା ପ୍ରଦାନ କରେ । ତେଣୁ ସରକାରଙ୍କ ଦ୍ୱାରା ପ୍ରଚଳିତ ନିୟମ କାନୁନ ଅଛି ଯାହାକୁ କାଗଜକଲମରେ ସୀମିତ ନରଖି ତାହାର ଉଚିତ ସଦୁପଯୋଗ କରିବାକୁ ଡ. ପ୍ରୟାସ ଦନସନା ପରାମର୍ଶ ଦେଇଥିଲେ । ଦୁର୍ନୀତିର ମୂଳୋତ୍ପାଟନ କରିବା ହେଲେ ସମାଜ ସବୁ କ୍ଷେତ୍ରରେ ସୁଶାସନ ରହିବା ଆବଶ୍ୟକତା ରହିଛି ବୋଲି କହିଥିଲେ । ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ମଧ ସ୍କୁଲ ମାନଙ୍କରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ଆଜିର ସଭାରେ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସମାରୋହରେ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟିକ ଗୋଷ୍ଠୀର ସଦସ୍ୟା ମାନେ ଅଂଶ ଗ୍ରହଣ କରିଥିଲେ ।

# ବଲାଙ୍ଗିର ହେବ ହରଡ ବିହନ ଉତ୍ପାଦନର ଅଗ୍ରଣୀ ଜିଲ୍ଲା

ବଲାଙ୍ଗିର, ୩୦/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ଓଡିଶା ସରକାରଙ୍କ କୃଷି ବିଭାଗ ଓ ଅନ୍ତର୍ଜାତୀୟ ଶୁଷ୍କାଂଚଳ କୃଷି ଗବେଷଣା କେନ୍ଦ୍ର (ଇକାର୍ଡା)ଙ୍କ ମିଳିତ ଆନୁକୁଲ୍ୟରେ ବିଲୁପ୍ତ ପ୍ରାୟ ଫସଲ ସମୂହର ପୁନରୁଦ୍ଧାର ନିମନ୍ତେ ଦୀର୍ଘସ୍ଥାୟୀ ସଘନ କୃଷି ଯୋଜନା ମାଧମରେ ୧୦୦୦ ହେକ୍ଟରରେ ଅଧିକ ଅମଳକ୍ଷମ ହରଡ ବିହନ ଉତ୍ପାଦନ କାର୍ଯ୍ୟକ୍ରମ ନିଆଯାଇଛି । ହରଡ ବିହନ ଉତ୍ପାଦନରେ ଆମ ରାଜ୍ୟକୁ ସ୍ୱାବଲମ୍ବୀ କରିବା ସହିତ ଚାଷିମାନଙ୍କର ଆର୍ଥିକ ଉନ୍ନତି ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ପ୍ରଣୟନ କରାଯାଉଛି । ଏହି କ୍ରମରେ ଆଜି ଇକାର୍ଡା ସଂସ୍ଥାର ଆଂଚଳିକ ସଂଯୋଜକ (ଦକ୍ଷିଣ ଏସିଆ ଓ ଚୀନ) ଡ. ଶିବ କୁମାର ଅଗ୍ରୱାଲ ଓ ଓଡିଶା ପ୍ରତିନିଧି ଡ. କିଶୋର କୁମାର ବେହେରା ଦେଓଗାଁ ବ୍ଲକର ପରୁଆଭାଡି ଗ୍ରାମରେ ପରୀକ୍ଷାମୂଳକ ଭାବରେ ଚାଷ କରାଯାଇଥିବା ଅଧିକ ଅମଳକ୍ଷମ ହରଡ ବିହନ କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି ଗ୍ରାମରେ ୧୦ଟି ପ୍ରଜାତିର ଅଧିକ ଅମଳକ୍ଷମ ହରଡ ବିହନର ପରୀକ୍ଷାମୂଳକ ଭାବରେ ଚାଷ କରାଯାଇଛି । ଏହି କ୍ଷେତ୍ର ପରିଦର୍ଶନ ସହିତ ଦେଓଗାଁ ଓ ପାଟଣାଗଡ ବ୍ଲକର ବିଭିନ୍ନ ଅଗ୍ରଣୀ ଚାଷୀ ଙ୍କ ହରଡ ବିହନ ଉତ୍ପାଦନ କ୍ଷେତ୍ରକୁ ଡ. ଅଗ୍ରୱାଲ ନିରୀକ୍ଷଣ କରିଥିଲେ । ପରିଦର୍ଶନ ପରେ ଜିଲ୍ଲାର ହରଡ ବିହନ ଉତ୍ପାଦନକାରୀ ଅଗ୍ରଣୀ ଚାଷୀମାନଙ୍କ ସହିତ ମତ ବିନିମୟ କରିଥିଲେ ।

ସୂଚନାଯୋଗ୍ୟ ଯେ, ଏହି ଯୋଜନାରେ ଗତ ୩ ବର୍ଷରେ ବଲାଙ୍ଗିର ଜିଲ୍ଲାର ହରଡ ବିହନ ଉତ୍ପାଦନ କରି ୧୦୦୦ କ୍ୱିଂଟାଲରୁ ଅଧିକ ଅମଳକ୍ଷମ ହରଡ ବିହନକୁ ଓଡିଶା ରାଜ୍ୟ ବିହନ ନିଗମକୁ ଯୋଗାଇ ଦିଆଯାଇଛି । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରି ବଲାଙ୍ଗିରକୁ ହରଡ ବିହନ ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବା ପାଇଁ ବିଭିନ୍ନ ଦିଗ ଉପରେ ଚାଷୀମାନଙ୍କ ମଧରେ ଆଲୋଚନା କରାଯାଇଥିଲା ।

# ସାଇବର ସୁରକ୍ଷା ସଂପର୍କିତ ସେଲଫି ପଏଂଟ ଉଦ୍‌ଘାଟିତ

ଜୟପୁର, ୩୦/୧୦ (ନି.ପ୍ର): ଜୟପୁର ଟାଉନ ପୁଲିସ ପକ୍ଷରୁ ଥାନା ପରିସରରେ ଏକ ସାଇବର ସୁରକ୍ଷା ସମ୍ପର୍କିତ ସେଲଫି ପଏଂଟ ଉଦଘାଟିତ ହୋଇଯାଇଛି । ଏସଡିପିଓ ପାର୍ଥ କଶ୍ୟପ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ସେଲଫି ପଏଂଟର ଉଦଘାଟନ କରିଥିଲେ । ଶ୍ରୀ କଶ୍ୟପ ଆଜିର ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି । ଏହା କେବଳ ସରକାର କିମ୍ବା ପୁଲିସର ଦାୟୀତ୍ୱ ନୁହେଁ ପ୍ରତ୍ୟେକ ନାଗରିକ ମଧ ସଚେତନ ରହିବା ଓ ଅନଲାଇନ ତଥ୍ୟ ସୁରକ୍ଷିତ ରଖିବା । ସାଇବର ଅପରାଧୀମାନେ ବିଭିନ୍ନ ନୂତନ ଉପାୟ ଦ୍ୱାରା ଲୋକଙ୍କୁ ଠକୁଛନ୍ତି, ତେଣୁ ବ୍ୟାଙ୍କ ଖାତା, ଆଧାର ସମ୍ବଖ୍ୟା, ଓଟିପି, ପାସ୍ୱାର୍ଡ ଭଳି ଗୁପ୍ତ ତଥ୍ୟ କାହାକୁ ମଧ ଦେବା ଉଚିତ ନୁହେଁ ବୋଲି କହିଥିଲେ । ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ଉପସ୍ଥିତ ରହି ସାଇବର ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ଆସନ୍ତା ୨ ତାରିଖ ଦିନ ସାଇବର ସୁରକ୍ଷା ରଥ ଜୟପୁର ଠାରେ ପହଁଚିବା ପରେ ଭବ୍ୟ ସ୍ୱାଗତ କରାଯାଇ ବିକ୍ରମଦେବ କଲେଜ ପଡିଆରେ ରଖାଯିବ । ମହିଳା, ବରିଷ୍ଠ ନାଗରିକ ଓ ପୁରଷ ଏହିପରି ୩ଟି ବର୍ଗରେ ୫ କିଲୋମିଟର ଦୌଡ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ସନ୍ଧ୍ୟାରେ ସ୍ଥାନୀୟ ରଥପଡିଆ ଠାରେ ଏକ ପଥପ୍ରାନ୍ତ ନାଟକ କରାଯାଇ ସାଇବର ସୁରକ୍ଷା ସଚେତନତା ବାର୍ତା ଦିଆଯିବ ବୋଲି କହିଥିଲେ । ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ ପ୍ରତିଯୋଗୀତା କରାଯିବ । କୃତି ପ୍ରତିଯୋଗୀ ମାନଙ୍କୁ ସନ୍ଧ୍ୟାରେ ପୁରସ୍କାର ପ୍ରଦାନ କରାଯିବ । ଏପରିକି ସଚେତନତା କାର୍ଯ୍ୟକ୍ରମ ଗ୍ରାମ ସ୍ତର ପର୍ଯ୍ୟନ୍ତ ପହଂଚାଇବାକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରାଇବା ଆମ ସମସ୍ତଙ୍କ ଦାୟୀତ୍ୱ ବୋଲି କହିଥିଲେ । ବିଶେଷ କରିଯୁବ ପିଢିଙ୍କ ମଧରେ ସାଇବର ଅପରାଧ ସମ୍ବନ୍ଧୀୟ ଜ୍ଞାନ ଓ ସଚେତନତା ବିସ୍ତାର କରିବା ଦରକାର । ଏହି କାର୍ଯ୍ୟକ୍ରମରେ ରୟାଲ ଜୁନିଅର କଲେଜର ଛାତ୍ରଛାତ୍ରୀଙ୍କ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ।

# କେନ୍ଦୁଝରଠାରେ ବିଶ୍ୱ ଷ୍ଟ୍ରୋକ ଦିବସ ପାଳିତ

କେନ୍ଦୁଝର, ୩୦/୧୦ (ନି.ପ୍ର): ଆଜି ଜିଲ୍ଲା ସ୍ତରୀୟ ଷ୍ଟ୍ରୋକ ଦିବସ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଜିଲ୍ଲା ଚିକିତ୍ସାଧିକାରୀ ଅଧିକ୍ଷକ ଡାକ୍ତର ପ୍ରଦୀପ କୁମାର ମିଶ୍ର ଉକ୍ତ ବୈଠକରେ ଅଧକ୍ଷତା କରି ନିଜ ଅଭିଭାଷଣରେ ଷ୍ଟ୍ରୋକର ମୁଖ୍ୟ କାରଣ ଓ ପ୍ରତିଷେଧକ ଉପରେ ଆଲୋକପାତ କରିଥିଲେ । ମଧୁମେହ ଓ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ଦ୍ୱାରା ଷ୍ଟ୍ରୋକ ପ୍ରତିରୋଧ କରାଯାଇପାରିବ ଓ ଏଥିରୁ ସୁରକ୍ଷିତ ରହିବା ପାଇଁ କମ ଲୁଣ, ଅଧିକ ତନ୍ତୁଯୁକ୍ତ ଓ କମ ଚର୍ବି ମୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଥିଲେ । ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ ଅତିରିକ୍ତ ଜନସ୍ୱାସ୍ଥ୍ୟ ପରିବାର କଲ୍ୟାଣ ନିୟମିତ ରକ୍ତଚାପ ଓ ମଧୁମେହର ପରୀକ୍ଷା, ଯୋଗ ପ୍ରାଣାୟାମ ଓ ବ୍ୟାୟାମ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୁଷୋତମ ମହାନ୍ତ ଷ୍ଟ୍ରୋକର ଶୀଘ୍ର ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

# ବଲାଙ୍ଗିର ପୃଥ୍ୱୀରାଜ ଗୋଶାଳାରେ ଗୋପାଷ୍ଟମୀ ପାଳନ

ବଲାଙ୍ଗିର, ୩୦/୧୦ (ନି.ପ୍ର): କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ବୁଧବାର ଗୋପାଷ୍ଟମୀ ଉପଲକ୍ଷେ ଗୋ ମହୋତ୍ସବ ବଲାଙ୍ଗିରର ସର୍ବ ପୁରାତନ ପୃଥ୍ୱୀରାଜ ଗୋଶାଳା ଠାରେ ଗୋପୁଜନ ତଥା ମହୋତ୍ସବ ପରିଚଳନ କମିଟି ଦ୍ୱାରା ପାଳିତ ହୋଇଯାଇଛି । ଆଜି ସକାଳ ୭ଟାରୁ ପୂଜା ଆରମ୍ଭ ହୋଇଥିଲା ବେଳେ ସକାଳ ୮ଟା ରେ ହାବନ ହୋଇଥିଲା । ଦିନ ତମାମ ଗୋଶାଳାରେ ଶ୍ରଦ୍ଧାଳୁ ମାନେ ଗୋ ପୂଜନ ଗୋସେବା କରିବା ସହିତ ଗୋଶାଳା ପରିଚାଳନା ପାଇଁ ତୁଳାଦାନ ତଥା ବର୍ଷତମାମ ଗୋ ସେବା ପାଇଁ ଶକ୍ତି ମୁତାବକ ଦାନ କରିଥିଲେ । ପୂଜ୍ୟ ସ୍ୱାମୀ ଶ୍ୟାମନନ୍ଦ ଦାସଜି ମହାରାଜଙ୍କ ମୁଖରୁ ଗୋ ମହାତ୍ମ୍ୟ ଉପରେ ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ କହିଥିଲେ । ସମସ୍ତ ଭକ୍ତ ମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ଗୋଶାଳା କମିଟି ସଭାପତି ନରେନ୍ଦ୍ର ଜୈନ ସମ୍ପାଦକ ପ୍ରଫୁଲ୍ଲ ଜୈନ କୋଷାଧକ୍ଷ ବିକାଶ ଅଗ୍ରୱାଲ, ଜୈନ ସମାଜରାଜ୍ୟ ସଭାପତି ମନୋଜ ଜୈନ, ମାରୱାଡ଼ି ସମାଜ ସଭାପତି ସଞ୍ଜୟ ଅଗ୍ରୱାଲ, ଶ୍ରୀ ରାମ ଚରିତ ମାନସ ମନ୍ଦିର ସଭାପତି ସନ୍ତୋଷ ଅଗ୍ରୱାଲ, ପୂର୍ବ ସଭାପତି ପୁରାତନ ସଦସ୍ୟ ବଜରଙ୍ଗ ଅଗ୍ରୱାଲ ଓ ନକୁଲ ଅଗ୍ରୱାଲ ସମେତ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଗୋପ୍ରେମି ଉତ୍ସବରେ ସହଯୋଗ କରିଥିଲେ । ପଣ୍ଡିତ ବିଜୟ ଶର୍ମା ପୂଜା ଓ ଅନୁଷ୍ଠାନ କାର୍ଯ୍ୟ ପରିଚାଳନା କରିଥିଲେ ।

# ଧାଙ୍ଗୁଆଁନ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ

ଘଟଗାଁ , ୩୦/୧୦ (ନି.ପ୍ର): ସ୍ଥାନୀୟ ବ୍ଲକ ଅଧିନସ୍ଥ କଟରା ବେଡା ଠାରେ ପ୍ରଥମ ବାର୍ଷିକ ଧାଙ୍ଗୁଆନ ନୃତ୍ୟ ପ୍ରତିଯୋଗିତା ମହା ସମାରୋହରେ ଗତକାଲି ପାଳିତ ହୋଇଯାଇଛି ଉକ୍ତ ପ୍ରତିଯୋଗିତାରେ କେନ୍ଦୁଝର ସମେତ ମୟୁରଭଞ୍ଜ ଜିଲାରୁ ମୋଟ ୨୬ଟି ଧାଙ୍ଗୁଆ ନୃତ୍ୟଦଳ ଅଂଶ ଗ୍ରହଣ କରି ନୃତ୍ୟ ପ୍ରଦର୍ଶନ କରିଥିଲେ ଏଥି ମଧରୁ ସଦର ଉପଖଣ୍ଡ ଅନ୍ତର୍ଗତ ପାଟଣାବ୍ଲକର ବାଘମରାଧାଙ୍ଗୁଆନ ଦଳ ନୃତ୍ୟଗୀତବାଦ୍ୟ ଓ ଅଙ୍ଗଭଙ୍ଗି ବେସଭୁଷା ଦୃଷ୍ଟିରୁଉଚ୍ଚକୋଟି ଥିବାରୁ ବିଚାରକ ମଣ୍ଡଳୀଙ୍କଦ୍ୱାରା ପ୍ରଶଂସିତ ହେବା ସଂଗେ ପ୍ରଥମ ସ୍ଥାନରେଘୋଷଣା କରିଥିଲେ ନୃତ୍ୟ ପ୍ରତି ଯୋଗିତଧାଙ୍ଗୁଆ ଦଳର ଗାୟକ ଭୈରବ ମହନ୍ତ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା ।

# ଚକଦର ପ୍ରକଳ୍ପ ବିରୋଧରେ ପୁଣି ମେଳି

କେନ୍ଦୁଝର, ୩୦/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଉପାନ୍ତ ତେଲକୋଇ ବ୍ଲକ୍ କରଦାଙ୍ଗି ପଂଚାୟତ ଅନ୍ତର୍ଗତ ସମାକୋଇ ନଦୀର ତଳମୁଣ୍ଡ ଚକଦରଠାରେ ପ୍ରସ୍ତାବିତ ସମାକୋଇ ଚକଦର ଜଳସେଚନ ପ୍ରକଳ୍ପକୁ ସଂପୂର୍ଣ୍ଣ ବନ୍ଦ କରିବାପାଇଁ ପୁଣି ମେଳି କରିଛନ୍ତି ସ୍ଥାନୀୟ ବାସିନ୍ଦା । ଆସନ୍ତା ୩୧ତାରିଖରେ ସମାକୋଇ ଚକଦର ସମନ୍ୱୟ ସମିତି ପକ୍ଷରୁ ତେଲକୋଇ ପୂର୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ପଟୁଆର ବାହାରି ବଜାର ପରିକ୍ରମା କରିବା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସମାକୋଇ ଚକଦର ସମନ୍ୱୟ ସମିତିର ବରିଷ୍ଠ ଉପଦେଷ୍ଟା ବାବୁଲାଲ ପ୍ରଧାନ ପ୍ରକାଶ କରିଛନ୍ତି । ଏହି ପ୍ରକଳ୍ପକୁ ବନ୍ଦ କରିବାପାଇଁ ୪୮ବର୍ଷ ହେଲା ସ୍ଥାନୀୟ ବାସିନ୍ଦା ଦାବି କରିଆସୁଛନ୍ତି । ୧୯୭୮ରେ ପ୍ରସ୍ତାବିତ ସମାକୋଇ ଜଳସେଚନ ପ୍ରକଳ୍ପର ଶୁଭଦିଆଯାଇଥିଲା । ଏହାକୁ ଅନୁଗୁଳ ଜିଲ୍ଲା ପରିବର୍ତ୍ତେ କେନ୍ଦୁଝର ଜିଲ୍ଲା ତେଲକୋଇ ତହସିଲର କରଦାଙ୍ଗି ପଂଚାୟତ ଅନ୍ତର୍ଗତ ସମାକୋଇ ନଦୀର ତଳମୁଣ୍ଡ ଚକଦରଠାରେ ନିର୍ମାଣ କରିବାପାଇଁ ଅପଚେଷ୍ଟା କରାଯାଉଛି ବୋଲି ସମନ୍ୱୟ ସମିତି ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ କହିଛନ୍ତି । ସରକାର ପ୍ରସ୍ତାବିତ ପ୍ରକଳ୍ପକୁ ଅନୁଗୁଳ ଜିଲ୍ଲା ସମାକୋଇ ନଦୀର ଉପର ମୁଣ୍ଡରେ ନିର୍ମାଣ କରିବାକୁ ଦାବି କରାଯାଇଛି । କୌଣସି ପରିସ୍ଥିତିରେ ଚକଦରଠାରେ ପ୍ରକଳ୍ପ କରାଇ ଦିଆଯିବ ନାହିଁ ବୋଲି ସମନ୍ୱୟ ସମିତି ସଭାପତି କୈଳାସ ଚନ୍ଦ୍ର ପ୍ରଧାନ ଚେତାବନୀ ଦେଇଛନ୍ତି । ସେହିପରି ଚକଦରଠାରେ ପ୍ରକଳ୍ପ ନିର୍ମାଣ କରାଗଲେ ଶହଶହ ଲୋକ ଭିଟାମାଟି ହରାଇ ବିସ୍ଥାପିତ ହେବେ । ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କାର୍ଯ୍ୟକାରୀ ସଭାପତି କେଶରୀ ରାଉତ କହିଛନ୍ତି ।

# ଅବକାରୀ ଚଢ଼ଉ : ୬ ଅଭିଯୁକ୍ତ ଗିରଫ

ଜୟପୁର, ୩୦/୧୦ (ନି.ପ୍ର): ଦେଶି ମଦ ଚାଲାଣ ଓ ପ୍ରସ୍ତୁତ ସୁଚନା ପାଇ ଆଜି ୫ଟି ସ୍ଥାନରେ ଅବକାରି ଚଢଉ ହୋଇଛି । ଜୟପୁର ଅବକାରି ନିରିକ୍ଷକ ଓ ଡିଏଫଏସ ଅବକାରି ଟିମ ମିଳିତ ଭାବେ ଚଢାଉ କରିଥିଲେ । ଏହି ମିଳିତ ଟିମ ମୁଳାସର, ନିଳାଗୁଡା, ପାତ୍ରପୁଟ, ଗଡପଦର, ଡାଙ୍ଗରାରେ ଚଢଉ କରିଛି । ଚଢଉ କରି ୬ଟି ମାମଲା ରୁଜୁ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ଚଢଉ କରି ୨ଟି ବାଇକ, ୨୪୫ ଲିଟର ଦେଶି ମଦ ଓ ୨ ହଜାର ଲିଟର ପୋଚ ଜବତ କରିଛି । ଗିରଫ ଅଭିଯୁକ୍ତ ମାନଙ୍କୁ ସଂନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦତ ସୂଚନା ଦେଇଛନ୍ତି । ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ ପୋଡୁଗୁଡାରେ ଅବକାରି ଚଢଉ ହୋଇଛି । ଦେଶି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା ଚଢଉ କରିଛି । ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ପୋଡୁଗୁଡାର ତ୍ରିନାଥ ହରିଜନ (୫୦) । ପୋଡୁଗୁଡା ଗ୍ରାମ ରାସ୍ତାରେ ଚଢଉ କରି ୧୫ ଲିଟର ଦେଶି ମଦ ଜବତ କରିଛି ।

# ଗୁଟ୍‌ଖା, ସିଗାରେଟ ନିଶା ଦ୍ରବ୍ୟ ବିକ୍ରୟ ଦୋକାନ ଉପରେ ଚଢାଉ

ଜୟପୁର, ୩୦/୧୦ (ନି.ପ୍ର): ଜୟପୁର ରେ ଗୁଟୁଖା, ସିଗାରେଟ ଆଦି ବିକ୍ରୟ ହେଉଥିବା ଚା ଦୋକାନ ପାନ ଦୋକାନ ଉପରେ ଆଜି ଚଢାଉ କରାଯାଇଛି । ବିଦ୍ୟାଳୟ , ବିଶ୍ୱ ବିଦ୍ୟାଳୟ ଓ କଲେଜ ନିକଟରେ ବିକ୍ରୟ କରାଯାଉ ଥିବା ଗୁଟୁଖା, ସିଗାରେଟ ଆଦି ନିଶା ସ୍ୱାସ୍ଥ୍ୟ ପକ୍ଷେ କ୍ଷତି କାରଣ ସାମଗ୍ରୀ ଉପରେ ଦୋକାନ ଚଢାଉ କରାଯାଇଛି । ଜୟପୁର ଉପ ଜିଲାପାଳ ଆକା ବରମ ଶଶା ରେଡ୍ଡି ଙ୍କ ନିଦ୍ଧେଷ କ୍ରମେ ପୌର ପାଳିକା, ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଓ ଅବକାରିର ମିଳିତ ଟିମ ଗଠନ କରାଯାଇ ବିଭିନ୍ନ ଦୋକାନ ଉପରେ ଚଢାଉ କରାଯାଇଛି । ଚଢାଉ କରାଯାଇ ଜୋରିମାନା ଆଦାୟ ସହ କଡା ଚେତାବନି ଦିଆଯାଇଛି । ବିଶେଷ କରି ଯେଉଁ ମାନେ ବିଦ୍ୟାଳୟ, ମହା ବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନର ଶହେ ମିଟର ଦୁରରେ ଗୁଟୁଖା ଓ ଧୁମପାନ ସାମଗ୍ରୀ ବିକ୍ରି କରୁଛନ୍ତି ସେ ମାନଙ୍କୁ ପ୍ରଶାସନ ତରଫରୁ ଦାଗିତ୍ ମଧ କରାଯାଉଛି । ସିଗାରେଟ,ଗୁଟୁଖ. ନିଶା ସାମଗ୍ରୀ ବିକ୍ରି ଉପରେ କଟକଣା ଲଗାଇବାରୁ କେନ୍ଦ୍ର ସରକାର ୨୦୦୩ ମସିହାରେ ଆଇନ ପ୍ରଣୟନ କରିଥିଲେ । ତାହାକୁ ରାଜ୍ୟ ସରକାର କାର୍ଯ୍ୟ କରୁଥିବା ବେଳେ ଜିଲା, ଉପଖଣ୍ଡ ସ୍ତରରେ ମଧ ତତ୍ପରତା ଦେଖାଯାଉଛି । ଡ୍ରଗ୍ସ ଇନିସପେକ୍ଟର ନକ୍ଷେତ୍ର ନାୟକ, ମାଜିଷ୍ଟେଟ ଭାବେ ଆସିଷ୍ଟାଣ୍ଡ କଲେକ୍ଟର ବାଲାଜି ପ୍ରସାଦ ବ୍ରହ୍ମା ଉପସ୍ଥିତ ଥିଲେ । ବିକ୍ରଦେବ ବିଶ୍ୱ ବିଦ୍ୟାଳୟ ନିକଟରେ, ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ, ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ବିଜ୍ଞାନ କଲେଜ ନିକଟରେ ଥିବା ପାନ ଦୋକାନ, ଚା ହୋଟେଲ ରେ ଚଢାଉ କରାଯାଇଛି ।

# ଭଲ ପରଫର୍ମ କରନ୍ତୁ: ନଚେତ୍ ପଛରେ ରହିଯିବେ



ସାହସ ଓ ଦୃଢ଼ ମନୋବଳ: ବେଳେବେଳେ କମ୍ପାନିର ଏଭଳିକିଛି ଘଟଣା ଘଟେ। ଫଳରେ କମ୍ପାନିର ଟିମ୍ ଲିଡର ହେଉ କି ମ୍ୟାନେଜର ହଠାତ୍ ଚାକିରି ଛାଡ଼ି ଚାଲି ଯାଆନ୍ତି। ସେତେବେଳେ ତାଙ୍କ ପୋଷ୍ଟରେ କେହି ନଥାନ୍ତି ଦାୟିତ୍ୱ ସମ୍ଭାଳିବାକୁ। ଏହି ସମୟରେ କମ୍ପାନିର ମୁଖ୍ୟ, ସମସ୍ତ କର୍ମଚାରୀଙ୍କ ମଧ୍ୟର ଜଣଙ୍କୁ ବାଛି ଏହି କାମ କରିବାକୁ ସୁଯୋଗ ଦେଇଥାନ୍ତି। ଏହି ଦାୟିତ୍ୱ ବୋଧ ବୋହିବାକୁ ପ୍ରାୟ କର୍ମଚାରୀଙ୍କ ମନରେ ଡର ଥାଏ, ତେଣୁ ସେମାନେ ମନା କରିଦିଅନ୍ତି। ଯଦି କେବେ ଆପଣଙ୍କ କର୍ମକ୍ଷେତ୍ରରେ ଏଭଳି ସମସ୍ୟା ଦେଖାଦେଉଛି, ତେବେ ବିନା ଦ୍ୱିଧାରେ ସାହସ ଓ ଦୃଢ଼ ମନୋବଳ ସହିତ ଦାୟିତ୍ୱ ତୁଲେଇବାକୁ ରାଜି ହୋଇଯାନ୍ତୁ। ଯଦି ଅଫିସ୍‌ର ଉଚ୍ଚପଦାଧିକାରୀ ଆପଣଙ୍କୁ ଏହି ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ କରିଛନ୍ତି, ତେବେ ତାଙ୍କୁ ସମ୍ମାନ ଜଣାଇ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ। ଦେଖିବେ ଅତି କମ୍ ସମୟରେ ଆପଣ ବସ୍‌ଙ୍କ ପ୍ରିୟପାତ୍ର ହୋଇପାରିବେ।



ସ୍ୱତନ୍ତ୍ର ପରିଚୟ ହେବ ପଦୋନ୍ନତି: ସ୍ୱତନ୍ତ୍ର ପରିଚୟ ଅର୍ଥ ନୁହେଁ, ମ୍ୟାନେନଜମେଣ୍ଟ କିମ୍ବା ଉଚ୍ଚପଦାଧିକାରିଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ରଖିବା। ବରଂ କମ୍ପାନିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା। ଯାହା କର୍ମଚାରୀଟିଏ ନିଜର କାର୍ଯ୍ୟଶୈଳୀ ଏବଂ ବ୍ୟବହାରରୁ ହାସଲ କରିଥାଏ। କୌଣସି ବି କର୍ମକ୍ଷେତ୍ର ହେଉନା କାହିଁକିଖୁବ୍ କମ୍ ଲୋକ ଥାନ୍ତି, ଯିଏ ଦାୟିତ୍ୱର ସହ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନା କରିଥାନ୍ତି। ସେଥିପାଇଁ ଅଧିକାଂଶ ଲୋକ ବସଙ୍କ ନଜରକୁ ଲୁଚି ରହିବାକୁ ପସନ୍ଦ କରିଥାନ୍ତି। ସେମାନଙ୍କ ଧାରଣା ଯେ କିଏ ଜଣେ ବସ୍ କେତେବେଳେ କେଉଁ ମୁହୂର୍ତ୍ତରେ କେଉଁ କାମ କରିବାକୁ ଦେଇ ଦେବେ। ଏହିଭଳି ନକାରାତ୍ମକ ଭାବନା ନେଇ ଆପଣ ଆଗକୁ ଯିବା ହଏତ ବିପଦ ସାବ୍ୟସ୍ତ ହୋଇପାରେ। ବରଂ ଏଭଳି ମାନସିକତା ଠାରୁ ଦୂରେଇ ରହି ପ୍ରଫେସନାଲ ଭାବେ କାମ କରିବା ସହ ବସଙ୍କ ସହ ନିଜର ଆଇଡିଆ ବାଣ୍ଟନ୍ତୁ। ଏପରି କରିବା ଦ୍ୱାରା ବସ୍ ଆପଣଙ୍କୁ ସବୁବେଳେ ଟିମରେ ରଖିବାକୁ ପସନ୍ଦ କରିବେ। ଆଉ ଆପରଙ୍କ କାମରେ ତାରିଫ ମଧ୍ୟ କରିବେ।

ନିଜକୁ କରନ୍ତୁ ପ୍ରମାଣିତ: କମ୍ପାନି ଛୋଟ ହେଉଅବା ବଡ଼ ନିଜକୁ ପ୍ରମାଣିତ କରିବା ପାଇଁ କଷ୍ଟ କରିବାକୁ ହିଁ ପଡ଼ିଥାଏ। କେତେକ ନୂଆ କର୍ମଚାରୀଙ୍କର ଧାରଣା ରହିଛି ଯେ ଟ୍ରେନିଂ ପିରିୟଡ଼ ସାରି ପରମାନେଣ୍ଟ ହେବା ପରେ ଚିନ୍ତା ଗଲା। ମାତ୍ର ଏହା ଆଦୌ ଠିକ୍ ନୁହେଁ। ଆଜିର ଟେକ୍ନୋଲୋଜି ଦୁନିଆରେ କମ୍ପାନି ଗୁଡ଼ିକ ଭିତ୍ତିଭୂମିର ବୋଝ ତଳେ ଚାପି ହୋଇଯାଉଛନ୍ତି। ଯାହା ଫଳରେ କମ୍ପାନିର ଦୈନିକ ଖର୍ଚ୍ଚ ଓ ଦରମା ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା କଷ୍ଟସାଧ୍ୟ। ତେଣୁ ବିଭିନ୍ନକମ୍ପାନି କର୍ମଚାରୀଙ୍କ ଦକ୍ଷତାକୁ ଗୁରୁତ୍ୱ ଦେଇଥାନ୍ତି। ଅଳସୁଆ ଓ ଦକ୍ଷତା ନଥିବା କର୍ମଚାରୀଙ୍କୁ କମ୍ପାନିରୁ ବାହାର କରିବାକୁ ପ୍ରସ୍ତାବ ଦେଇଥାନ୍ତି। ତେଣୁ କର୍ମଚାରୀଟିଏ ସବୁବେଳେ ନିଜ କାମ ଜରିଆରେ ହିଁ ନିଜକୁ ପ୍ରମାଣିତ କରିବା ଆବଶ୍ୟକ। ଆପଣ ନିଜକୁ ପ୍ରମାଣିତ କରିବା ଦ୍ୱାରା ହିଁ କମ୍ପାନି ଫାଇଦାରେ ରହିବ। ଆଉ ଆପଣଙ୍କ ପରିଚୟ ସ୍ୱତନ୍ତ୍ର ହେବ। ଯଦି ଆପଣ ଭଲ ପ୍ରଦର୍ଶନ କରି ନପାରନ୍ତି, ତେବେ ପଛରେ ରହିଯିବେ।



# ରକ୍ତହୀନତା

ଶରୀରରେ ପ୍ରବାହିତ ରକ୍ତରେ ସାଧାରଣତଃ ଲୋହିତ ରକ୍ତ କଣିକା ସଂଖ୍ୟାରେ ହ୍ରାସ ପରିଲକ୍ଷିତ ରକ୍ତ କଣିକା ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହେଲେ ଏହାକୁ ରକ୍ତହୀନତା କୁହାଯାଏ । ଏହା କେତେକ ସ୍ଥଳରେ ରୋଗୀଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ ।



ରକ୍ତହୀନତା ଗୁରୁତର ତଥା ପୁରାତନ ରୋଗୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ । ଏହାଦ୍ୱାରା ରୋଗୀ ଶରୀରରେ ହେମାଟୋକ୍ରିଟ ପରିମାଣରେ ୨୦ ପ୍ରତିଶତ ହ୍ରାସ ହୋଇଥିବା ବେଳେ କୌଣସି ଲକ୍ଷଣ ପରିପ୍ରକାଶ ହୁଏନି । ଗୁରୁତର ରକ୍ତହୀନତା କ୍ଷେତ୍ରରେ ଆରବିସି କୋଷିକାର ଉତ୍ପାଦନ ପ୍ରମୁଖ ଭୂମିକା ଗ୍ରହଣ କରେ ।

ଗୁରୁତର ରକ୍ତହୀନତା କ୍ଷେତ୍ରରେ ରକ୍ତସ୍ରାବ ହେବା ସହିତ ରକ୍ତ ବାନ୍ତି ଏବଂ ମେଲିନା ଆଦି ଦୃଟେ଼ି ଗୋଚର ହୋଇଥାଏ । ପେପଟିକ୍ ଅଲସର ରୋଗୀଙ୍କ କ୍ଷେତ୍ରରେ ଏଭଳି ଲକ୍ଷଣ ପରିପ୍ରକାଶ ହୋଇଥାଏ ।

ଗୁରୁତର ରକ୍ତହୀନତା କ୍ଷେତ୍ରରେ ଅର୍ଥୋଷ୍ଟେଟିକ୍ ନିମ୍ନରକ୍ତଚାପ, ହୃଦ ସ୍ପନ୍ଦନର ଗତିରେ ତୀବ୍ରତା ଥଣ୍ଡା ଏବଂ ଲୋଚାକୋଚା ତ୍ୱଚା ବିଚଳିତବୋଧ, ତୃଷ୍ଣା ବୃଦ୍ଧି ଆଦି ଲକ୍ଷଣ ଦେଖାଯାଇଥାଏ। ଯଦି ରୋକ୍ତର ପରିମାଣରେ ୫୦ ପ୍ରତିଶତ ହ୍ରାସ ହୋଇଥାଏ, ତେବେ ହୃଦଘାତ ଏବଂ ମୃତ୍ୟୁବତ୍ ଅବସ୍ଥା ସୃଷ୍ଟି ହୋଇଥାଏ ।



ହୃଦୟର ସ୍ପନ୍ଦନରେ ବୃଦ୍ଧି, ନିମ୍ନ ରକ୍ତଚାପ, ଆଦି ରକ୍ତ ସଂରକ୍ଷଣ ପ୍ରକ୍ରିୟାରେ ଅସ୍ଥିରତା ସୃଷ୍ଟି ହୋ ସହିତ ଅସ୍ଥିରମନା ତଥା ମୁଣ୍ଡ ବୁଲାଇବା, ନିଶ୍ୱାସପ୍ରଶ୍ୱାସରେ ଅନିୟମିତା ଏବଂ ପାଦରେ ଫୁଲା ଆଦି ଲକ୍ଷଣ ଦେଖିବାକୁ ମିଳେ । ରକ୍ତହୀନତା କ୍ଷେତ୍ରରେ ରକ୍ତସ୍ରାବ ତଥା ହେମୋଲିସିସ୍ ବୃଦ୍ଧି ପାଏ ।

ଶରୀରର ଆଭ୍ୟନ୍ତରୀଣ ରକ୍ତସ୍ରାବର ଲକ୍ଷଣ ଶଯ୍ୟା କାଳୀନ ସମୟରେ ପରିପ୍ରକାଶ ପାଇବା ସହିତ ଏକସମ୍ପର୍କରେ ଲାବୋରେଟୋରୀ ତଥ୍ୟକୁ ବିଶଦ ଜଣାପଡ଼ିଥାଏ । ଆଘାତ ଏବଂ ସିରୋସିସ୍ କ୍ଷେତ୍ରରେ ଭେରିସାଲ



ପୁରାତନ ଯକୃତ ଏବଂ ବୃକକ୍‌ରୋଗ, ବିଷ ପଦାର୍ଥର ପ୍ରକ୍ରିୟା, ସ୍ୱ-ପ୍ରତିରକ୍ଷା ବିକାର, ଶରୀର ଅଭ୍ୟନ୍ତରୀଣ ବିକାରଏବଂ ମ୍ୟାଲେରିଆ ତଥା ପାରାସାଇଟିକ୍ ସଂକ୍ରମଣ ଆଦି ଯୋଗୁ ମଧ୍ୟ ରକ୍ତହୀନତା ସୃଷ୍ଟି ହୋଇଥାଏ ।

କେତେକ ଶାରୀରିକ ଅନିୟମିତା କ୍ଷେତ୍ରରେ ମାଂସପେଶୀ ଏବଂ ଜଏଣ୍ଟ ମଧ୍ୟରେ ରକ୍ତସ୍ରାବ ହୋଇଥାଏ । ଭିଟାମିନ୍ ଅଭାବଯୋଗୁ ତଥା ଗର୍ଭାଧାନ ସମୟରେ ରକ୍ତହୀନତା ସୃଷ୍ଟି ହୋଇଥାଏ ।

ଚିକିତ୍ସା

ଖାଦ୍ୟରେ ଲୌହ ଏବଂ ଭିଟାମିନ-ସିର ମାତ୍ରା ବୃଦ୍ଧି କରିବା ଆବଶ୍ୟକ । ଖାଦ୍ୟରେ ଡାଲି ଜାତୀୟ ଖାଦ୍ୟ, ନଟସ୍, ବିନସ୍, ସମୁଦ୍ରଜାତ ଖାଦ୍ୟ, ମାଂସ ସହିତ ଦୁଗ୍ଧ ଆଦି ଗ୍ରହଣ କରିବା ଉଚିତ୍ ।

ପ୍ୟାକଡ୍ ସେଲ ଟ୍ରାନ୍ସଫ୍ୟୁଜନ, ରିକମ୍ବିନା ଏରିଥ୍ରୋପ୍ରୋଟିନ୍ ଦ୍ୱାରା ବୋନ୍ ମ୍ୟାରୋରେ ଆରସବିସି ଉତ୍ପାଦନ ବୃଦ୍ଧିପାଇଥାଏ ।

ସତେଜ ଫଳ, ଶାଗ, ଫୁଲକୋବି, ବ୍ରୋକଲି, ବିଭିନ୍ନ ମଞ୍ଜି ଗଜା, ଦୁଗ୍ଧ ଉତ୍ପାଦ, କାଦ୍ୟସଶ୍ୟଆଦି ଖାଦ୍ୟରେ ଉପଯୁକ୍ତ ପରିମାଣରେ ଫଲିକ୍ ଏସିଡ୍ ମହଜୁଦ ରହିଥାଏ । ତେଣୁ ଏହାକୁ ଖାଦ୍ୟରେ ନିୟମିତ ଗ୍ରହଣ କରିବା ଉଚିତ।

# ଫଳ ପଚାଯାଏ କିପରି ?



ଫଳକୁ ପକ୍ୱ କରିବା ପାଇଁ ଆଜିକାଲି କ୍ୟାଲସିୟମ କାର୍ବାଇଡ୍ ଉପଯୋଗ କରାଯାଏ, ଯାହାକି ସାମାନ୍ୟ ଘାତକ। ଆମ୍ବ, କଦଳୀ ବିଭିନ୍ନ ପ୍ରକାରର ଫଳକୁ ପଚାଇବା ପାଇଁ ଏହାକୁ ଉପଯୋଗ ହୁଏ। କ୍ୟାଲସିୟମ କାର୍ବାଇଟର ଛୋଟ ପ୍ୟାକେଟକୁ (ଯାହାକି ଦୁଇ-ତିନି ଟଙ୍କାର ଦୋକାନରେ ଉପଲବ୍ଧ) ଫଳ ପେଡ଼ି ମଧ୍ୟରେ ରଖି ଘୋଡ଼ାଇ ଦିଆଯାଏ। ତା'ପରଦିନ ହିଁ ପ୍ରସ୍ତୁତ ହୋଇଯାଏ ପାଚିଲା ଫଳ। ବେପାରୀମାନେ କ୍ୟାଲସିୟମ କାର୍ବାଇଡ୍ ପ୍ୟାକେଟକୁ ଫଳ ମଧ୍ୟରେ ରଖି ତା' ଉପରେ ବରଫ ରଖନ୍ତି। ଫଳରେ ସେହି ପ୍ୟାକେଟ ଉପରେ ଜଳ ବିନ୍ଦୁ ବିନ୍ଦୁ ହୋଇ ପଡ଼େ। ଏପରି କଲେ ଫଳ ଜଲଦି ପାଚିଥାଏ କିନ୍ତୁ ଏହି ଫଳ ଶରୀର ପ୍ରତି କ୍ଷତିକାରକ। ଫଳକୁ ପଚାଇବା ପାଇଁ ସବୁଠାରୁ ସୁବିଧାଜନକ ଉପାୟ ହେଲା, ଏଥିଲିନ ଗ୍ୟାସ। ଏହା ପ୍ରାକୃତିକ ଯେଉଁଥିରେ ଫଳ ମଧ୍ୟ ତିଆରି ହୋଇଥାଏ। ପୃଥିବୀସାରା ଆମ୍ବକୁ ପକ୍ୱ କରିବା ପାଇଁ ଏହାକୁ ବ୍ୟବହାର କରନ୍ତି। ମାତ୍ର ଏଥିଲିନ ଗ୍ୟାସ କ୍ୟାଲସିୟମ କାର୍ବୟାଇଡ଼ ଅପେକ୍ଷା ମହଙ୍ଗା ପଡ଼େ। ଏହି ଗ୍ୟାସକୁ ବ୍ୟବହାର କରିବା ପାଇଁ ଭିନ୍ନ (ସ୍ପେଶାଲ୍) ସ୍ୱତନ୍ତ୍ର ଧରଣର କୋଠରି ନିର୍ମିତ କରି ନିର୍ଦ୍ଦିଷ୍ଟ ତାପମାତ୍ରା ସ୍ଥିର ରଖାଯାଏ।ଏଥିଲିନ୍ ଓ କାର୍ବାଇଡ୍ ଉଭୟେ ହାଇଡ୍ରୋକାର୍ବନ ଅଟନ୍ତି କିନ୍ତୁ କାର୍ବାଇଡ଼ ଫଳ ମଧ୍ୟରେ ଥିବା ପୋଷାକ ତତ୍ତ୍ୱ ସହ ମିଶି ଏସିଟିଲିନ୍ ଗ୍ୟାସ୍ ତିଆରି କରେ। ତାପରେ ପୁଣି ଏସିଟେଲ ଡିହାଇଡ୍ ପ୍ରସ୍ତୁତ ହୋଇଯାଏ। ଏହାହିଁ ରୋଗର କାରଣ ବନିଯାଏ। ତେଣୁ ଏହି ପ୍ରଣାଳୀରେ ପଚାଯାଇଥିବା ଫଳ ଖାଇଲେ ଶରୀର ପ୍ରତି କ୍ଷତିକାରକ ଏବଂ ଶରୀରର ମାରାତ୍ମକ ରୋଗ ସୃଷ୍ଟିକରେ। ଆଜିକାଲି କ୍ୟାଲସିୟମ କାର୍ବାଇଡ଼କୁ ପାଣିରେ ମିଶାଇ ଇଞ୍ଜେକ୍ସିନ ସିରିଞ୍ଜ ସାହାଯ୍ୟରେ ଫଳ ଦେହରେ ପୁରାଇ ଫଳକୁ ପଚାଯାଉଥିବା ଅନେକ ଦୃଷ୍ଟାନ୍ତ ଅଛି। ଏହା ଆହୁରି ମାରାତ୍ମକ।

# ମସ୍ତିଷ୍କ ବିକାଶର ନୂଆ ଉତ୍ସ



ବୈଜ୍ଞାନିକମାନେ ମସ୍ତୀଷ୍କ ବିକାଶର ଏକ ଉତ୍ସ ଆବିଷ୍କାର କରିଛନ୍ତି। ସ୍ନାର୍ୟବିକ ପ୍ରଣାଳୀ ନିର୍ମାଣରେ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେସାମନେ କହିଛନ୍ତି। ବୈଜ୍ଞାନିକମାନେ ଅଣ ସ୍ନାୟବିକ କୋଷଗଉଡ଼ିକର ସଂକଳନ 'ଗ୍ଲିୟା' ଚିହ୍ନଟ କରିଛନ୍ତି, ଯାହା ଦୀର୍ଘ ସମୟରୁ ପରୋକ୍ଷ କାର୍ଯ୍ୟରତ କୋଷିକା ଭାବେ ପରିଚିତ ଥିଲା। ପ୍ରକୃତରେ ଏହି ଗ୍ଲିୟା ମସ୍ତିଷ୍କରେ ସ୍ନାୟୁକୋଷ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବହ କରେ। ମସ୍ତିଷ୍କ ବିକାଶରେ ଗ୍ଲିଆ ଭଳି ଅଣ ସ୍ନାର୍ୟବିକ କୋଷଗଉଡ଼ିକର ଅବଦାନକୁ ତର୍ଜମା କରିବାପାଇଁ ଅଧ୍ୟୟନର ଫଳାଫଳ ନୂଆ ଦିଗ ବୋଲି ଗବେଷଣାର ମୁଖ୍ୟ ଲେଖକ ଆମେରିକାର ନ୍ୟୁୟର୍କ ୟୁନିଭର୍ସିଟିରେ ଭିଲାଇଓ୍ୱାନ ଫର୍ଣ୍ଣାଡେସ୍ କହିଛନ୍ତି। ମସ୍ତିଷ୍କ ବିକାଶଷରେ ଗ୍ଲିୟାର ଅବଦାନକୁ ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ଅଣଦେଖା କରି ଆସଉଥିଲେ। କିନ୍ତୁ ଗ୍ଲିୟାକୁ ବାଦଦେଲେ ମସ୍ତିଷ୍କ ବିକାଶରେ ସମୟ, ପରିଚୟ ଓ ସ୍ନାୟୁକୋଷ ଜନ୍ମର ସମନ୍ୱୟ ସମବନ୍ଧରେ ବୁଝିବା ଅସମ୍ଭବ ବୋଲି ଫର୍ଣ୍ଣାସେ କହିଛନ୍ତି। ସ୍ନାୟୁ କୋଷ କିମ୍ବା ନ୍ୟୁରେନ୍ସ ଓ ଗ୍ଲିୟା, ଏହି ଦୁଇଟି ବ୍ୟାପକ କୋଷିକା ପ୍ରକାରରେ ମସ୍ତିଷ୍କ ଗଠିତ ହୋଇଛି।

# ସାବଧାନ ! ଘଣ୍ଟା ଘଣ୍ଟା ବସି କାମ କଲେ ହୋଇଥାଏ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

ମାନବର ପୂର୍ବ ଜୀବନଶୈଳୀ ଓ ବର୍ତ୍ତମାନର ଜୀବନଶୈଳୀ ମଧରେ ଅହେତୁକ ପରିବର୍ତ୍ତନ ଘଟିଛି। ପୂର୍ବରୁ ଅଧିକାଂଶ ଲୋକେ ଶାରୀରିକ ପରିଶ୍ରମ କରି ଜୀବନ ବିତାଉଥିଲେ। ଏବେ କିନ୍ତୁ ସମୟ ବଦଳି ଯାଇଛି, ଅଫିସରେ ନିରବଚ୍ଛିନ୍ନ ଭାବେ ୮-୯ ଘଣ୍ଟା କାମ କରିବା ଆମ ଜୀବନର ଏକ ଅଂଶ ହୋଇଯାଇଛି। ଏହି ଅଭ୍ୟାସ ମାନବ ସ୍ୱାସ୍ଥ୍ୟ ପାଇଁ କେତେ ବିପଜ୍ଜନକ ହୋଇପାରେ କେବେ ଭାବିଛନ୍ତି କି ? ଅଫିସରେ କ୍ରମାଗତ ଭାବରେ ୮-୯ ଘଣ୍ଟା ବସିବା ଦ୍ୱାରା ବେକ ଏବଂ କାନ୍ଧରେ ଯନ୍ତଣା ହୁଏ। ଏସବୁ ବ୍ୟତୀତ ମେଦବହୁଳତା, ମଧୁମେହ ଏବଂ ହୃଦରୋଗ ତଥା କର୍କଟ ରୋଗ ହେବାର ଆଶଙ୍କା ମଧ ବଢିଥାଏ। ଅଫିସକୁ ଯିବା ମାତ୍ରେ ଚେୟାରରେ ବସି ରହି କାମ କରିବା ଫଳରେ ଶରୀରର କୋଷଗୁଡ଼ିକ ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗେ। ଏହା ରୋଗ ପ୍ରତିରୋଧକ ଶକ୍ତି ଉପରେ କୁପ୍ରଭାବ ପକାଇଥାଏ। ତେଣୁ କାର୍ଯ୍ୟ ମଧରେ କିଛି ସମୟ ବିରତି ନିଅନ୍ତୁ, କିମ୍ବା ଶାରୀରିକ ବ୍ୟାୟାମ ଅନୁସରଣ କରନ୍ତୁ।ଘରେ କିମ୍ବା ଅଫିସରେ ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ବସି ରହିବା ଫଳରେ ହାଡ଼ ଦୁର୍ବଳ ହୋଇଯାଏ। ଅନେକ ଥର ଅନୁଭବ କରିଥିବେ, ଏହି କାରଣରୁ ଆଣ୍ଠୁ ଏବଂ ଅଣ୍ଟାରେ ଯନ୍ତ୍ରଣା ଆରମ୍ଭ ହୁଏ। ଚେୟାରରେ ଭୁଲ ଶୈଳୀରେ ବସି କାମ କରନ୍ତୁ ନାହିଁ, ନଚେତ୍ ପିଠି ଯନ୍ତ୍ରଣା ହୋଇପାରେ। ଲଗାତାର ସମାନ ଅବସ୍ଥାରେ ଗୋଟିଏ ସ୍ଥାନରେ ବସି ରହିବା ଫଳରେ ବିଭିନ୍ନ ସମସ୍ୟା ହେବାର ସମ୍ଭାବନା ଥାଏ।

# ଇ-ବ୍ୟାଙ୍କିଙ୍ଗ୍ କରୁଥିଲେ ...



ସଭିଙ୍କ ପାଇଁ ବିଶେଷକରି ମହିଳାମାନେ ବାହାରକୁ ଗଲେ ପର୍ସରେ କ୍ୟାଶ୍ ରଖି ଯାଉଥିବାରୁ ଟଙ୍କା ଚୋରି, ଡକାୟତି ଇତ୍ୟାଦିର ଆଶଙ୍କା ରହିଥାଏ; ଯାହାକି ଇ-ବ୍ୟାଙ୍କିଙ୍ଗ ଆସିବା ପରଠୁ ବହୁମାତ୍ରାରେ କମିଯାଇଛି। ହେଲେ ଏଥିରେ ବି ବିଭିନ୍ନ ସମସ୍ୟାର ଆଶଙ୍କା ରହିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଇ-ବ୍ୟାଙ୍କିଙ୍ଗ କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ...

ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରୁଥିଲେ କୌଣସି ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। କାରଣ ଫ୍ରି ଆଣ୍ଟିଭାଇରସ୍‌ରେ ଅନେକ ସମୟରେ ହ୍ୟାକରମାନଙ୍କୁ ଆପଣଙ୍କ ଡିଟେଲ୍‌ସ ମିଳିବାରେ ସହଜ ହୋଇଥାଏ। ବ୍ୟାଙ୍କିଙ୍ଗ୍ କରୁଥିଲେ ଟ୍ରାଞ୍ଜାକ୍ସନ ସରିବା ପରେ ଲଗ୍‌ଆଉଟ୍ କରନ୍ତୁ। ଏଭଳି ରଖନ୍ତୁ, ଯେପରି ଅନ୍ୟମାନଙ୍କୁ ଏହା ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ। ପର୍ସନାଲ କମ୍ପ୍ୟୁଟର, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। କାରଣ ପବ୍ଲିକ୍ କମ୍ପ୍ୟୁଟର କିମ୍ବା ସାଇବର କାଫେରେ ଏହା ଅସୁରକ୍ଷିତ। ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୧ ଅକ୍ଟୋବର ୨୦୨୫, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ତମାଖୁ: ଆମ ସମାଜ ପାଇଁ ମୃତ୍ୟୁ ଫାଶ

ଆଜି ଭାରତ ଏକ ଅଭୂତପୂର୍ବ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହୋଇଛି, ଯାହାର ମୂଳରେ ରହିଛି ତମାଖୁର ଅବାଧ ପ୍ରଚଳନ ଏବଂ ଏହାର ଅତ୍ୟଧିକ ସୁଲଭତା। କର୍କଟ ରୋଗ ଆଜି ଆମ ଦେଶରେ ଏକ ମହାମାରୀର ରୂପ ନେଇଛି, ଯାହା ପ୍ରତିବର୍ଷ ଲକ୍ଷ ଲକ୍ଷ ଜୀବନ ନେବା ସହ ଅସଂଖ୍ୟ ପରିବାରକୁ ଦାରିଦ୍ର୍ୟ ଓ ଦୁଃଖର ଗଭୀର ଗର୍ତ୍ତକୁ ଠେଲି ଦେଉଛି। ଏହି କର୍କଟ ମହାମାରୀର ଅନ୍ୟତମ ପ୍ରମୁଖ ଇନ୍ଧନ ହେଉଛି ତମାଖୁଜାତ ଦ୍ରବ୍ୟର ଅତ୍ୟନ୍ତ କମ୍ ମୂଲ୍ୟ, ଯାହା ସମାଜର ପ୍ରତ୍ୟେକ ବର୍ଗ, ବିଶେଷ କରି ଗରିବ ଓ ଯୁବପିଢ଼ିଙ୍କ ପାଇଁ ସହଜରେ ଉପଲବ୍ଧ। ଏହି ସୁଲଭତା ହିଁ ତମାଖୁ ସେବନକୁ ଏକ ସାଧାରଣ ଅଭ୍ୟାସରେ ପରିଣତ କରିଛି, ଯାହାର ପରିଣାମ ସ୍ୱରୂପ କର୍କଟ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି।

ଭାରତରେ ବିଡ଼ି, ସିଗାରେଟ୍, ଗୁଟ୍‌ଖା, ଖଇନି ଏବଂ ଅନ୍ୟାନ୍ୟ ଧୂଆଁବିହୀନ ତମାଖୁଜାତ ଦ୍ରବ୍ୟ ଅତ୍ୟନ୍ତ ଶସ୍ତାରେ ମିଳିଥାଏ। ଏକ ବିଡ଼ି ବଣ୍ଡଲର ମୂଲ୍ୟ କିଛି ଟଙ୍କାରୁ ଆରମ୍ଭ ହୋଇଥାଏ, ଯାହା ଦିନ ମଜୁରିଆ କିମ୍ବା ଗରିବ ଶ୍ରମିକଟିଏ ପାଇଁ ମଧ୍ୟ ସହଜରେ କିଣିବା ସମ୍ଭବ। ସେହିପରି, ଗୁଟ୍‌ଖା ପାଉଚ୍ କିମ୍ବା ଖଇନିର ମୂଲ୍ୟ ଏତେ କମ୍ ଯେ, ଏହାକୁ କିଣିବା ପାଇଁ କାହାକୁ ଦୁଇଥର ଚିନ୍ତା କରିବାକୁ ପଡ଼େ ନାହିଁ। ଏହି ଅତ୍ୟଧିକ ସୁଲଭତା ହିଁ ତମାଖୁ ସେବନକୁ ଏକ ସାଧାରଣ ଅଭ୍ୟାସରେ ପରିଣତ କରିଛି, ଯାହାର ପରିଣାମ ସ୍ୱରୂପ କର୍କଟ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଭାରତରେ ଧୂମପାନ ଏବଂ ଧୂଆଁବିହୀନ ତମାଖୁ ଉଭୟର ବ୍ୟବହାର ଏକ ଦ୍ୱୈତ ବୋଝ ସୃଷ୍ଟି କରିଛି, ଯାହା କର୍କଟ ରୋଗର ପ୍ରାଦୁର୍ଭାବକୁ ଆହୁରି ବଢ଼ାଇ ଦେଇଛି।

ଏହି ସୁଲଭତାର ଆଉ ଏକ ପ୍ରମୁଖ କାରଣ ହେଉଛି ସିଗାରେଟ୍‌କୁ ଖୁଚୁରା ଭାବରେ, ଅର୍ଥାତ୍ ଗୋଟିଏ ଗୋଟିଏ ଷ୍ଟିକ୍ କରି ବିକ୍ରି କରିବାର ପ୍ରଚଳନ। ବିଶ୍ୱର ୮୮ଟି ଦେଶରେ ଏହି ପ୍ରଥାକୁ ନିଷିଦ୍ଧ କରାଯାଇଥିବା ବେଳେ ଭାରତରେ ଏହା ଉପରେ କୌଣସି କଟକଣା ନାହିଁ। ଗୋଟିଏ ସିଗାରେଟ୍ ଷ୍ଟିକ୍‌ର ମୂଲ୍ୟ ପ୍ରାୟ ୧୫ ଟଙ୍କା ହୋଇଥିବାରୁ ଏହା ଅତି ସହଜରେ କିଣିବା ପାଇଁ ଉପଲବ୍ଧ ହୋଇଥାଏ। ଏହି ପ୍ରଥା କେବଳ ସିଗାରେଟ୍‌କୁ ଅଧିକ ସୁଲଭ କରେ ନାହିଁ, ବରଂ ଏହା ପ୍ୟାକେଟ୍ ଉପରେ ଥିବା ଗ୍ରାଫିକ୍ ସ୍ୱାସ୍ଥ୍ୟ ଚେତାବନୀକୁ ମଧ୍ୟ ବାଇପାସ୍ କରିଦିଏ, ଯାହା ଫଳରେ ସେବନକାରୀମାନେ ତମାଖୁର ଭୟାବହ ପରିଣାମ ବିଷୟରେ ଅଜ୍ଞ ରୁହନ୍ତି। ଗବେଷଣାରୁ ଜଣାପଡ଼ିଛି ଯେ, ଭାରତର ୮୭% ସିଗାରେଟ୍ ବିକ୍ରେତା ଗୋଟିଏ ଗୋଟିଏ ଷ୍ଟିକ୍ ବିକ୍ରି କରନ୍ତି ଏବଂ ସେମାନେ ପ୍ରାୟତଃ ଚା' ଦୋକାନ ନିକଟରେ କାର୍ଯ୍ୟ କରନ୍ତି, ଯାହା ଯୁବପିଢ଼ି ଏବଂ ଶ୍ରମିକ ଶ୍ରେଣୀର ଲୋକଙ୍କୁ ସହଜରେ ଆକର୍ଷିତ କରିଥାଏ।

ଜାତୀୟ ସ୍ତରରେ ହୋଇଥିବା ଅନେକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତରେ ପ୍ରତିବର୍ଷ ୧୩ ଲକ୍ଷରୁ ଅଧିକ ଲୋକ ତମାଖୁ ସେବନ ଜନିତ ରୋଗରେ ପ୍ରାଣ ହରାଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଅନୁଯାୟୀ, ୨୦୨୦ ମସିହାରେ ଭାରତର ସମୁଦାୟ କର୍କଟ ବୋଝର ୨୭% ତମାଖୁ ସମ୍ବନ୍ଧୀୟ କର୍କଟ ରୋଗ ଯୋଗୁଁ ହୋଇଥିଲା। ଏହା ବ୍ୟତୀତ, ଫୁସଫୁସ୍, ପାଟି ଏବଂ ଗଳା କର୍କଟ ଭଳି ତମାଖୁ ସମ୍ବନ୍ଧୀୟ କର୍କଟ ରୋଗ ଭାରତରେ ସମସ୍ତ କର୍କଟ ମାମଲାର ୪୦% ଅଟେ। ଏହି ସଂଖ୍ୟା ଅତ୍ୟନ୍ତ ଚିନ୍ତାଜନକ ଏବଂ ଏହା ଦର୍ଶାଉଛି ଯେ ତମାଖୁ କିପରି ଆମ ସମାଜରେ କର୍କଟର ମୁଖ୍ୟ କାରଣ ପାଲଟିଛି। ବିଶେଷ କରି ଧୂଆଁବିହୀନ ତମାଖୁ (ଗୁଟ୍‌ଖା, ଖଇନି, ଜର୍ଦ୍ଦା) ସେବନକାରୀଙ୍କ ମଧ୍ୟରେ ପାଟି କର୍କଟର ପ୍ରାଦୁର୍ଭାବ ଅତ୍ୟନ୍ତ ଭୟାବହ। ଏହି ରୋଗୀମାନେ କେବଳ ଶାରୀରିକ ଯନ୍ତ୍ରଣା ଭୋଗନ୍ତି ନାହିଁ, ବରଂ ସେମାନଙ୍କ ଚିକିତ୍ସା ପାଇଁ ପରିବାରକୁ ଆର୍ଥିକ ଭାବେ ସର୍ବସ୍ୱାନ୍ତ ହେବାକୁ ପଡ଼େ। ୨୦୨୫ ସୁଦ୍ଧା ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ୧.୫୭ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହା ଏହି ମହାମାରୀର ଭୟାବହତାକୁ ଆହୁରି ସ୍ପଷ୍ଟ କରୁଛି।

ତମାଖୁର ସୁଲଭତା କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁନାହିଁ, ଏହା ଦେଶର ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ୨୦୧୭-୨୦୧୮ ବର୍ଷରେ ତମାଖୁ ସେବନ ଜନିତ ରୋଗ ଏବଂ ମୃତ୍ୟୁ ଯୋଗୁଁ ଭାରତରେ ମୋଟ ଆର୍ଥିକ କ୍ଷତି ୧.୭୭ ଲକ୍ଷ କୋଟି ଟଙ୍କା (ଭାରତର ମୋଟ ଘରୋଇ ଉତ୍ପାଦର ୧.୦୪%) ଥିଲା। ଏହି ବିପୁଳ ଅର୍ଥ କର୍କଟ ରୋଗର ଚିକିତ୍ସା, ଉତ୍ପାଦନଶୀଳତା ହ୍ରାସ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖର୍ଚ୍ଚରେ ବ୍ୟୟ ହୋଇଥାଏ। କର୍କଟ ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ। ଅସ୍ତ୍ରୋପଚାର, କେମୋଥେରାପି, ରେଡିଏସନ୍ ଇତ୍ୟାଦି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି ଖର୍ଚ୍ଚ ଭାରତର ସାଧାରଣ ପରିବାର ପାଇଁ ଅସମ୍ଭବ। ଫଳରେ ଅନେକ ପରିବାର ଋଣଗ୍ରସ୍ତ ହୋଇ ଦାରିଦ୍ର୍ୟର କଷାଘାତ ସହିବାକୁ ବାଧ୍ୟ ହୁଅନ୍ତି। ଏହା ବ୍ୟତୀତ, ତମାଖୁ ସେବନକାରୀମାନେ ଅକାଳରେ ମୃତ୍ୟୁବରଣ କରିବା କିମ୍ବା ରୋଗଗ୍ରସ୍ତ ହୋଇ କାର୍ଯ୍ୟ କରିବାର କ୍ଷମତା ହରାଇବା ଦ୍ୱାରା ଦେଶର ଉତ୍ପାଦନଶୀଳତା ହ୍ରାସ ପାଏ, ଯାହା ଜାତୀୟ ଅର୍ଥନୀତି ପାଇଁ ଏକ ବଡ଼ କ୍ଷତି।

ଏହି ସମସ୍ୟାର ମୂଳରେ ରହିଛି ତମାଖୁ ଉପରେ ଲାଗୁ ହେଉଥିବା କମ୍ ଟିକସ। ଅନେକ ତମାଖୁଜାତ ଦ୍ରବ୍ୟ, ବିଶେଷ କରି ଧୂଆଁବିହୀନ ତମାଖୁ ଉପରେ ଟିକସ ହାର ଅତ୍ୟନ୍ତ କମ୍ ରହିଛି, ଯାହା ଏହାର ମୂଲ୍ୟକୁ ନିମ୍ନ ସ୍ତରରେ ରଖିବାରେ ସହାୟକ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତମାଖୁ ସେବନକୁ ପ୍ରଭାବଶାଳୀ ଭାବରେ ନିରୁତ୍ସାହିତ କରିବା ପାଇଁ ଏହାର ସର୍ବାଧିକ ଖୁଚୁରା ମୂଲ୍ୟର ୭୫% ଟିକସ ଲଗାଇବାକୁ ସୁପାରିଶ କରିଛି। କିନ୍ତୁ ଭାରତରେ ତମାଖୁ ଉପରେ ଲାଗୁ ହେଉଥିବା ଟିକସ ହାର ଏହି ସୁପାରିଶ ଠାରୁ ବହୁତ କମ୍। ସରକାର ତମାଖୁ ଉପରେ ଟିକସ ବୃଦ୍ଧି କରିବାକୁ କୁଣ୍ଠାବୋଧ କରୁଛନ୍ତି, ବୋଧହୁଏ ରାଜସ୍ୱ ହ୍ରାସ କିମ୍ବା ତମାଖୁ ଉଦ୍ୟୋଗର ଚାପ ଯୋଗୁଁ। କିନ୍ତୁ ଏହା ଏକ ଭୁଲ ନୀତି। ତମାଖୁ ଉପରେ ଟିକସ ବୃଦ୍ଧି କଲେ ଏହାର ମୂଲ୍ୟ ବଢ଼ିବ, ଯାହା ଫଳରେ ଏହାର ବ୍ୟବହାର କମିବ। ଏହା କେବଳ ସ୍ୱାସ୍ଥ୍ୟଗତ ଲାଭ ଦେବ ନାହିଁ, ବରଂ ସରକାରଙ୍କ ରାଜସ୍ୱ ମଧ୍ୟ ବୃଦ୍ଧି ପାଇବ, ଯାହାକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିନିଯୋଗ କରାଯାଇପାରିବ।

ଏହା ବ୍ୟତୀତ, ତମାଖୁ କମ୍ପାନୀମାନେ ନିଜର ଲାଭ ପାଇଁ ଯୁବପିଢ଼ିଙ୍କୁ ଟାର୍ଗେଟ୍ କରି ବିଭିନ୍ନ ପ୍ରକାରର ଆକର୍ଷଣୀୟ ବିଜ୍ଞାପନ ଓ ପ୍ରଚାର କରୁଛନ୍ତି। ସେମାନେ ଜାଣିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି କମ୍ ବୟସରେ ତମାଖୁ ସେବନ ଆରମ୍ଭ କରେ, ତେବେ ସେ ଜୀବନସାରା ଏହାର ନିଶାରେ ଫସି ରହିବ। ଧୂଆଁବିହୀନ ତମାଖୁ ଅନେକ ସମୟରେ ସିଗାରେଟ୍ ଠାରୁ ଅଧିକ ଏବଂ ଦୀର୍ଘସ୍ଥାୟୀ ନିକୋଟିନ୍ ମାତ୍ରା ପ୍ରଦାନ କରିଥାଏ, ଯାହା ଯୁବ ବ୍ୟବହାରକାରୀଙ୍କୁ ଅଧିକ ନିଶାଗ୍ରସ୍ତ କରିଥାଏ। ଏହି ଲାଭଖୋର କମ୍ପାନୀମାନଙ୍କ ଉପରେ କଠୋର ନିୟନ୍ତ୍ରଣ ଲଗାଇବା ଅତ୍ୟନ୍ତ ଜରୁରୀ।

ସମୟ ଆସିଛି, ଯେତେବେଳେ ସରକାର ଏହି ଗମ୍ଭୀର ସମସ୍ୟା ପ୍ରତି ଅଧିକ ଗୁରୁତ୍ୱ ଦେବେ। କେବଳ ସଚେତନତା କାର୍ଯ୍ୟକ୍ରମ ଯଥେଷ୍ଟ ନୁହେଁ। ତମାଖୁ ଉପରେ ଟିକସ ବୃଦ୍ଧି କରିବା, ବିଶେଷ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୁପାରିଶ ଅନୁଯାୟୀ ୭୫% ଟିକସ ଲାଗୁ କରିବା, ସିଙ୍ଗଲ୍ ଷ୍ଟିକ୍ ସିଗାରେଟ୍ ବିକ୍ରିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ସମସ୍ତ ପ୍ରକାର ତମାଖୁ ବିକ୍ରି ଓ ବିଜ୍ଞାପନ ଉପରେ କଠୋର ନିୟମ ଲାଗୁ କରିବା, ଏବଂ ତମାଖୁ ଛାଡ଼ିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ସହାୟତା କେନ୍ଦ୍ର ଖୋଲିବା ଅତ୍ୟନ୍ତ ଜରୁରୀ। ବିଶେଷ କରି ଗ୍ରାମାଞ୍ଚଳରେ ତମାଖୁର ପ୍ରଚଳନ ଅଧିକ ଥିବାରୁ ସେଠାରେ ସ୍ୱାସ୍ଥ୍ୟସେବା ଓ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ।

ତମାଖୁର ସୁଲଭତା ଆମ ସମାଜ ପାଇଁ ଏକ ମୃତ୍ୟୁଫାଶ ସଦୃଶ। ଏହା କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟକୁ ନୁହେଁ, ବରଂ ସମଗ୍ର ଦେଶର ଭବିଷ୍ୟତକୁ ବିପଦରେ ପକାଉଛି। ଏହି କର୍କଟ ମହାମାରୀକୁ ରୋକିବା ପାଇଁ ସରକାର, ସମାଜ ଏବଂ ପ୍ରତ୍ୟେକ ନାଗରିକଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ନଚେତ୍, ଆମେ ଏକ ରୋଗଗ୍ରସ୍ତ ଓ ଦାରିଦ୍ର୍ୟଗ୍ରସ୍ତ ଭବିଷ୍ୟତ ଆଡ଼କୁ ଗତି କରିବା। ଏହି ମହାମାରୀକୁ ରୋକିବା ପାଇଁ ତମାଖୁର ମୂଲ୍ୟ ବୃଦ୍ଧି ଏକ ପ୍ରମୁଖ ଅସ୍ତ୍ର, ଯାହାକୁ ତୁରନ୍ତ ପ୍ରୟୋଗ କରିବା ଆବଶ୍ୟକ। ଆମର ଓ ଆସନ୍ତା ପିଢ଼ିକୁ ଏକ ସୁସ୍ଥ ଓ କର୍କଟମୁକ୍ତ ଭବିଷ୍ୟତ ଦେବା ଆମ ସମସ୍ତଙ୍କର ଦାୟିତ୍ୱ।



## ଅଁଳା ନବମୀ ଓ ଶ୍ରୀ ରାଧାପାଦ ଦର୍ଶନ

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

କାର୍ତ୍ତିକମାସ ଶୁକ୍ଳପକ୍ଷ ନବମୀ ତିଥିକୁ ଅଁଳା ନବମୀ ଭାବେ ପାଳନ କରାଯାଇଥାଏ । ଅଁଳାକୁ ହିନ୍ଦୁ ଧର୍ମରେ ଏକ ପବିତ୍ର ଦ୍ରବ୍ୟର ମାନ୍ୟତା ଦିଆଯାଇଛି । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତ୍ରିଦେବଙ୍କ ଅତିପ୍ରିୟ ବୋଲି ପୁରାଣରେ ବର୍ଣ୍ଣନା ରହିଛି । ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ଅଁଳା ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ମାନ୍ୟତା ପାଇଛି । ଅଁଳାକୁ ସଂସ୍କୃତରେ ତିଷ୍ୟଭଳା, ଅମୃତା, ବୟସ୍କା, କାୟସ୍ଥା, ଶ୍ରୀଫଳା, ଧାତ୍ରିକା, ଶିବ, ଶାନ୍ତା, ଧାତ୍ରୀ, ବୃଷ୍ୟା, ବୃତଫଳ, ରୋଚନୀ, କର୍ଷଫଳା ଆଦି କୁହାଯାଇଥାଏ । ସାଧାରଣତଃ କାର୍ତ୍ତିକ ବ୍ରତ କରୁଥିବା ହବିଷ୍ୟାଳୀମାନେ ଭଗବାନ ବିଷ୍ଣୁଙ୍କ ପ୍ରତୀମାକୁ ଅଁଳା ବାଟରେ ସ୍ନାନ କରାଇଥାନ୍ତି । ମହିଳାମାନେ ଦିନଯାକ ଉପବାସ କରିଥାନ୍ତି । ସେମାନେ ଅଁଳା ଗଛ ତଳେ ଭୋଗ ପ୍ରସ୍ତୁତ କରି ପ୍ରଭୁଙ୍କୁ ଅର୍ପଣ କରିଥାନ୍ତି । ଏହାପରେ ସେମାନେ ଅଁଳା ଗଛ ଚାରିପାଖେ ବୁଲି ପୂଜାର୍ଚ୍ଚନା କରିଥାନ୍ତି। ଅଁଳା ନବମୀରୁ କାର୍ତ୍ତିକ ଶେଷ ଯାଏ ଅଁଳା ବଟା ବୋଳି ହୋଇ ସ୍ନାନ କରିବା ଏକ ଓଡ଼ିଆ ପରମ୍ପରା । ଅଁଳା ବୃକ୍ଷର ଉତ୍ପତ୍ତିକୁ ନେଇ ଏକ କିମ୍ବଦନ୍ତୀ ରହିଛି । ଥରେ ଅଁଳା ବୃକ୍ଷର ଉତ୍ପତ୍ତି ସମ୍ପର୍କରେ ଏକ କିମ୍ବଦନ୍ତୀ ରହିଛି ଥରେ ଲକ୍ଷ୍ମୀ ଓ ଭଗବତୀ ହରିଙ୍କୁ କୌଣସି ଏକ ନୂଆ ଦ୍ରବ୍ୟ ଦେବା ପାଇଁ ମନସ୍ଥ କଲେ । କ'ଣ ଦେବେ ଭାବୁ ଭାବୁ ଦୁହିଁଙ୍କ ଆଖିରୁ ଏକ ସଙ୍ଗେ ଲୁହ ବୋହି ଚାଲିଲା । ସେହି ଆନନ୍ଦାଶ୍ରୁ ଭୂଇଁରେ ପଡ଼ି ଅଁଳା ଗଛ ସୃଷ୍ଟି ହୋଇଥିଲା । ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ, ଦିନେ ଲକ୍ଷ୍ମୀ ଓ ପାର୍ବତୀ ଏକତ୍ର ବନସ୍ତରେ ନିଜ ନିଜ ପତିଙ୍କ ପାଇଁ ପୂଜାପାଠ କରିବାକୁ ମନସ୍ତ କଲେ । ହେଲେ ପାର୍ବତୀଙ୍କ ପାଖରେ ବେଲପତ୍ର କି ଲକ୍ଷ୍ମୀଙ୍କ ନିକଟରେ ତୁଳସୀ ନଥିଲା । ଦୁହେଁ ଭାବନାରେ ପଡ଼ିଗଲେ । ଠିକ୍ ସେତିକିବେଳେ ନାରଦ ମୁନି ସେଠାରେ ପହଞ୍ଚି ସେମାନଙ୍କ ସମସ୍ୟା କଥା ଶୁଣିଲେ । ଅଁଳା, ବିଲ୍ୱ ଓ ତୁଳସୀର ସମାହାର ବୋଲି ନାରଦ ସେମାନଙ୍କୁ କହିଥିଲେ । ଏହାପରେ ଦୁହେଁ ଅଁଳା ଗଛ ନିକଟରେ ପୂଜା କାର୍ଯ୍ୟ କଲେ । ରାଜା ଉନମାଧବ ଯମୁନା ନଦୀକୂଳରୁ ଆଣିଥିବା ଶ୍ରୀକୃଷ୍ଣଙ୍କ ମଣିବିଗ୍ରହ ସାକ୍ଷାତ ମୂର୍ତ୍ତି ଭାବେ ବୃନ୍ଦାବନରେ ଅଧିଷ୍ଠିତ ହୋଇଥିଲେ । ପରବର୍ତ୍ତୀ ସମୟରେ ଏହି ମଣିବିଗ୍ରହ ବୃନ୍ଦାବନରୁ କାଞ୍ଚିର ଜଣେ ଶ୍ରୀବତ୍ସ ବ୍ରାହ୍ମଣ ପାଇଁ ସାକ୍ଷୀ ଦେବା ପାଇଁ ଆସି କାଞ୍ଚିରେ ରହି ଆଉ ବୃନ୍ଦାବନ ଫେରିଲେ ନାହିଁ ଓ ସାକ୍ଷୀଗୋପାଳ ନାମରେ ପୂଜା ପାଇଲେ । ଓଡ଼ିଶାର ରାଜା ଶ୍ରୀ ପୁରୁଷୋତ୍ତମ ଦେବା କାଞ୍ଚି ବିଜୟ ପରେ ପ୍ରଭୁ ଶ୍ରୀ ସାକ୍ଷୀଗୋପାଳଙ୍କୁ ପୁରୀ ନେଇ ଆସିଥିଲେ । ପ୍ରଥମେ ଏହି ମଣିବିଗ୍ରହ ପୁରୀ ଶ୍ରୀମନ୍ଦିରର ଭୋଗମଣ୍ଡପରେ ରହିଥିଲେ । ପରେ ସ୍ୱପ୍ନାଦେଶ କ୍ରମେ ପୁରୀ ଠାରୁ ୧୫ ମାଇଲ ଦୂର ବ୍ରାହ୍ମଣ ଶାସନର କେନ୍ଦ୍ରସ୍ଥଳ ପୁଣ୍ୟତୋୟା ରତ୍ନଚିରା ନଦୀ ତୀରବର୍ତ୍ତୀ ଛୁରିଅନା, ବକୁଳ, ତମାଳ, କେତକୀ ଓ ନାରିକେଳ ବୃକ୍ଷ ପରିପୂର୍ଣ୍ଣ ପ୍ରାକୃତିକ ବନରେ ସାକ୍ଷୀଗୋପାଳ ସ୍ଥାପିତ ହୋଇଥିଲେ । ସାକ୍ଷୀଗୋପାଳ ରହିଥିବାରୁ ସେହି ସ୍ଥାନଟି ସାକ୍ଷୀଗୋପାଳ ନାମରେ ନାମିତ ହେଲା । ସମୟକ୍ରମେ ଶ୍ରୀକୃଷ୍ଣଙ୍କ ପ୍ରିୟା ଶ୍ରୀରାଧା ସାକ୍ଷୀଗୋପାଳ ବଡ଼ପଣ୍ଡ ବେଲେଶ୍ୱର ମହାପାତ୍ରଙ୍କ ଘରେ ମାନବୀ ପ୍ରିୟା ଲକ୍ଷ୍ମୀ ରୂପରେ ଜନ୍ମ ନେଲେ ।

ପ୍ରଭୁ ସାକ୍ଷୀଗୋପାଳ ପ୍ରତି ରାତ୍ରର ତୃତୀୟ ପ୍ରହରରେ ମନ୍ଦିର ଛାଡ଼ି ଆସି ଗୁପ୍ତ ବୃନ୍ଦାବନ ରୂପେ ପରିଚିତ ବକୁଳବନରେ ଲକ୍ଷ୍ମୀଙ୍କ ସହ କେଳି କରନ୍ତି ଅଧିକାଂଶ ସମୟରେ ପ୍ରଭୁଙ୍କ ବଂଶୀ, ରାତ୍ର ପିନ୍ଧା ବସନ, ଚୂଳ ଆଦି ଲକ୍ଷ୍ମୀଙ୍କ ଶୟନ ଶେଯରୁ ମିଳିବାରୁ ରାଜା ବଡ଼ପଣ୍ଡାଙ୍କୁ ଚୋରା କହି ନିର୍ଯାତନା ଦେଲେ । ହେଲେ ଭକ୍ତବତ୍ସଳ



ଭଗବାନ ଏହା ଜାଣିପାରି ରାଜାଙ୍କୁ ସ୍ୱପ୍ନାଦେଶ କଲେ । ତୁରନ୍ତ ଲକ୍ଷ୍ମୀଙ୍କ ପରି ଏକ ସୁବର୍ଣ୍ଣ ପ୍ରତିମା ଶୀଘ୍ର ନିର୍ମାଣ କରାଇବା ପାଇଁ ରାଜାଙ୍କୁ କହିଲେ । ରାଜା ଗଡ଼ଜାତ ରଣପୁର ଅଞ୍ଚଳରୁ କେତେକ କୁଶଳୀ କାରିଗର ଆଣି ଲକ୍ଷ୍ମୀଙ୍କ ଏକ ସୁବର୍ଣ୍ଣ ମୂର୍ତ୍ତି ନିର୍ମାଣ କରାଇଲେ । ମୂର୍ତ୍ତି ନିର୍ମାଣ ଆରମ୍ଭ ହେବା ଦିନରୁ ଲକ୍ଷ୍ମୀ ରୋଗରେ ଶଯ୍ୟାଶାୟୀ ହେଲେ । ମୂର୍ତ୍ତିର ଜୀବନ୍ୟାସ ଦିଆଯିବା ସମୟରେ ଲକ୍ଷ୍ମୀ ଇହଲୀଳା ସମ୍ବରଣ କଲେ । ପ୍ରଭୁ ସାକ୍ଷୀଗୋପାଳଙ୍କ ଇଛା ଅନୁଯାୟୀ ଲକ୍ଷ୍ମୀଙ୍କ ମରଶରୀରକୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସଂସ୍କାର କରାଯାଇଥିଲା । ଠାକୁର ପଶ୍ଚିମାଞ୍ଚଳବାସୀ ହୋଇଥିବାରୁ ଅନ୍ନପ୍ରସାଦ ପରିବର୍ତ୍ତେ ଗହମ ଜାତ ସାମଗ୍ରୀ ଭୋଗ କରାଗଲା । ପଶ୍ଚିମାଞ୍ଚଳ ମହିଳାଙ୍କ ପରି ମା'ଲକ୍ଷ୍ମୀ ବା ଶ୍ରୀରାଧାଙ୍କୁ ପଶ୍ଚିମାଞ୍ଚଳ ମହିଳାଙ୍କ ପରି ପିନ୍ଧା ଶାଢ଼ୀ ଦ୍ୱାରା ତାଙ୍କ ପାଦପଦ୍ମ ବର୍ଷସାରା ଘୋଡ଼ି ହୋଇ ରହିଲା । ତେବେ ମା'ଙ୍କୁ ବର୍ଷକେ ଥରେ ଓଡ଼ିଆଣୀ ଭାବେ ବେଶ କରିବା ଲାଗି କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଠାକୁରାଣୀ କାଣିଆ କଛା ମାରି ଶାଢ଼ୀ ପିନ୍ଧନ୍ତି । ଫଳରେ ତାଙ୍କ ପାଦଯୋଡ଼ି ଦେଖାଯାଇଥାଏ । ଭକ୍ତମାନେ ଶ୍ରୀରାଧାଙ୍କ ପାଦପଦ୍ମ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି । ଏହାକୁ ରାଧାପାଦ ଦର୍ଶନ କୁହାଯାଏ । ଏହିଦିନ ଗୋପାଳଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ମସ୍ତକରେ ସ୍ୱର୍ଣ୍ଣ କିରୀଟ, ହାତରେ ସୁବର୍ଣ୍ଣ ବଂଶୀ ସାଙ୍ଗକୁ ନଟବର ବେଶରେ ଏବଂ ରାଧାଙ୍କୁ ଖଣ୍ଡୁଆ ପାଟବସ୍ତ୍ର ସହ କିରୀଟ, ପାଉଁଜି, ଝୁଣ୍ଟିଆ, କୁଣ୍ଡଳ, ଚାପସରି ସେବତୀ ହାର, ନୋଥ, ଗୁଣା ଏବଂ ଅଁଳା ହାର ଲାଗି କରାଯାଏ । ଦେବୀ ଶ୍ରୀରାଧାଙ୍କ ପାଦ ଦର୍ଶନ ନିମିତ୍ତ ଓଡ଼ିଶା ଓ ଓଡ଼ିଶା ବାହାରୁ ଲକ୍ଷାଧିକ ଭକ୍ତଙ୍କ ଜନସମାଗମ ହୋଇଥାଏ।


+ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ମୋ: ୯୪୩୭୨୪୨୩୧୭




## କାର୍ତ୍ତିକ ମାସରେ ପଡୁଥିବା ପର୍ବପର୍ବାଣୀ

ଗଙ୍ଗାଧର ସାମଲ

ସନାତନ ଧର୍ମରେ କାର୍ତ୍ତିକକୁ ପର୍ବପର୍ବାଣୀରେ ସମୃଦ୍ଧ ମାସ ଭାବେ ବର୍ଣ୍ଣନା କରାଯାଇଛି। କାରଣ ଏହି ମାସରେ ଧର୍ମ କାର୍ଯ୍ୟ କରିବା ନିମନ୍ତେ ବହୁ ପୂଣ୍ୟମୟ ତିଥି ପଡ଼ିଥାଏ। କାର୍ତ୍ତିକ ବ୍ରତ ସମୟରେ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନାଦି ସାରି ସୂର୍ଯ୍ୟଦେବଙ୍କୁ ଉପାସନା ଓ ତୁଳସୀ ଚଉଁରା ମୂଳେ ପାଣି ଚଢ଼ାଇଲେ ଅଶେଷ ପୁଣ୍ୟ ହୋଇଥାଏ। ଏକ ହଜାର ତୁଳସୀ ପତ୍ରରେ ଭଗବାନ ବିଷ୍ଣୁଙ୍କୁ ପୂଜା କଲେ ସେ ସନ୍ତୁଷ୍ଟ ହୋଇ ଅଶେଷ ବରଦାନ କରନ୍ତି ବୋଲି ବିଶ୍ୱାସ ଅଛି। ତୁଳସୀ ପତ୍ରକୁ ସେବନ କଲେ ଶରୀର ନିରୋଗ ରହେ। କାର୍ତ୍ତିକରେ ଦାନ : ଏହି ମାସରେ ଗରୀବଙ୍କୁ ଓ ବ୍ରାହ୍ମଣମାନଙ୍କୁ ଦାନ କଲେ ବିଶେଷ ପୁଣ୍ୟ ହୁଏ ବୋଲି ଲୋକ ବିଶ୍ୱାସ କରନ୍ତି। ବ୍ୟକ୍ତି କାର୍ତ୍ତିକ ମାସର ଦିନମାନଙ୍କରେ ତୁଳସୀ ଦାସ, ଅନ୍ନଦାନ, ଗୋଦାନ ଇତ୍ୟାଦି ଦାନ କଲେ ସର୍ବାଧିକ ପୂଣ୍ୟ ପ୍ରାପ୍ତ ହୁଏ। କାର୍ତ୍ତିକରେ ବାଣିଜ୍ୟ ଶୁଭାରମ୍ଭ : କାର୍ତ୍ତିକ ମାସରେ ବ୍ୟବସାୟର ଶୁଭାରମ୍ଭ କଲେ ବ୍ୟବସାୟ ପ୍ରତିଷ୍ଠିତ ହୁଏ ବୋଲି ବିଶ୍ୱାସ କରାଯାଏ। ଅତୀତରେ ଓଡ଼ିଆ ସାଧବ ପୁଅ କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ କରି ବିଦେଶକୁ ବ୍ୟବସାୟ ପାଇଁ ଯାଉଥିଲେ ଓ ଫେରିଲା ବେଳକୁ ସାଥିରେ ଅପର୍ଯ୍ୟାପ୍ତ ଧନଦୌଲତ ଘେନି ଫେରୁଥିଲେ। ତେଣୁ ଏହି ପୂର୍ଣ୍ଣମୀ ଦିନ ସାଧବ ବୋହୂମାନେ ତାଙ୍କ ସ୍ୱାମୀମାନଙ୍କର ଶୁଭ ମନାସୀ ବୋଇତ ବନ୍ଦାଣ କରି ସ୍ୱାମୀମାନଙ୍କୁ ବ୍ୟବସାୟ ପାଇଁ ମେଲାଣି ଦେଉଥିଲେ। ଯାହାକୁ ସ୍ମରଣୀୟ କରିବାକୁ ଆଜି ଆମ ଓଡ଼ିଶାର କଟକରେ ଗଡ଼ଗଡ଼ିଆ ଘାଟ ଓ ପାରାଦ୍ୱୀପରେ ବୋଇତ ବନ୍ଦାଣ ଉତ୍ସବରେ ପରିଣତ ହୋଇଛି। କାର୍ତ୍ତିକ ସୋମବାରରେ ହବିଷ୍ୟ ପାଳନ ପୂର୍ବକ ଆଶୁତୋଷଙ୍କୁ ପୂଜା କରାଯାଏ।

କରବାଚୌଥ : ସଧବା ନାରୀମାନେ ପତିଙ୍କ ଦୀର୍ଘାୟୁ କାମନା କରି ଏହି ବ୍ରତ କରିଥାନ୍ତି। ବିବାହିତା ମହିଳା ଦିନ ସାରା ନିରାହାର ରହି ବ୍ରତ ରଖିବା ପରେ ସନ୍ଧ୍ୟାରେ ଚନ୍ଦ୍ରଙ୍କୁ ସାକ୍ଷୀ ରଖି ପତିଙ୍କ ଦର୍ଶନ କରିଥାନ୍ତି ଏବଂ ତାଙ୍କ ହାତରୁ ଜଳପାନ କରି ବ୍ରତ ଭାଙ୍ଗିଥାନ୍ତି।

ଦ୍ୱାଦଶୀ : ଏହି ଦିନ ଗୋବତ୍ସ ଦ୍ୱାଦଶୀ ବ୍ରତ ପାଳନ କରାଯାଏ। ଗାଇବାଛୁରୀଙ୍କ ପୂଜା କରାଯିବାର ବିଧାନ ରହିଛି ଏହି ତିଥିରେ।

ତ୍ରୟୋଦଶୀ : ସୁଖ-ସମୃଦ୍ଧି କାମନା କରି ଏହି ଦିନ ଧନତେରାସ୍ ପର୍ବ ପାଳନ କରାଯାଇଥାଏ। ଏଥିରେ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଘରେ ଘରେ ମାତା ଲକ୍ଷ୍ମୀଙ୍କ ସହିତ ଗଣେଶଙ୍କ ପୂଜା କରାଯାଇଥାଏ। ଏହି ଦିନ ଆୟୁର୍ବେଦର ଜନକ ଧନ୍ୱନ୍ତରୀଙ୍କ ଜୟନ୍ତୀ ମଧ ପାଳନ କରାଯାଇଥାଏ।

ଚତୁର୍ଦ୍ଦଶୀ : କୃଷ୍ଣ ଚତୁର୍ଦ୍ଦଶୀକୁ ନରକ ଚତୁର୍ଦ୍ଦଶୀ ପର୍ବ ଭାବେ ପାଳନ କରାଯାଉଥିବା ବେଳେ ଏହି ଦିନ ହନୁମାନ ଜୟନ୍ତୀ ମଧ ପାଳନ କରାଯାଇଥାଏ।

ଅମାବାସ୍ୟା : ଏହି ଦିନ ଶ୍ୟାମାକାଳୀଙ୍କୁ ପୂଜା କରାଯାଏ। ଦୀପାବଳୀ ପାଳିତ ହୁଏ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ଏବଂ ପୟା ଅମାବାସ୍ୟା ବିଧି ମୁତାବକ ପାଳନ କରାଯାଏ।

ପ୍ରତିପଦା : କାର୍ତ୍ତିକ ମାସର ଏହି ତିଥିରେ ଗୋବର୍ଦ୍ଧନ ପୂଜା କରାଯାଏ। ଭଉଣୀମାନେ ଭାଇଙ୍କ ନିଷ୍କଣ୍ଟକ ତଥା ଦୀର୍ଘ ଆୟୁ କାମନା କରି ଗୋବର୍ଦ୍ଧନଙ୍କୁ ପୂଜା କରିଥାନ୍ତି। କାଶୀର ଦେବାଳୟରେ ଏହି ତିଥି ଠାରୁ ଅନ୍ନକୁଟ ପରମ୍ପରା ଆରମ୍ଭ ହୋଇଥାଏ।

ଦ୍ୱିତୀୟା : କାର୍ତ୍ତିକ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଭାଇଦୁଜ୍ ପର୍ବ ପାଳନ କରାଯାଇଥାଏ। ଭଉଣୀମାନେ ଭାଇଙ୍କ ପୂଜା କରିଥାନ୍ତି। ଏହି ତିଥିରେ ଭଗବାନ ଚିତ୍ରଗୁପ୍ତଙ୍କ ମଧ୍ୟ ପୂଜା କରାଯାଏ।

ଷଷ୍ଠୀ : ଏହି ତିଥିରେ ଭାରତର କେତେକ ସ୍ଥାନରେ ଡାଲା ଛଟ୍ ନାମକ ପର୍ବ ପାଳନ କରାଯାଇଥାଏ। ମହିଳା ଏବଂ ପୁରୁଷମାନେ ଅଣ୍ଟାଏ ପାଣିରେ ଛିଡ଼ା ହୋଇ ଅସ୍ତ ଯାଉଥିବା ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଥାନ୍ତି। ପଞ୍ଚମୀ ଠାରୁ ଆରମ୍ଭ ହେଉଥିବା ଏହି ପର୍ବର ବିଧିବିଧାନ ସପ୍ତମୀ ତିଥିରେ ଉଦିତ ହେଉଥିବା ସୂର୍ଯ୍ୟଙ୍କୁ ଅର୍ଘ୍ୟଦାନ ସହ ସମାପ୍ତ ହୋଇଥାଏ।

ଅଷ୍ଟମୀ : କାର୍ତ୍ତିକ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ପର୍ବ ପାଳନ କରାଯାଏ। ଏହି ଦିନ ଗୋମାତାଙ୍କ ପୂଜା କରାଯାଇଥାଏ।

ନବମୀ : କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥି, ଅଁଳା ନବମୀ ନାମରେ ଖ୍ୟାତ। ଏହି ତିଥିରେ ଅଁଳା ବୃକ୍ଷର ପୂଜା କରିବା ସହ ଏହି ବୃକ୍ଷ ଛାଇରେ ବସି ଭୋଜନ କରିବାର ବିଧି ରହିଛି। ଭଗବାନ ଜଗନ୍ନାଥ ମନ୍ଦିରରେ ଏହି ଦିନ ବିଧିମୁତାବକ ଅଁଳା ନବମୀ ପୂଜା ଅନୁଷ୍ଠିତ ହୋଇଥାଏ।

ଏକାଦଶୀ : କାର୍ତ୍ତିକ ଶୁକ୍ଳ ଏକାଦଶୀ ବଡ଼ ଏକାଦଶୀ ନାମରେ ଖ୍ୟାତ। ଏହାକୁ ଦେବପ୍ରବୋଧିନୀ ବା ହରିପ୍ରବୋଧିନୀ ଏକାଦଶୀ ମଧ କୁହାଯାଇଥାଏ। ଚର୍ତୁମାସ୍ୟା ଅବସରରେ ନିଦ୍ରା ଯାଇଥିବା ଭଗବାନ ଶ୍ରୀହରି ବିଷ୍ଣୁ ଏହି ଦିନ ତୁଳସୀ ବିବାହୋତ୍ସବ ମଧ ପାଳିତ ହୋଇଥାଏ। ହବିଷ୍ୟାଳୀମାନେ ଏକାଦଶୀ ତିଥିରେ ରାଧାଦାମୋଦରଙ୍କୁ ପୂଜା କରିଥାନ୍ତି।

ଚତୁର୍ଦ୍ଦଶୀ : କାର୍ତ୍ତିକ ଚତୁର୍ଦ୍ଦଶୀକୁ ବୈକୁଣ୍ଠ ଚତୁର୍ଦ୍ଦଶୀ ନାମରେ ପାଳନ କରାଯାଇଥାଏ।

ପୂର୍ଣ୍ଣିମା : କାର୍ତ୍ତିକ ସ୍ନାନ ଏହି ଦିନ ସମାପନ ହୋଇଥାଏ। ଏହି ଦିନ ଜଳୋତ୍ସବ ଏବଂ ଦେବ ଦୀପାବଳୀ ମଧ ପାଳନ କରାଯାଇଥାଏ। ନବରାତ୍ରରୁ ଆରମ୍ଭ ହୋଇଥିବା ଉତ୍ସବର ପର୍ବ ସମାପ୍ତ ହୋଇଥାଏ। ବୋଇତ ବନ୍ଦାଣ ଉତ୍ସବ ମଧ ଏହି ତିଥିରେ ପାଳିତ ହୋଇଥାଏ। ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ଜୟନ୍ତୀ ଏହି ଦିନ ପାଳନ କରାଯାଇଥାଏ।

କାର୍ତ୍ତିକ ପୂର୍ଣ୍ଣିମା : କାର୍ତ୍ତିକ ମାସ ପରି କାର୍ତ୍ତିକ ପୂର୍ଣ୍ଣିମା ବା ରାସ ବା ରାହାସ ପୂର୍ଣ୍ଣିମା ମଧ ଭଗବାନ ବିଷ୍ଣୁଙ୍କୁ ସମର୍ପିତ । ଏହି ପୂର୍ଣ୍ଣମାରେ ଭୋଜରାଜ ଓ ଭୀଷ୍ମ ଗଙ୍ଗାସ୍ନାନ କରିଥିଲେ । କିମ୍ବଦନ୍ତୀ ଅନୁଯାୟୀ, ଅନୁଜ ଲକ୍ଷ୍ମଣ ଓ ସୀତା ମାତାଙ୍କ ସହ ପ୍ରଭୁ ରାମଚନ୍ଦ୍ର ଦଣ୍ଡକାରଣ୍ୟରେ ବୁଲୁଥିବା ବେଳେ ମୁନିଋଷିମାନେ ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ । ସେମାନେ ନାରୀ ରୂପେ ରାମଙ୍କ ସାହଚର୍ଯ୍ୟ ଲାଭ କରିବା ପାଇଁ ମନେ ମନେ ଅଭିଳାଷ କରିଥିଲେ । ନରରୂପୀ ଗୋଲକବିହାରୀ ସେମାନଙ୍କ ମାନସିକ ଅବସ୍ଥା ବୁଝିପାରି, ଦ୍ୱାପର ଯୁଗରେ ଗୋପବାଳା ରୂପେ ଜନ୍ମ ହେବା ପାଇଁ ସେମାନଙ୍କୁ ବର ଦେଇଥିଲେ । ଗୋପୀମାନେ କୃଷ୍ଣଙ୍କ ସାନ୍ନିଧ ଲାଭ ଆଶାରେ କାର୍ତ୍ତିକ ମାସରେ ପ୍ରତି ଦିନ ସକାଳେ ନଦୀରେ ସ୍ନାନ ସାରି, ବାଲିରେ କୃଷ୍ଣ ପ୍ରତିମା ତିଆରି କରି ଫୁଲ ଚନ୍ଦନ ଲଗାଇ ପୂଜାପାଠ କରୁଥିଲେ । ପୂର୍ଣ୍ଣମୀରେ ପୂଜାପାଠ ଶେଷ ହେଉଥିଲା । ଏହି ପୂର୍ଣ୍ଣମୀର ଐତିହାସିକ ଗୁରୁତ୍ୱ ମଧ ରହିଛି । ଓଡ଼ିଆ ସାଧବପୁଅମାନେ ଏହି ପୂର୍ଣ୍ଣମାରେ ରେଶମୀ ବସ୍ତ୍ର, ଅଳଙ୍କାର, ସୁଗନ୍ଧ ଦ୍ରବ୍ୟ ଓ ହାତୀ ଦାନ୍ତ ପ୍ରସ୍ତୁତି ସାମଗ୍ରୀ ଆଦି ନେଇ ଜାଭା, ସୁମାତ୍ରା ଏବଂ ବୋର୍ଣ୍ଣିଓ ଦ୍ୱୀପକୁ ଯାତ୍ରା କରୁଥିଲେ । ସେହି ପ୍ରାଚୀନ ନୌବାଣିଜ୍ୟର ସ୍ମୃତିରେ କଦଳୀ ପଟୁଆ ନିର୍ମିତ ଡଙ୍ଗା ଭସାଣ ଏକ ଓଡ଼ିଆ ପରମ୍ପରା ।

ବାଲିଯାତ୍ରା : ଏହି ପୂର୍ଣ୍ଣମୀରେ ବାଲିଯାତ୍ରା ଆରମ୍ଭ ହୁଏ । କେଉଁ କାଳୁ ଏହା ଗଡ଼ି ଆସିଲାଣି । ଏହାର ଉତ୍ପତ୍ତିକୁ ନେଇ ଗବେଷକଙ୍କ ମଧରେ ମତପାର୍ଥକ୍ୟ ରହିଛି । ଏକ ମତ ଅନୁଯାୟୀ ଏହା ବାଲିକୁ ଯାତ୍ରା ନୁହେଁ ବାଲି ଉପରେ ବସୁଥିବା ଯାତ୍ରା । କାରଣ ସାଧବପୁଅମାନେ ବାଲି ନାମକ କୌଣସି ଦ୍ୱୀପକୁ ଯାତ୍ରା କରୁଥିବାର ଐତିହାସିକ ପ୍ରମାଣ ନାହିଁ । ସେମାନେ ଯବଦ୍ୱୀପ (ଜାଭା), ବରୁଣଦ୍ୱୀପ (ବୋର୍ଣ୍ଣିଓ) ଓ ସ୍ୱର୍ଣ୍ଣଦ୍ୱୀପ (ସୁମାତ୍ରା)କୁ ଯାତ୍ରା କରୁଥିବାର ପ୍ରମାଣ ମିଳେ । ବଳିଦ୍ୱୀପର ଅପଭ୍ରଂଶ ହେଉଛି ବାଲିଦ୍ୱୀପ । କଳିଙ୍ଗବାସୀଙ୍କର ଏହି ଦ୍ୱୀପ ସହ କୌଣସି ସିଧାସଳଖ ବାଣିଜ୍ୟ ସଂପର୍କ ନଥିଲା । ତେଣୁ, ବାଲି ଉପରେ ବସୁଥିବା ଯାତ୍ରା ହେଉଛି ବାଲିଯାତ୍ରା । କାର୍ତ୍ତିକ ତ୍ରୟୋଦଶୀରେ ଯାତ୍ରୀମାନେ ଧବଳେଶ୍ୱରରେ ବଡ଼ ଓଷା ପାଳନ ସାରି, ଚତୁର୍ଦ୍ଦଶୀ ଦିନ ପିଠା ଭୋଗ ଖାଇ ବାରବାଟୀ ଗ୍ରାମ ନିକଟସ୍ଥ ବାଲିବନ୍ଧକୁ ଫେରୁଥିଲେ । ସେଠାରେ ମେଳା ବା ଯାତ୍ରା ଅନୁଷ୍ଠିତ ହେଉଥିଲା । ମେଳାରୁ ଘରକରଣା ଜିନିଷ ଆଦି କିଣି, ସେମାନେ ଫେରୁଥିଲେ । ବାଲିବନ୍ଧ ଉପରେ ଅନୁଷ୍ଠିତ ହେଉଥିବା ଯାତ୍ରା କ୍ରମେ ବାଲିଯାତ୍ରା ପାଲଟିଥିଲା ।


+ଆଇନଜୀବୀ, ଓଡ଼ିଶା
ହାଇକୋଟ, କଟକ,
ମୋ: ୮୩୨୮୯୪୮୬୪୩





## ପଥରେ ଗଢ଼ା ଏ ସହରୀ ମନ

ମନୋଜ କୁମାର ମେହେର



କାହିଁକି କେ ଜାଣି ସହରୀ ମନଟା
ପଥରେ ଗଢ଼ା ହୋଇଛି,
ଗାଆଁ ହୋଇଗଲା ସାତ ସପନ ଯେ
ସବୁ ତ ଭୂଲି ଯାଇଛି।
ଭୂଲିଗଲା ଗାଆଁ ମମତା ସେନେହ
ସହରେ ପରା ରହୁଛି,
ଧନୀ ହେବାପାଇଁ ସହରକୁ ଯାଇ
ଖାଲି ସପନ ଦେଖୁଛି।
ସହରୀଆ ଲୋକ ସବୁଯାକ ବ୍ୟସ୍ତ
ଟଙ୍କା ପଛରେ ଗୋଡାନ୍ତି,
ସାଇ ପଡ଼ିଶାର ସୁଖେ ଅବା ଦୁଃଖେ
ସୁଖଦୁଃଖ ନ ବାଣ୍ଟନ୍ତି।
କଂକ୍ରିଟ ଜଙ୍ଗଲେ ରହି ରହି ପରା
ନିଜେ ପଥର ହୁଅନ୍ତି,
ପଥର ପରି କା ହୃଦୟଟି ଟାଣ
ଭଲମନ୍ଦ ନ ବୁଝନ୍ତି।
ଏକୁଟିଆ ଭଳି ଜୀବନ ବଞ୍ଚନ୍ତି
କାହା ସାଥେ ନାହିଁ ଭାବ,
ପଥର ପରି କା ଦେହଟା ତାହାର
ସେ କିଆଁ ଦୁଃଖ ଜାଣିବ।
ଆପଦ ବିପଦ ସମୟେ କାହାର
ଠିଆ ହୁଏ ନାହିଁ ସିଏ,
ଯଦି କେହି କିଛି ପଚାରନ୍ତି ତା'କୁ
ସମୟ ତ ନାହିଁ କହେ।
କେତେ ସରଳ ଯେ ଗାଆଁର ଜୀବନ
ରହିଥାଏ ଭାଇଚାରା,
ଭଲ ହେଉ ଅବା ମନ୍ଦ କାଳରେ
ହୁଏ ପଚରା ଉଚୁରା।
ଗାଆଁ ପରିବେଶ କେତେ ନିରିମଳ
ଲାଗଇ କେଡ଼େ ସୁନ୍ଦର,
ସହରୀ ଜୀବନ ନୁହେଁ ତା ସମାନ
ସତେ କି ଅଟେ ପଥର।


+ବଣ୍ଡାକୁଟୁରା, ଜୁନାଗଡ଼
କଳାହାଣ୍ଡି
ମୋ-୯୩୩୭୭୯୩୧୫୭


## କାର୍ତ୍ତିକ ଆସିଛି ଫେରି

ଦଶରଥ ମାଝୀ



ଘାସୁଆ ଭୂଇଁରେ କାକର ପଡିଲା
କାର୍ତ୍ତିକ ଆସିଛି ଫେରି
ସୁନା ରଙ୍ଗେ ଧାନ ପାଚିଲା କ୍ଷେତରେ
ସେତ ଲକ୍ଷ୍ମୀ ମାଆ ପରି (୧)
ଧବଳ ମୁକୁତା ଶିଶିର ଧରିଛି
ଘାସ ଭୂଇଁ ଦିଶେ ତୋରା
ଗଛ ପତରରୁ ଉଦକ ନିଗିଡି
ଭିଜି ଯାଉଅଛି ଧରା (୨)
ଚାଷୀ ଠେଙ୍ଗା ଧରି କ୍ଷେତରେ ବୁଲୁଛି
ଶୁଭ ସକାଳରେ ଉଠି
ସୂର୍ଯ୍ୟ ଉଇଁ ଗଲେ ନରମ ଖରାରେ
ଦେଖେଦିଏ ତାର ପିଠି (୩)
ଉତ୍ତର ଦିଗରୁ ହେମାଳ ନେଇକି
ବହୁଛି ଶୀତୁଆ ବାଆ
ଶୁଭ ସକାଳରେ ଆମ ପରିବେଶ
ଲାଗିଥାଏ ଧୂଆଁ ଧୂଆଁ (୪)


+ କୁରୁମାଚୁଆଁ, ଭବାନୀପାଟଣା,
କଳାହାଣ୍ଡି
ମୋ :୮୨୪୯୨୧୨୪୭୨

# ଆଜି ରିଲିଜ ହେବ ୧୫ଟି ଫିଲ୍ମ

**ଆଜି ପ୍ରେକ୍ଷାଳୟଗୁଡ଼ିକରେ ଦର୍ଶକଙ୍କର ଖଚାଖଚ ଭିଡ଼ ହୋଇପାରେ । କାରଣ ଅକ୍ଟୋବର ୩୧ ତାରିଖରେ ଏକାଥରେ ୧୫ଟି ଚଳଚ୍ଚିତ୍ର ମୁକ୍ତିଲାଭ କରୁଛି । ବଲିଉଡ୍, ଦକ୍ଷିଣ ଭାରତୀୟ ଏବଂ ପଞ୍ଜାବୀ ଚଳଚ୍ଚିତ୍ର ମଧ୍ୟରେ ଏକ ବଡ଼ ମୁକାବିଲା ଦେଖିବାକୁ ମିଳିବ । 'ଦି ତାଜ୍ ଷ୍ଟୋରୀ,' 'ବାହୁବଳୀ: ଦି ଏପିକ୍,' 'ମାସ୍ ଜଥାରା,' 'ଇକ୍ କୁଡି,' ଏବଂ 'ଓମେନ୍' ଚଳଚ୍ଚିତ୍ରଗୁଡ଼ିକ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ପ୍ରସ୍ତୁତ ଅଛି । ଆସନ୍ତୁ ନଜର ପକାଇବା କେଉଁ ସବୁ ଫିଲ୍ମ ରିଲିଜ ହେବ ।**



ଦି ତାଜ୍ ଷ୍ଟୋରୀ: 'ଦି ତାଜ୍ ଷ୍ଟୋରୀ'ରେ ପରେଶ ରାୱଲ ମୁଖ୍ୟ ଭୂମିକାରେ ନଜର ଆସିବେ । ଏହି ଚଳଚ୍ଚିତ୍ରଟି ତୁଷାର ଅମରୀଶ ଗୋୟଲଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଏଥିରେ ଜାକିର ହୁସେନ ଏବଂ ସ୍ନେହା ୱାଘ ମଧ୍ୟ ଅଭିନୟ କରିଛନ୍ତି ।

ସିଙ୍ଗଲ୍ ସଲମା: ହୁମା କୁରେଶୀଙ୍କ ଦ୍ୱାରା ଅଭିନୀତ କମେଡି ଚଳଚ୍ଚିତ୍ର 'ସିଙ୍ଗଲ୍ ସଲମା' ମଧ୍ୟ ୩୧ ଅକ୍ଟୋବରରେ ମୁକ୍ତିଲାଭ କରୁଛି । ସନି ସିଂହ ଏବଂ ଶ୍ରେୟାସ ତଲପଡେ ମଧ୍ୟ ଚଳଚ୍ଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି ।

ୱାନ୍ ଟୁ ଚା ଚା: ଲଳିତ ପ୍ରଭାକର, ନୟରା ବାନାର୍ଜୀ ଏବଂ ଆଶୁତୋଷ ରାଣାଙ୍କ ଫିଲ୍ମ 'ୱାନ୍ ଟୁ ଚା ଚା' ମଧ୍ୟ ଅକ୍ଟୋବର ୩୧ ତାରିଖରେ ମୁକ୍ତିଲାଭ କରିବ ।

'ବାହୁବଳୀ: ଦି ଏପିକ୍': 'ବାହୁବଳୀ' ଏବଂ 'ବାହୁବଳୀ ୨' ର ପୁନଃସମ୍ପାଦିତ ସଂସ୍କରଣ ମଧ୍ୟ ମୁକ୍ତିଲାଭ ପାଇଁ ପ୍ରସ୍ତୁତ । ଏହି ଫିଲ୍ମଟିରେ ନୂତନ ଏଡିଟିଂ, ବୈଷୟିକ ଉନ୍ନତି ସହିତ ଅକ୍ଟୋବର ୩୧ ତାରିଖରେ ମୁକ୍ତିଲାଭ କରିବ ।

'ମାସ୍ ଜଥାରା': ରବି ତେଜାଙ୍କ ଅଭିନୀତ ତେଲୁଗୁ ଆକ୍ସନ୍ ମନୋରଞ୍ଜନକାରୀ 'ମାସ୍ ଜଥାରା' ମଧ୍ୟ ଅକ୍ଟୋବର ୩୧ ତାରିଖରେ ପରଦାକୁ ଆସୁଛି । ଏହି ଫିଲ୍ମରେ ରବି ତେଜାଙ୍କ ବିପକ୍ଷରେ ଶ୍ରୀଲିଲା ନଜର ଆସିବେ ।

ଅକ୍ଟୋବର ୩୧ ରେ ଶେହନାଜ ଗିଲଙ୍କ ଫିଲ୍ମ 'ଇକ କୁଡି' ମଧ୍ୟ ମୁକ୍ତିଲାଭ କରିବ । ଅମରଜିତ ସରୋନଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଗୁରୁଜାଜ ଏବଂ ନିର୍ମଳ ରୁଷି ମଧ୍ୟ ଅଭିନୟ କରିଛନ୍ତି । ସେହିପରି 'ଅପରେସନ୍ ପଦମା' ମଧ୍ୟ ୩୧ ତାରିଖରେ ରିଲିଜ ହେବ । କାର୍ତ୍ତିକେୟା ଭିଙ୍କ ନିର୍ଦ୍ଦେଶିତ ଏହା ଏକ ତେଲୁଗୁ ଆକ୍ସନ୍ ଥ୍ରୀଲର ଚଳଚ୍ଚିତ୍ର । ଏହି ଚଳଚ୍ଚିତ୍ରରେ ନରେଶ ମେଡି, କନ୍ନଗରୀ ରାଜିତା ସ୍ୟାଣ୍ଡି ଏବଂ ରଣଧୀର ବିସୁ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଅକ୍ଟୋବର ୩୧ରେ ତେଲୁଗୁ ଆକ୍ସନ୍-କ୍ରାଇମ୍ ଡ୍ରାମା 'କର୍ମଣୟେ ବାଧିକାରସ୍ତେ' ମଧ୍ୟ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । ଅମରଦୀପ ଚଲପଲିଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ବ୍ରହ୍ମାଜୀ, ଶତ୍ରୁ ଏବଂ ମାଷ୍ଟର ମହେନ୍ଦ୍ରନ୍ ଅଭିନୟ କରିଛନ୍ତି । ସର୍ଦ୍ଦାର ଭାଲାଭଭାଇ ପଟେଲଙ୍କ ଉପରେ ଆଧାରିତ ଚଳଚ୍ଚିତ୍ର "ମ୍ୟାନ୍ ଅଫ୍ ଷ୍ଟିଲ୍: ସର୍ଦ୍ଦାର" ମଧ୍ୟ ଶୁକ୍ରବାର ପରଦାରେ ଆସୁଛି । ଏହା ବ୍ୟତୀତ ଓମେନ, ୧୮-ହାର୍ଟବିଟ, ମାରୁଥା, ଆର୍ଯ୍ୟନ ଓ ଅନ ପ୍ୟାମ ପୋଲଥେଥୁ ପ୍ରମୁଖ ରିଲିଜ ହେବ ।




ସୁପରଷ୍ଟାର ରଣବୀର କପୁର ଏବଂ ସାଇ ପଲ୍ଲବୀଙ୍କ ବହୁ ପ୍ରତିକ୍ଷିତ ଫିଲ୍ମ 'ରାମାୟଣ'ର ପ୍ରଥମ ଲୁକ ଟିଜର ରିଲିଜ୍ ହୋଇସାରିଛି । ରିଲିଜ୍ ପରେ ଏବେ ଏହାକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି । ପ୍ରଥମ ଲୁକ ଟିଜରରେ ରଣବୀର କପୁରଙ୍କୁ ରାମ ଅବତାରରେ ଦେଖିବାକୁ ମିଳିଥିଲା । ସେ ଧନୁ ଧରି ଜଣେ ଯୋଦ୍ଧା ଭାବରେ ଆକ୍ରମଣର ଜବାବ ଦେଉଥିବା ଦେଖାଯାଇଥିଲା । କେବଳ ଟିଜର ରିଲିଜ୍ ପରେ ହିଁ ନିତେଶ ତିୱାରୀଙ୍କ ରାମାୟଣକୁ ନେଇ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ସମସ୍ତେ ଏହି ଫିଲ୍ମକୁ ନେଇ ଆସୁଥିବା ସବୁ ଅପଡେଟ୍ ବିଷୟରେ ଜାଣିବାକୁ ନିଜର ଉତ୍ସାହ ଦେଖାଉଛନ୍ତି । ଦର୍ଶକଙ୍କ ମଧ୍ୟରେ ଫିଲ୍ମକୁ ନେଇ ଉତ୍ସାହ ବଜାୟ ରଖିବା ପାଇଁ ନିର୍ମାତା ଭିନ୍ନ ଭିନ୍ନ ଅପଡେଟ୍ ସେୟାର କରିବା ଆରମ୍ଭ କରିଛନ୍ତି । ତେବେ ଏପର୍ଯ୍ୟନ୍ତ ମଧ୍ୟ ଅନେକ ଲୋକ ରଣବୀର କପୁରଙ୍କୁ ପ୍ରଭୁ ଶ୍ରୀରାମଙ୍କ ଚରିତ୍ରରେ ଗ୍ରହଣ କରିପାରୁନାହାନ୍ତି । ଅନେକ ତାଙ୍କ ଅତୀତକୁ ନେଇ ? ସେ ଏହି ପବିତ୍ର ଚରିତ୍ର ପାଇଁ ଯୋଗ୍ୟ ନୁହନ୍ତି ବୋଲି କହିବା ଆରମ୍ଭ କରିଛନ୍ତି । ଏମଧ୍ୟରେ ରଣବୀରଙ୍କୁ ସମର୍ଥନ କରିଛନ୍ତି ଆଧ୍ୟାତ୍ମିକ ଗୁରୁ ସଦଗୁରୁ । ଚଳଚ୍ଚିତ୍ରର ପ୍ରଯୋଜକ ନମିତ ମାଲହୋତ୍ରାଙ୍କ ସହ ଏକ ଆଲୋଚନା ସମୟରେ ସଦଗୁରୁ, ରଣୀବରଙ୍କୁ ସମର୍ଥନ କରିଥିଲେ । ସେ କହିଥିଲେ ଯେ, 'ଏହା ଜଣେ ଅଭିନେତାଙ୍କ ପ୍ରତି ଏକ ଅନୁଚିତ ବିଚାର, କାରଣ ସେ ଅତୀତରେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି । ଅଭିନେତା ଭାବେ ତାଙ୍କୁ ଏଭଳି କରିବାକୁ ହେବ । ସେ ପ୍ରଭୁ ଶ୍ରୀରାମ ହୋଇଯିବେ ବୋଲି ବୋଲି ଆପଣ ଆଶା କରିପାରିବେ ନାହିଁ । ଏହି ଫିଲ୍ମ ପରେ ସେ ଅନ୍ୟ ଏକ ସିନେମାରେ ରାବଣ ଭୂମିକାରେ ଅଭିନୟ କରିପାରନ୍ତି । ଅଭିନେତା ଭାବରେ ସେ ଭିନ୍ନ ଚରିତ୍ର କରିବେ ।' ତେବେ ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ରାମାୟଣ' ଦୁଇଟି ଭାଗରେ ମୁକ୍ତିଲାଭ କରିବ । ପ୍ରଥମ ଭାଗ ୨୦୨୬ ଦୀପାବଳିରେ ଏବଂ ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ମୁକ୍ତିଲାଭ କରିବ । ଫିଲ୍ମର ଷ୍ଟାରକାଷ୍ଟ ବହୁତ ବଡ଼ । ରଣବୀର କପୁର, ୟଶ, ସାଇ ପଲ୍ଲବୀ, ରବି ଦୁବେ, ସନି ଦେଓଲ, ଅରୁଣ ଗୋଭିଲ, ରାକୁଲ ପ୍ରୀତ ସିଂହ, ଲାରା ଦତ୍ତା, ଶୀବା ଚଡ୍ଡା, ଅମିତାଭ ବଚ୍ଚନ, କୁନାଲ କପୁରଙ୍କ ସମେତ ଅନେକ କଳାକାର ଏହି ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଥିବାର ଦେଖାଯିବେ । ରାମାୟଣ ସବୁଠାରୁ ମହଙ୍ଗା ଭାରତୀୟ ଫିଲ୍ମ ହେବାକୁ ଯାଉଛି । ଏହି ଫିଲ୍ମଟି ୪୦୦୦ କୋଟି ଟଙ୍କାରେ ନିର୍ମିତ ହେବ । ଏଥିମଧ୍ୟରୁ ୧୩୦୦କୋଟି ଟଙ୍କା ଫିଲ୍ମର ପ୍ରଚାରରେ ଖର୍ଚ୍ଚ ହେବ ।

# ତିନି ବର୍ଷ ଧରି ଗୁଲାମ ଗୌସ୍ ଦିୱାନୀଙ୍କୁ ଡେଟ୍ କରୁଥିବା କ୍ରିଷ୍ଟଲ୍‌ଙ୍କର ହେଲା ବ୍ରେକ୍-ଅପ୍



'ଏକ ହଜାରୋଁ ମେ ମେରି ବେହନା ହେ' ଟିଭି ସୋ'ରୁ ପ୍ରସିଦ୍ଧି ହାସଲ କରିଥିବା ଅଭିନେତ୍ରୀ କ୍ରିଷ୍ଟଲ ଡିସୁଜା ସବୁବେଳେ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚା ପାଲଟିଥାନ୍ତି । ସେ ରେଷ୍ଟୁରାଣ୍ଟ ମାଲିକ ଗୁଲାମ ଘୌସ ଦିୱାନୀଙ୍କୁ ଡେଟ୍ କରୁଥିବା କଥା ଗତ ୩ ବର୍ଷ ହେଲା ଚର୍ଚ୍ଚା ହେଉଛି ।

ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ତିନି ବର୍ଷ ଡେଟ୍ କରିବା ପରେ ଏହି ଦମ୍ପତିଙ୍କ ମଧ୍ୟରେ କୁଆଡ଼େ ଏବେ ଦୂରତା ଆସିଛି । ଅର୍ଥାତ କ୍ରିଷ୍ଟଲ୍ ? ତାଙ୍କ ପ୍ରେମିକଙ୍କ ସହ ବ୍ରେକ୍ ?-ଅପ୍ ? କରିଛନ୍ତି ।

ବମ୍ବେ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଏହି ଦମ୍ପତି ପ୍ରାୟ ଗୋଟିଏ ମାସ ପୂର୍ବରୁ ଅଲଗା ହୋଇଯାଇଛନ୍ତି । ଦମ୍ପତିଙ୍କ ନିକଟତର ଏକ ସୂତ୍ର ଏହି ଖବରକୁ ନିଶ୍ଚିତ କରି କହିଛନ୍ତି ଯେ କ୍ରିଷ୍ଟଲ ତାଙ୍କ ବ୍ୟକ୍ତିଗତ ଜୀବନକୁ ବ୍ୟକ୍ତିଗତ ରଖିବାକୁ ପସନ୍ଦ କରନ୍ତି । ସୂତ୍ର ଟାଇମ୍ସ ଅଫ୍ ଇଣ୍ଡିଆକୁ କହିଛି, 'ସେମାନେ ଅଲଗା ହୋଇଯାଇଛନ୍ତି । କ୍ରିଷ୍ଟଲ ସବୁବେଳେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନିଜ ପାଖରେ ରଖିଛନ୍ତି ଏବଂ ବ୍ରେକଅପ୍ ବିଷୟରେ କଥା ହେବାକୁ ଚାହାଁନ୍ତି ନାହିଁ ।'

ଏହାରି ଭିତରେ କ୍ରିଷ୍ଟଲ ଏବଂ ଗୁଲାମ ସୋସିଆଲ ମିଡିଆରେ ପରସ୍ପରକୁ ଅନଫଲୋ କରିବାର ସ୍କ୍ରିନସଟ୍ ଅନଲାଇନରେ ପ୍ରକାଶ ପାଇଛି । ପୂର୍ବରୁ କ୍ରିଷ୍ଟଲ, ଗୁଲାମ ଘୌସ ଦିୱାନୀଙ୍କ ସହ ତାଙ୍କ ସମ୍ପର୍କକୁ ଗୁଜବ ବୋଲି କହିଥିଲେ । ସେ କହିଥିଲେ, 'ଦୁଇଟି ଆଖି ଏବଂ ମସ୍ତିଷ୍କ ଥିବା ଯେକୌଣସି ବ୍ୟକ୍ତି ଏହା ବୁଝିପାରିବେ । ମୁଁ ଭାବୁନାହିଁ ଯେ ମୁଁ ମୋ ଆଙ୍ଗୁଠିରେ ମୁଦି ନ ଥିବା ପର୍ଯ୍ୟନ୍ତ କୌଣସି ସମ୍ପର୍କକୁ ନେଇ କିଛି ସ୍ପଷ୍ଟ ସୂଚନା ଦେଇପାରିବି ନାହିଁ ।''

ହଲିଉଡ ଜଗତରୁ ଏକ ବଡ଼ ଖବର ସାମନାକୁ ଆସିଛି । ଏହି ଖବର ପପ୍ ସେନସେସନ୍ କାଟି ପେରୀ ଓ କାନାଡ଼ାର ପୂର୍ବ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ସହ ଜଡ଼ିତ । ବିଗତ କିଛି ଦିନ ଧରି ଏହି ଖବର ଆସୁଛି ଯେ କ୍ୟାଟି ପେରୀ କାନାଡ଼ାର ପୂର୍ବ ପ୍ରଧାନମନ୍ତ୍ରୀଙ୍କୁ ଡେଟ୍ କରୁଛନ୍ତି ।

ନିକଟରେ କାଟି ପେରୀ ନିଜର ଜନ୍ମଦିନକୁ ସେଲିବ୍ରେଟ କରିଛନ୍ତି । ଏହି ଅବସରରେ କାଟି ପେରୀଙ୍କ ଜନ୍ମଦିନର ବିଶେଷ ମୁହୂର୍ତ୍ତରେ ବିଶ୍ୱବ୍ୟାପୀ ପ୍ରଶଂସକମାନେ ତାଙ୍କୁ ବହୁତ ଶୁଭେଚ୍ଛା ଜଣାଇଛନ୍ତି । ଅନ୍ୟପକ୍ଷରେ ଜଷ୍ଟିନ୍ ଟ୍ରୁଡୋଙ୍କ ପାଇଁ ମଧ୍ୟ କାଟିଙ୍କ ଏହି ଦିନ ଅତ୍ୟନ୍ତ ଖାସ ଥିଲା । ଉଭୟ ସାର୍ବଜନୀନ ଭାବେ ପ୍ରଥମ ଥର ଏକାଠି ଦେଖାଯାଇଛନ୍ତି । ଏବେ ଉଭୟଙ୍କୁ ଏକାଠି ଆସିବା ପରେ କୁହାଯାଉଛି ଯେ ଉଭୟ ନିଜର ସମ୍ପର୍କ ଉପରେ ମୋହର ମାରିଛନ୍ତି ।

ଶନିବାର ଦିନ କାଟି ପେରୀ ଓ ଟ୍ରୁଡୋ ପ୍ୟାରିସର ଲୋକପ୍ରିୟ କ୍ରେଜି ହର୍ସ କ୍ୟାବରେଟ ଶୋ'ରୁ ବାହାରକୁ ଏକାଠି ଆସିଥିଲେ । ଯେତେବେଳେ ଉଭୟ ବାହାରକୁ ଆସିଥିଲେ, ଲୋକମାନେ ସେମାନଙ୍କୁ ଘେରି ନେଇଥିଲେ । ଏହା ବ୍ୟତୀତ ପାପାରାଜିଙ୍କ କ୍ୟାମେରା ମଧ୍ୟ ଉଭୟଙ୍କୁ ଘେରି କ୍ଲିକ୍ କରିବା ଆରମ୍ଭ କରିଦେଇଥିଲେ । ଏହି ସମୟରେ ଜଷ୍ଟିନ୍ ଟ୍ରୁଡୋ ନିଜର ଲେଡି ଲଭ୍ କାଟି ପେରୀଙ୍କ ହାତ ଧରିଥିଲେ । ଏହା ବ୍ୟତୀତ ଜଣେ ଫ୍ୟାନ୍ କାଟିଙ୍କୁ ତାଙ୍କର ଜନ୍ମଦିନରେ ଶୁଭେଚ୍ଛା ଜଣାଇ ଗୋଲାପ ଫୁଲ ଦେଇଥିଲେ ।

କିଛି ଦିନ ପୂର୍ବରୁ କାଟି ପେରି ଏବଂ ଜଷ୍ଟିନ୍ ଟ୍ରୁଡୋ କାଲିଫର୍ଣ୍ଣିଆର ସାଣ୍ଟା ବାର୍ବରାଠାରେ ତାଙ୍କ ୟାଟରେ ଚୁମ୍ବନ କରିବାର ଦେଖାଯାଇଥିଲେ । ସୋସିଆଲ ମିଡିଆରେ ଏହି ଫଟୋ ଗୁଡିକ ଭାଇରାଲ ହେଉଛି । ଦୁଇଜଣ ସୂର୍ଯ୍ୟକିରଣରେ ଭିଜା ଅପରାହ୍ଣର ରୋମାନ୍ସ କରୁଥିବା ଦେଖିବାକୁ ମିଳିଥିଲା । ଏହି ରୋମାଣ୍ଟିକ ଫଟୋ ଏହି ଯୋଡିଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବାର ରିପୋର୍ଟ ଆସିବାର କିଛି




ସପ୍ତାହ ପରେ ଆସିଥିଲା । ପେରି ଏକ ଚିକ୍ କଳା ସୁଇମିଂ ସୁଟ୍ ପିନ୍ଧି, କାଲିଫର୍ଣ୍ଣିଆରେ ସୂର୍ଯ୍ୟ ତଳେ ହସି ହସି ସାର୍ଟଲେସ୍ ଟ୍ରୁଡୋଙ୍କୁ ଆଲିଙ୍ଗନ କରୁଥିବା ସମୟରେ କିସ୍ କରୁଥିବାର ଦେଖାଯାଇଥିଲେ । ଜଣେ ଦେଖଣାହାରୀ କହିଛନ୍ତି ମୁଁ ମୋ ବୋଟକୁ ନେଇ ସେହି ୟାଟ ପାଖରେ ରଖିଥିଲି । ହଠାତ ୨ଜଣ ବାହାରକୁ ଆସି ରୋମାନ୍ସ କରିବାକୁ ଲାଗିଲେ । ଟାଟୁ ଦେଖିବା ପରେ ମୁଁ ଜାଣିଲି ଯେ ସେମାନେ ପପ୍ ଆଇକନ୍ କେଟି ପେରି ଏବଂ ପୂର୍ବତନ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ । ସେହି ସମୟରେ ହିଁ ଫଟୋ କ୍ଲିକ ହୋଇଛି ।

ଜୁଲାଇ ମାସରେ ମଣ୍ଟ୍ରିଆଲରେ ଏକାଠି ଭୋଜନ କରୁଥିବାର ଦେଖାଯିବା ପରେ ପ୍ରଥମେ ଗୁଜବ ସୃଷ୍ଟି କରିଥିଲେ । ପରେ ଟ୍ରୁଡୋ ପେରିଙ୍କ କାନାଡାରେ 'ଲାଇଫଟାଇମ୍ସ' ଟୁରରେ ଯୋଗ ଦେଇଥିଲେ, ଯାହା ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଥିଲେ ।

ପେରି, ଯିଏ ଜୁନ୍ ୨୦୨୫ ରେ ଅଭିନେତା ଅର୍ଲାଣ୍ଡୋ ବ୍ଲୁମ୍ ସହିତ ତାଙ୍କର ଦୀର୍ଘ ନିର୍ବନ୍ଧ ସମାପ୍ତ କରିଥିଲେ । ସେ ୨୦୨୦ ରେ ଜନ୍ମିତ ତାଙ୍କ ଝିଅ ଡେଜି ଡୋଭଙ୍କୁ ସହ ସମୟ ବିତାଉଛନ୍ତି । ଟ୍ରୁଡୋ ୧୮ ବର୍ଷର ବିବାହ ପରେ ଅଗଷ୍ଟ ୨୦୨୩ ରେ ପତ୍ନୀ ସୋଫି ଗ୍ରେଗୋଇର୍ ଟ୍ରୁଡୋଙ୍କଠାରୁ ଅଲଗା ହୋଇଯାଇଥିଲେ । ପୂର୍ବତନ ଦମ୍ପତିଙ୍କର ତିନୋଟି ସନ୍ତାନ ଅଛନ୍ତି ଜାଭିୟର (୧୭), ଏଲା-ଗ୍ରେସ୍ (୧୬) ଏବଂ ହାଡ୍ରିଏନ୍ (୧୧) ।






ଖୁବଶୀଘ୍ର ବଡ଼ ପରଦାରେ ଏକାଠି ନିଜର ଯାଦୁ ଦେଖାଇବାକୁ ପ୍ରସ୍ତୁତ ଗୋବିନ୍ଦା ଏବଂ ସଲମାନଙ୍କ ଯୋଡ଼ି ! ବଡ଼ ପରଦାରେ ସୁପରଷ୍ଟାର ଗୋବିନ୍ଦା ଏବଂ ସଲମାନ ଖାନଙ୍କ ଯୋଡ଼ିକୁ ଦେଖିବା ପାଇଁ ଅନେକ ଦିନ ଧରି ଅପେକ୍ଷା କରିଥିବା ଦର୍ଶକଙ୍କ ପାଇଁ ଖୁସି ଖବର ।ପ୍ରାୟ ଦୁଇ ଦଶନ୍ଧି ପରେ ଦର୍ଶକ ସେମାନଙ୍କର ଦୁଇ ପ୍ରିୟ ଅଭିନେତା ଗୋବିନ୍ଦା ଏବଂ ସଲମାନଙ୍କୁ ପରଦାରେ ପୁଣି ଥରେ ଏକାଠି ଦେଖିବାର ସୁଯୋଗ ପାଇବେ । ବଲିଉଡ୍ ହଙ୍ଗାମା ରିପୋର୍ଟ ଅନୁଯାୟୀ, 'ସଲମାନ ଖାନ ଏବଂ ଗୋବିନ୍ଦା ଏକ ପ୍ରୋଜେକ୍ଟ ପାଇଁ ପୁଣି ଏକାଠି ହୋଇଛନ୍ତି । ଫିଲ୍ମଟି ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି ଏବଂ ଏହାର ଟାଇଟଲ୍ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ । ତଥାପି ସଲମାନ ଓ ଗୋବିନ୍ଦାଙ୍କ ଅଭିନୟ ପୁଣି ଦେଖିବାକୁ ମିଳିବାର ଖବର ପାଇବା ପରେ ଦର୍ଶକ ବେଶ ଉତ୍ସାହିତ ହୋଇଯାଇଛନ୍ତି । ଡେଭିଡ୍ ଧାୱନଙ୍କ ୨୦୧୯ର ବ୍ଲକବଷ୍ଟର ଫିଲ୍ମ 'ପାର୍ଟନର'ରେ ସଲମାନ ଖାନ ଏବଂ ଗୋବିନ୍ଦାଙ୍କୁ ଶେଷଥର ପାଇଁ ଏକାଠି ସ୍କ୍ରିନ୍ ସେୟାର କରିଥିବା ଦେଖିବାକୁ ମିଳିଥିଲା । ଏହି ଫିଲ୍ମଟି ବଲିଉଡର ସବୁଠାରୁ ସଫଳ କମେଡି ମଧ୍ୟରୁ ଗୋଟିଏ । ଯାହା ଆଜି ପର୍ଯ୍ୟନ୍ତ ଲୋକପ୍ରିୟ ହୋଇ ରହିଛି । ନିକଟରେ ଗୋବିନ୍ଦା ସୂଚନା ଦେଇ କହିଥିଲେ ଯେ ସେ 'ଏକ ନୂତନ ଇନିଂସ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ' ।




ଅଭିନେତା ମନୋଜ କୁମାରଙ୍କ ୧୯୭୭ ମସିହାର କ୍ଲାସିକ୍ ଚଳଚ୍ଚିତ୍ର 'ଶିରିଡି କେ ସାଇବାବା'ରେ ସାଇ ବାବାଙ୍କ ଭୂମିକାରେ ଅଭିନୟ କରିଥିବା ଅଭିନେତା ସୁଧୀର ଦଲଭିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଛି । ୨୦୨୫ ଅକ୍ଟୋବର ୮ ତାରିଖରେ ସୁଧୀରଙ୍କୁ ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଡାକ୍ତର ସୁଧୀରଙ୍କ ସ୍ୱାସ୍ଥ୍ୟ ଉପରେ ୨୪ଘଣ୍ଟା ନୀରିକ୍ଷଣ ରଖି ଚିକିତ୍ସା ଜାରି ରଖିଛନ୍ତି ।

**ଗମ୍ଭୀର ରୋଗରେ ପୀଡ଼ିତ ସୁଧୀର ଦଲଭି**

ରିପୋର୍ଟ ଅନୁଯାୟୀ, ସୁଧୀର ଦଲଭି ସେପ୍ସିସ୍ ନାମକ ଏକ ଗମ୍ଭୀର ରୋଗରେ ପୀଡିତ । ଏହି ରୋଗର ଚିକିତ୍ସା ପାଇଁ ଅଭିନେତାଙ୍କ ପରିବାର ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଶେଷରେ କିଛି ଉପାୟ ନପାଇ ସୁଧୀରଙ୍କ ପରିବାରଲୋକ ଅଭିନେତାଙ୍କ ପ୍ରଶଂସକ ଏବଂ କଳାକାରମାନଙ୍କୁ ଆର୍ଥିକ ସହାୟତା ପାଇଁ ନିବେଦନ କରିଛନ୍ତି । ଆର୍ଥିକ ସାହାଯ୍ୟ ଲୋଡ଼ିଛନ୍ତି ପରିବାରଲୋକ ସୁଧୀର ଦଲଭିଙ୍କ ଚିକିତ୍ସା ପାଇଁ ଏଯାବତ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଥିବା ବେଳେ ଡାକ୍ତରମାନେ ଚିକିତ୍ସାରେ ମୋଟ ଖର୍ଚ୍ଚ ୧୫ ଲକ୍ଷ ଟଙ୍କା ହୋଇପାରେ ବୋଲି ଆକଳନ କରିଛନ୍ତି । ରଣବୀର କପୁରଙ୍କ ଭଉଣୀ ରିଦ୍ଧିମା କପୁର ସାହନି ସୁଧୀର ଦଲଭିଙ୍କ ପରିବାରର ନିବେଦନ ଶୁଣି ତୁରନ୍ତ ସାହାଯ୍ୟ ପାଇଁ ଆଗେଇ ଆସିଛନ୍ତି ।

# ରେଢ଼ାଖୋଲରୁ ୨୧ଟି ଚୋରା ମୋବାଇଲ ଜବତ : ଜଣେ ଗିରଫ

ସମ୍ବଲପୁର, ୩୦/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନରେ ଘଟିଥିବା ଦୁଇଟି ମୋବାଇଲ ଦୋକାନରୁ ଚୋରି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ରେଢ଼ାଖୋଲ ସହରର ରାମୁ ବନ୍ଦ୍ରା ନାମକ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ତା ନିକଟରୁ ଓ଼ପ୍ପୋ, ଭିଭୋ, ରିଏଲମି, ମୋଟୋ, ପୋକୋ ଏବଂ ସାମସଙ୍ଗ ଭଳି କମ୍ପାନୀର ମୋଟ ୨୧ଟି ଚୋରା ମୋବାଇଲ, ୪ଟି ଚାର୍ଜର ଓ ଗୋଟିଏ ବ୍ଲୁ-ବ୍ଲାକ୍ ବ୍ୟାଗ୍ ଜବତ କରିଛି। ଏହି ଚୋରି ଘଟଣା ଗତ ଏପ୍ରିଲ ୩୦ ତାରିଖ ବିଳମ୍ବିତ ରାତ୍ରିରେ ଘଟିଥିଲା। ଏଥିରେ ମେଡିକାଲ ଛକ ନିକଟରେ ଥିବା ମୋବାଇଲ ଦୋକାନର ଛାତ ଭାଙ୍ଗି କିଛି ଦୁର୍ବୃର୍ତମାନେ କିଛି ପୁରୁଣା ମୋବାଇଲ ଓ ଡେସ୍କଟପ୍ ଓ କମ୍ପ୍ୟୁଟର ଚୋରି କରି ନେଇଥିଲେ। ସେହିପରି ଗତ ସେପ୍ଟେମ୍ବର ୭ ତାରିଖ ବିଳମ୍ବିତ ରାତିରେ ରେଢ଼ାଖୋଲ ବସ୍ଷ୍ଟାଣ୍ଡ ସ୍ଥିତ ଏକ ମୋବାଇଲ ଦୋକାନର ସ୍କାଏ ଲାଇଟ୍ ଭାଙ୍ଗି ଦୁର୍ବୃତମାନେ ଦୋକାନ ଭିତରେ ପ୍ରବେଶ କରି ୩୦ଟି ନାମୀଦାମି କମ୍ପାନୀର ମୋବାଇଲ ଚୋରିକରି ନେଇଯାଇଥିଲେ। ସମସ୍ତ ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ଦୁଇଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ହୋଇଥିବା ଅଭିଯୋଗ ହୋଇଥିଲା। ଉଭୟ ମୋବାଇଲ ଦୋକାନର ମାଲିକ ହିମାଂଶୁ ନାଗ ଏବଂ ମନ ମୋହନ ବେହେରାଙ୍କ ଏତଲା କ୍ରମେ ଥାନାରେ ପୃଥକ ପୃଥକ ମାମଲା ରୁଜୁ କରାଯାଇଥିଲା। ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏହି ପୃଥକ୍ ଚୋରି ଘଟଣାକୁ ଅତି ସନ୍ତର୍ପଣରେ ତଦନ୍ତ କରି ଶେଷରେ ସଫଳ ହୋଇଥିଲା ବୋଲି ଏସଡ଼ିପିଓ ପ୍ରଶାନ୍ତ କୁମାର ମେହେର ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

# ମହୁମାଛି ଆକ୍ରମଣରେ ଜଣେ ମୃତ :ଦୁଇ ଆହତ

ଚମ୍ପୁଆ, ୩୦/୧୦ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଛେଳି ଚାରାଇବାକୁ ଯାଇଥିବା ବେଳେ ମହୁମାଛି ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଆଜି ସକାଳେ ରାମଚନ୍ଦ୍ରପୁର ଗ୍ରାମର ନିରାଶ ମୁଣ୍ଡା(୫୦) ନିଜ ନାତି ରାଜା ମୁଣ୍ଡା (୧୫) ଓ ସମ୍ପର୍କୀୟ ଦିଅର ମାର୍କଣ୍ଡ ମୁଣ୍ଡା (୫୫) ଙ୍କ ସହ ଗ୍ରାମ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ । ଦିନ ପ୍ରାୟ ଏଗାରଟା ବେଳେ ହଠାତ୍ ବର୍ଷା ହେବାରୁ ତରତର ହୋଇ ଘରକୁ ଫେରୁଥିବା ବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ । ରାଜା ଓ ମାର୍କଣ୍ଡ ସେଠାରୁ ଦୌଡ଼ି ପଳାଇ ଆସିଥିବା ବେଳେ ନିରାଶ ଝୁଣ୍ଟେଇ ହୋଇ ପଡ଼ିଯାଇଥିଲେ। ମହୁମାଛି ଆକ୍ରମଣରେ ସେଠାରେ ନିରାଶଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଂଚି ନିରାଶଙ୍କୁ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ହୋଇଥିବା ମାର୍କଣ୍ଡ ଓ ରାଜା ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# ଜାତୀୟ ସ୍କେ ମାର୍ଶଲ ଆର୍ଟରେ ସଫଳତା କୋରାପୁଟକୁ ୯ ସ୍ୱର୍ଣ୍ଣ ସହ ୨୪ ପଦକ

ଜୟପୁର, ୩୦/୧୦ (ନି.ପ୍ର): ଜାତୀୟ ସ୍କେ ମାର୍ଶଲ ଆର୍ଟ ପ୍ରତିଯୋଗୀତାରେ କୋରାପୁଟ ଜିଲ୍ଲାକୁ ସଫଳତା ମିଳିଛି। ଝାରସୁଗୁଡା ଠାରେ ଆୟୋଜିତ ଜତୀୟ ମାର୍ଶାଲ ଆର୍ଟ ପ୍ରତିଯୋଗୀତାରେ ବାଜିମାତ କରି କୋରାପୁଟ ଓ ଜୟପୁରରୁ ଅଂଶଗ୍ରହଣ କରିଥିବା ୯ଜଣ ପ୍ରତିଯୋଗୀ ୯ ସ୍ୱର୍ଣ୍ଣ ସହ ମୋଟ ୨୪ଟି ପଦକ ଜିତିଛନ୍ତି। ଜାତୀୟ ସ୍କେ ପ୍ରତିଯୋଗୀତା ଗତ ୨୫ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଝାରସୁଗାଡାର ଏକ ଘରୋଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ସର୍ବ କନିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗୀଙ୍କୁ ନେଇ ଆୟୋଜିତ ଏହି ଜାତୀୟ ପ୍ରତିଯୋଗୀତାରେ ଓଡିଶା ଦଳକୁ ପ୍ରତିନିଧିତ୍ୱ କରିଥିବା ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୯ଜଣ କୋରାପୁଟ ଜିଲ୍ଲାପ୍ରତିଯୋଗୀ ଥିଲେ। ଏଥିରେ ୧୧ ବର୍ଷରୁ କମ ବର୍ଗରେ ପ୍ରିନସ ଖୋସ୍ଲା ସ୍ୱର୍ଣ୍ଣ,କୁନାଲ ବିଷୋୟୀ ରୌପ୍ୟ(କେ-୧),ମାନସି ବିଡିକା ସ୍ୱର୍ଣ୍ଣ(କେ-୧),୧୯ ବର୍ଷରୁ କମ ବର୍ଗରେ ଅରାଧ୍ୟା ପଟ୍ଟନାୟକ ରୌପ୍ୟ(କେ-୧),ଶିବାସ୍ୱଶୁ ନାୟକ ସ୍ୱର୍ଣ୍ଣ(କେ-୨),ଆକାଶ ସାଗର ସ୍ୱର୍ଣ୍ଣ(କେ-୧)ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୧୪ ବର୍ଷରୁ କମ ବର୍ଗରେ ଆଭାଷ ମିଶ୍ର ସ୍ୱର୍ଣ୍ଣ(କେ-୧),ଅକଶରା ରାଉତ ସ୍ୱର୍ଣ୍ଣ(କେ-୧) ଓ ତରୁଣ ଖୋସ୍ଲା ରେ ?ପ୍ୟ(କେ-୩) ହାସଲ କରିଛନ୍ତି। ରମେଶ ଦାସଙ୍କ ତତ୍ୱାବଧାନରେ ଏହି ଦଳର କୋଚ ଭାବେ ସିଏଚ ମହେଶ ରାଜୁ କୋଚ ଭାବେ ପ୍ରତିଯୋଗୀଙ୍କ ସହ ଜାତୀୟ ପ୍ରତିଯୋଗେତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ବିଜୟୀ ହୋଇ ଆସିବା ପରେ ସେମାନଙ୍କୁ କ୍ରୀଡାପ୍ରେମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ଉତ୍ସାହିତ କରିଥିଲେ।

# ବିଜେପି ପକ୍ଷରୁ କୁମ୍ଭାର ସମାବେଶ

ସମ୍ବଲପୁର/ନୂଆପଡା, ୩୦/୧୦ (ନି.ପ୍ର): ନୂଆପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋମନା ବ୍ଲକ ଅନ୍ତର୍ଗତ ରେଙ୍ଗ ଠାରେ 'ନୂଆପଡା କୁମ୍ଭାର ସମାଜ ଓ କୁମ୍ଭାର ଯୁବାମଂଚ ଓଡିଶା' ତରଫରୁ ଏକ ବିଶାଳ ସାମାଜିକ ସମାରୋହ ଅୟୋଜିତ ହୋଇଯାଇଛି । ଏହି ସମାବେଶରେ ଓଡ଼ିଶା ସରକାରଙ୍କ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁମ୍ଭାର ମାନଙ୍କ ସହିତ ତାଙ୍କର ପାରିବାରିକ ସାମାଜିକ ଆର୍ଥିକ ସ୍ଥିତି ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ । ଏଥିରେ ଉପସ୍ଥିତ କୁମ୍ଭାର ମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହ ମାଟିକଳା ବୋର୍ଡ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ମନ୍ତ୍ରୀ ଶ୍ରୀ ଧଳସାମନ୍ତ ଉପସ୍ଥିତ ମହଲଙ୍କୁ ଆହ୍ୱାନ କରିଥିଲେ । ଏହି ସମାବେଶରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଜେପି ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତିଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ ।

# ଷଷ୍ଠ ଦିନରେ ବୈତରଣୀ ବାଲି ସତ୍ୟାଗ୍ରହ 'ବାଲି ଲୁଟେରାଙ୍କ ସମ୍ପତି ବ୍ୟାଜାପ୍ତି କର'

କେନ୍ଦୁଝର, ୩୦/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବୈତରଣୀ ନଦୀରେ ଚାଲିଥିବା ବାଲି ସତ୍ୟାଗ୍ରହ ୬ଦିନରେ ପହଂଚିଛି। ପ୍ରବଳ ବର୍ଷା, ପବନ ସତ୍ୱେ ଶତାଧିକ ସତ୍ୟଗ୍ରହୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସତ୍ୟାଗ୍ରହୀଙ୍କ ଦୃଢ଼ତାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଂଚର ଆବାହକ ଯଜ୍ଞ ପ୍ରସାଦ ସାହୁ ସତ୍ୟାଗ୍ରହର ନେତୃତ୍ୱ ନେଇ ବାଲି ମାଫିଆଙ୍କ ବିରୋଧରେ ବିଶୋଦଗାର କରିଥିଲେ। ସମସ୍ତ ବେଆଇନ ଘାଟରେ ନିୟୋଜିତ ଥିବା ବଡ ବଡ ମେସିନକୁ ଜବତ କରାଯାଉ। ଘାଟ ଚଳାଉଥିବା ମାଫିଆଙ୍କୁ ଗିରଫ କରାଯିବା ସହ ଲୁଟ୍ କରିଥିବା ବାଲି ପରିମାଣକୁ ମାପା ଯାଇ ଜୋରିମାନା ଆଦାୟ କରିବାକୁ ଯଜ୍ଞ ପ୍ରସାଦ ସାହୁ ଦାବି କରିଛନ୍ତି। ଜୋରିମାନା ଆଦାୟ ସହ ମାଫିଆ ଓ ତାଙ୍କ ସହଯୋଗୀଙ୍କ ସମ୍ପତି ବ୍ୟାଜପ୍ତି ପାଇଁ ସେ ଦାବି କରିଛନ୍ତି। ବିଭିନ୍ନ ସ୍ଥାନରେ ବେଆଇନ ଘାଟ ପାଇଁ କଟା ଯାଇଥିବା ଗଛ ବାବଦ କ୍ଷୟକ୍ଷତି ଆକଳନ କରିବାକୁ ଶ୍ରୀ ସାହୁ କହିଛନ୍ତି। ସେହିପରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ କୁମଡ ଘାଟ ବେଆଇନ ଭାବେ ଚାଲିବା ଯୋଗୁ ଠେକୁଆ, ଝିଙ୍କ ଆଦି ବନ୍ୟ ଜୀବଜନ୍ତୁଙ୍କର ମୃତ୍ୟୁ ହୋଇଥିବା ସେ କହିଛନ୍ତି। ଏଥିପାଇଁ ବନ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଯଜ୍ଞ ପ୍ରସାଦ ସାହୁ କହିଛନ୍ତି। ଆଜିର ସତ୍ୟାଗ୍ରହରେ ପୂର୍ବତନ ସରପଂଚ ଗୋପାଳ ସେଠୀ, ସତ୍ୟବ୍ରତ ଜେନା, ଆଲୋକ ବେହେରା, ବିଜୟ ସାହୁ, ସୁଲି ଜେନା, ଅହଲ୍ୟା ସାହୁ, ରିତାଞ୍ଜଳି ସାହୁ, ଅନ୍ନପୂର୍ଣ୍ଣା ପଣ୍ଡା, ଶୁଭଲକ୍ଷ୍ମୀ ନନ୍ଦ, ଜୟ ନାରାୟଣ ଜେନା, ମହେନ୍ଦ୍ର ପଣ୍ଡା, ନଟବର ମହାରଣା, ରାମଚନ୍ଦ୍ର ସାହୁ, ସୁଦର୍ଶନ ସାହୁ, ଶ୍ରୀଧର ଜେନା, ଗଣେଶ ଜେନା, ଶୁକଦେବ ପଣ୍ଡା , ସୁବାସ ଜେନା, କିଶୋର ଜେନା, ନାରାୟଣ ଓଝା, ନଟବର ବେହେରା, ଅଲେଖ ଜେନା, ପରୀକ୍ଷିତ ଜେନା, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନାଙ୍କ ସମେତ ୩ଶହରୁ ଅଧିକ ସତ୍ୟଗ୍ରହୀ ସାମିଲ ହୋଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିଛି। ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ସତ୍ୟଗ୍ରହୀମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ନିଷ୍କର୍ଷ ବାହାରି ପାରି ନାହିଁ।

# ସୀତାବିଞ୍ଜିଠାରେ ଶ୍ରୀ ପୂର୍ଣବ୍ରହ୍ମ ମହାବୈଷ୍ଣବ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ

କେନ୍ଦୁଝର, ୩୦/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ମନୋହରପୁର ପଂଚାୟତ ଅନ୍ତର୍ଗତ ଐତିହାସିକ ପର୍ଯ୍ୟଟନସ୍ଥଳୀ ତଥା ଧାର୍ମିକସ୍ଥାନ ସୀତାବିଞ୍ଜି ଠାରେ ଗତ ୨୭ ତାରିଖଠାରୁ ଚାଲିଛି ବିଶ୍ୱଶାନ୍ତି ମହାଯଜ୍ଞ। ଦୀର୍ଘ ପାଂଚ ଦିନଧରି ଚାଲିବ ଏହି କାର୍ଯ୍ୟକ୍ରମ । ବିଶ୍ୱଭାତୃତ୍ୱ ଦିବ୍ୟାତ୍ମା ପରିଷଦ, ସିଦ୍ଧମଠ, କ୍ଷିତିଜ୍ୟୋତି ଆଶ୍ରମ, ଓ ସୀତାବିଂଚ ପରିଚାଳନା କମିଟି କେନ୍ଦୁଝର ଆନୁକୂଲ୍ୟରେ ଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଭଜନ, କୀର୍ତନ, ପ୍ରବଚନ ସହିତ ହୋମଯଜ୍ଞ, ପ୍ରସାଦ ସେବନ ସହିତ ଠାକୁରଙ୍କ ଅମୃତବାଣୀ ଦିବାରାତ୍ର ଚାଲିଛି। ଆଜି ଦିନବେଳା ପଂଚକର୍ମ, ସୂର୍ଯ୍ୟ ପୂଜା, ଗୋ ପୂଜା, ସର୍ବ ଦେବାଦେବୀ ପୂଜା, ପଂଚ ଦେବତାଙ୍କ ଆଦୃତ, ସମ୍ପୂର୍ଣ୍ଣ ଗୀତାପାଠ, ସାକଲ୍ୟ, ଘୃତ, ଆହୁତି ହୋଇଥିଲା। ସନ୍ଧ୍ୟାରେ କେଶବଚନ୍ଦ୍ର ଠାକୁରଙ୍କ ଦିବ୍ୟ ଆଳତି, ପୁଷ୍ପାଞ୍ଜଳି, ତର୍ପଣ, ଆଦିକର୍ମ କାର୍ଯ୍ୟ ହୋଇଥିଲା। ପୁରୀ ଜଗନ୍ନାଥ ମନ୍ଦିରର ପୂଜକ ବିଶ୍ୱମ୍ଭର ଦାସ, କମଳପ୍ରସାଦ ଦାସ ମୁଖ୍ୟ ପୁରୋଧା ଥିବାବେଳେ ତାଙ୍କ ସହିତ ଆହୁରି ୨୨ ଜଣ ପୂଜକ ଯୋଗଦେଇଛନ୍ତି। ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଭକ୍ତ ଆସି ଯୋଗ ଦେଇଛନ୍ତି। ସ୍ଥାନୀୟ ସ୍ୱେଚ୍ଛାସେବୀ, ସାମ୍ବାଦିକ, ଯୁବକର୍ମୀ ତଥା ଢେଙ୍କିକୋଟ ଫାଣ୍ଡି ପୁଲିସ ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱ ଦେଉଛନ୍ତି। ମନ୍ତ୍ରପାଠ, ହୋମଯଜ୍ଞ, ସହିତ ରାମନାମ କୃଷ୍ଣନାମରେ ପରିବେଶ ଭକ୍ତିମୟ ହୋଇପଡ଼ିଛି।

# ନୂଆପଡା ଉପନିର୍ବାଚନ ପ୍ରସ୍ତୁତି ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ନୂଆପଡା, ୩୦/୧୦ (ନି.ପ୍ର): ନୂଆପଡା ବିଧାନସଭା ଉପନିର୍ବାଚନକୁ ତ୍ରୁଟି ଶୂନ୍ୟ ଓ ସଫଳତାର ସହିତ ଅନୁଷ୍ଠିତ କରାଇବାର ଲକ୍ଷ୍ୟ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଓ ପଦକ୍ଷେପକୁ କ୍ରିୟାଶୀଳ କରାଯାଇଛି । ଆଜି ଡେପୁଟି ନିର୍ବାଚନ କମିଶନର ଶ୍ରୀ ଜ୍ଞାନେଶ ଭାରତୀ ଓ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ଶ୍ରୀ ଆର ଏସ ଗୋପାଳନ ନୂଆପଡା ଜିଲ୍ଲା ପ୍ରଶାସନ ସହିତ ଆଭାସୀ ମାଧ୍ୟମରେ ଉପନିର୍ବାଚନ ସମ୍ପର୍କିତ ସମସ୍ତ ପ୍ରସ୍ତୁତି ଓ ପଦକ୍ଷେପ ଉପରେ ସବିଶେଷ ସମୀକ୍ଷା କରିଛନ୍ତି । ଆଇ ଜି ପୋଲିସ ଶ୍ରୀ ହିମାଂଶୁ ଲାଲ, ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ପ୍ରକାଶ ବିନ୍ଦୁ, ପୋଲିସ୍ ପର୍ଯ୍ୟବେକ୍ଷକ ଶ୍ରୀ ବି ଶଙ୍କର୍ ଜଇସ୍ୱାଲ୍ ଏଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ଅତୁଲ୍ ପାଣ୍ଡେ ମଧ୍ୟ ଏହି ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ମଧୁସୂଦନ ଦାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଅମ୍ରିତ ପାଲ୍ ସିଂ ସମସ୍ତ ପ୍ରସ୍ତୁତି ଓ ପଦକ୍ଷେପ ସମ୍ବନ୍ଧରେ ଯଥା ଭୋଟିଂ ମେସିନ୍, ଭି ଭି ପାଟ ର ସ୍ଥିତି, ବୁଥ ମାନଙ୍କରେ ଉପଲବ୍ଧ ବିଜୁଳି ପାଣି ଶୌଚାଳୟ ସବୁର ସୁବିଧା, ସମସ୍ତ ବୁଥ୍ ର ୱେବ୍ କାଷ୍ଟିଂ, ଇସିନେଟ ଆପ୍ ର ବ୍ୟବହାର , ୨୪ଢ ୭ କଣ୍ଟ୍ରୋଲ ରୁମ୍ ର କାର୍ଯ୍ୟକାରିତା, ବିଭିନ୍ନ କମିଟି ର କାର୍ଯ୍ୟ, ବିଭିନ୍ନ ବିଭାଗ ତରଫରୁ ହେଉଥିବା ତଲାସୀ ଅଭିଯାନ , ସଂବେଦନଶୀଳ ବୁଥ ପରିଚାଳନା, ପୋଷ୍ଟାଲ୍ ବେଲଟ,ଭୋଟ ଗଣତି ଇତ୍ୟାଦି ସମସ୍ତ ବିଷୟରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ନିଆଯାଇଥିବା ଆଗୁଆ ପଦକ୍ଷେପ ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବୈଠକକୁ ସବିଶେଷ ଅବଗତ କରିଥିଲେ ।

# ମନରେଗାକୁ ସହଯୋଗ କରୁନି ଜଙ୍ଗଲ ଓ ଉଦ୍ୟାନ ବିଭାଗ

ଭଦ୍ରକ, ୩୦/୧୦ (ନି.ପ୍ର): ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଆଇନ କୁଆ ନୁରିକ ତା ଦେଖାଉନାହାନ୍ତି ଦୁଇ ଦୁଇ ଲାଇନ ବିଭାଗ ଜଙ୍ଗଲ ଓ ଉଦ୍ୟାନ କୃଷି। ବ୍ଲକ ନରେଗା ବିଭାଗ ଏହି ଦୁଇ ବିଭାଗ ଦେଇଥିବା ଟାର୍ଗେଟ କୁ ପୂରଣ ତ କରାଯାଉନାହିଁ, ପରନ୍ତୁ କେବଳ ବିଧି ରକ୍ଷା ପାଇଁ ଏହି ଦୁଇ ବିଭାଗ ହାତ କୁ ନେଇଥିବା କେତେକ ପ୍ରକଳ୍ପ ରେ ମଧ୍ୟ ଆର୍ଥିକ ଅନିୟମିତତା ଓ କାଗଜ ।ଦ ଦାଖଲ ରେ କରିଥିବା ତ୍ରୁଟି କୁ ଧରିଛି ବ୍ଲକ ସାମାଜିକ ସମୀକ୍ଷା ବିଭାଗ ।ଏହି ବିଭାଗ ଜିଲ୍ଲା ଅଧିକାରୀ ଙ୍କ ମାର୍ଫତ ରେବିଡ଼ିଓ ଙ୍କ ନିକଟରେ ଦାଖଲ କରିଥିବା ଅର୍ଦ୍ଧ ବାର୍ଷିକ ରିପୋର୍ଟ ତ୍ରୁଟି ବିଚ୍ୟୁତି କୁ ସଂଶ୍ଳିଷ୍ଟ ବିଭାଗ ର ଅଧିକାରୀ ଙ୍କ ଆଗରେ ଉପସ୍ଥାପନା କରିଅଛି। ତଥ୍ୟ ରୁ ଜଣାଯାଇଅଛି ଯେ ଜଙ୍ଗଲ ବିଭାଗ କୁରିଗାଁ ପଂଚୟତ ର ରାଜଘାଟ ପୋଲ ଠାରୁ ବେଲଗାଡ଼ିଆ ସ୍କୁଲ ଭାଇଆ ନୂଆପୋଖରୀ ବୃକ୍ଷରୋପଣ କାର୍ଯ୍ୟ ଏହି ଯୋଜନା ରେ ହାତ କୁ ନେଇଥିଲା ।୫ଲକ୍ଷ ୧୬ହଜାର ୫୫୯ଟଙ୍କା ର ହିସାବ ଫର୍ଦ ର ସହଯୋଗୀକାଗଜ ।ଦ ଯଥା କେଶ ରେକର୍ଡ ଓ ମଷ୍ଟର ରୋଲ ସମୀକ୍ଷକ ପାଖରେ ଦାଖଲ କରିନାହିଁ। ଏହାର ଅଧିକାରୀ କୃଷ୍ଣଚନ୍ଦ୍ର ବାସ୍କେ ଙ୍କୁ ବେକ୍ତିଗତ ଭାବେ ଏନେଇ ସମୟ ଦିଆ ଯାଇଥିଲେ ମଧ୍ୟ ସେ ସହଯୋଗ କରିନାହାନ୍ତି ।ସେହିପରି ଉଦ୍ୟାନ ବିଭାଗ ମଧ୍ୟ ସାମାଜିକ ସମୀକ୍ଷା ଶିବିର ରେ ଲଜ୍ଜିତ ହୋଇ ଅଛି ।ଏହି ବିଭାଗ ବିଭିନ୍ନ ହିତାଧି କାରୀ ଙ୍କୁ ଦେଇଥିବା ନଡ଼ିଆ ଚାରା ରୋପଣ କାର୍ଯ୍ୟ ର ସି ୧ ,ସି ୨ଫର୍ମ ଓ ମଷ୍ଟର ରୋଲ ଦାଖଲ କରିବାରେ ଅସମର୍ଥ ହୋଇ ଅଛି ଏହାର ଅଧିକାରୀ ।ବନ୍ଦ ।ଲୋ ଓ ନପଙ୍ଗ ପଂଚ ।ୟତ ରେ ଏହି ତ୍ରୁଟି ଦେଖାଯାଇଅଛି ।ଏହି ଅଧିକାରୀ ଙ୍କ ବିରୁଦ୍ଧରେ ରେ ନରେଗା ଆଇନ ର ଭାଗ ୨୫ଓ ଉପଭାଗ ୪ଅନୁଯାୟୀ ୧୦୦୦ଟଙ୍କା ଫାଇନ ଆଦାୟ କରାଯାଉ ବୋଲି ବିଡ଼ିଓ କୁ ସୁପାରିଶ କରି ଅଛ ବ୍ଲକ ସାମାଜିକ ବିଭାଗ।

# ଦାୟିତ୍ୱ ନିର୍ବାହୀ ଅଧ୍ୟକ୍ଷଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ: ହଟାନଗଲେ ଗେଟ୍‌ରେ ତାଲା ପକାଇବାକୁ ଚେତାବନୀ

ଭଦ୍ରକ, ୩୦/୧୦ (ନି.ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ଆନନ୍ଦପୁର ପଂଚାୟତ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦାୟିତ୍ୱ ନିର୍ବାହୀ ଅଧ୍ୟକ୍ଷ ପବିତ୍ର ମୋହନ ମହାନ୍ତିଙ୍କ କାର୍ଯ୍ୟକଳାପକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଖୁବ୍ ଦୁର୍ନୀତି କରୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ବିଦ୍ୟାଳୟକୁ କମ୍ ପିଲା ଆସୁଥିଲେ ବି ଅଧିକ ପିଲା ଆସୁଥିବା ଦର୍ଶାଉଛନ୍ତି। ସେହି ହିସାବରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାଇଁ ସାମଗ୍ରୀ ଦେଉଥିବା ଦେଖାଉଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏବେ ପ୍ରାୟ ୫୦୦ ପିଲା ପଢୁଛନ୍ତି। ସେଥିରୁ ୩୦୦ରୁ ୩୫୦ ନିୟମିତ ଆସୁଥିବାବେଳେ ଅଧ୍ୟକ୍ଷ ୪୫୦ରୁ ଅଧିକ ଆସୁଥିବା ଦେଖାଇ ମଧ୍ୟାହ୍ନ ଭୋଜନ ଟଙ୍କା ହଡ଼ପ କରୁଛନ୍ତି। ଶ୍ରେଣୀ ଶିକ୍ଷକମାନେ ପିଲାଙ୍କ ଆଟେଣ୍ଡାନ୍ସ ପକାଉଛନ୍ତି। ହେଲେ ଆଟେଣ୍ଡାନ୍ସ ରେଜିଷ୍ଟରରେ ଆବସେଂଟ ପକାଉନାହାନ୍ତି। ସେମାନେ ଆଣି ଅଧ୍ୟକ୍ଷଙ୍କୁ ରେଜିଷ୍ଟର ଦେଉଛନ୍ତି। ଅଧ୍ୟକ୍ଷ ନିଜ ହିସାବରେ ଆବସେଂଟ ପକାଉଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ାରେ ପାରଙ୍ଗମ। ପୂର୍ବରୁ ଖୋ-ଖୋ, କବାଡ଼ି, କ୍ରିକେଟ, ଭଲି ବଲ୍, ରଗବୀ ଭଳି ଖେଳରେ ଜାତୀୟସ୍ତର ଯାଏ ଖେଳିବାକୁ ଯାଇଛନ୍ତି। ଅନେକ ବାର ଖୋ-ଖୋ ଓ ରଗବୀରେ ପଦକ ବିଜୟୀ ମଧ୍ୟ ହୋଇଛନ୍ତି। ଏପରିକି ପ୍ରତିବର୍ଷ ଜିଲ୍ଲା ଖୋ-ଖୋ ଟିମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତିନିଧିତ୍ୱ କରନ୍ତି। ହେଲେ ଗତ ତିନିବର୍ଷ ହେଲା ତାହା ଆଉ ହେଉନାହିଁ। କାରଣ, ପିଲା ପଦାକୁ ଖେଳିବାକୁ ଯିବା ପାଇଁ ଅଧ୍ୟକ୍ଷ ଟଙ୍କା ଦେଉନାହାନ୍ତି। ଏପରିକି କ୍ରୀଡ଼ା ଉପକରଣ, ଫିଲ୍ଡ ପ୍ରସ୍ତୁତ ପାଇଁ ବି ଟଙ୍କା ଦେଉନାହାନ୍ତି ବୋଲି ଖେଳ ଶିକ୍ଷକ ଦୋଳଗୋବିନ୍ଦ ବେହେରା କହିଛନ୍ତି। ପ୍ରୋତ୍ସାହନ ମିଳୁନଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଜ୍ଞାନ ମେଳାରେ ମଧ୍ୟ ସେମିଲ ହେଉନାହାନ୍ତି। ଯଦି କେହି ବି ଯାଉଛନ୍ତି ନିଜ ଖର୍ଚ୍ଚରେ ଯାଉଥିବା କହିଛନ୍ତି ବିଜ୍ଞାନ ଶିକ୍ଷକ ରକ୍ଷାକର ତରାଇ। ବଡ଼କଥା ହେଉଛି, ଏ ସବୁ ବାବଦରେ ବିଦ୍ୟାଳୟକୁ ଯଥେଷ୍ଟ ଅନୁଦାନ ଆସୁଛି। କଂଟିଜେନ୍ସି ଫଣ୍ଡରେ ୧ ଲକ୍ଷ ଟଙ୍କା, ସ୍ପୋର୍ଟସ ପାଇଁ ୨୫୦୦୦, ଇକୋ କ୍ଲବ ପାଇଁ ୨୫୦୦୦, ଆମ ସଂସ୍କୃତି ଓ ଆମ ଖେଳନା ପାଇଁ ୨୦୦୦୦, ସାଇନ୍ସ କ୍ଲବ ବାବଦରେ ୧୦୦୦୦, ବର୍ଷକୁ ବର୍ଷ ପିଲାଙ୍କଠାରୁ ୩୫୦ ଟଙ୍କା ଆଦାୟ ହେଉଛି। ଅନ୍ୟାନ୍ୟ ସୂତ୍ରରୁ ୫୦୦୦୦ ଟଙ୍କା ଆସୁଛି। ଉଚ୍ଚ ମାଧ୍ୟମକ ବିଦ୍ୟାଳୟର ଜମି, ହାଟ ଆଦି ନିଲାମରୁ ବର୍ଷକୁ ୨୦୦୦୦ ଟଙ୍କା ଆସୁଛି। ଏସବୁକୁ ଦେଖିଲେ ବିଦ୍ୟାଳୟକୁ ବର୍ଷକୁ ୩ ଲକ୍ଷରୁ ଅଧିକ ଟଙ୍କା ମିଳୁଛି। ତା ସତ୍ୱେ ପିଲାଙ୍କୁ ପ୍ରୋତ୍ସାହନ ଦିଆଯାଉନଥିବାରୁ ସେମାନେ ଖେଳିବାକୁ ଯାଇ ପାରୁନାହାନ୍ତି। ଅପରପକ୍ଷରେ ଏସବୁ ଟଙ୍କା କେଉଁ ବାଟେ ଖର୍ଚ୍ଚ ହେଉଛି, ସେନେଇ କାହାକୁ ହିସାବ ଦିଆଯାଉନଥିବା କହିଛନ୍ତି ଶିକ୍ଷୟିତ୍ରୀ ରେଣୁବାଳା ସାହୁ। ପୂର୍ବରୁ ପବିତ୍ର ମୋହନ ମହାନ୍ତି ହିନ୍ଦୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ପ୍ରାୟ ୪ ବର୍ଷ ତଳେ ତତ୍କାଳୀନ ପ୍ରଧାନଶିକ୍ଷକଙ୍କ ଅବସର ପରେ ସେ ଏଠାରେ ଦାୟିତ୍ୱ ନିର୍ବାହୀ ପ୍ରଧାନଶିକ୍ଷକ ହୋଇଥିଲେ। ଚଳିତ ବର୍ଷ ଜୁଲାଇରେ ବିଦ୍ୟାଳୟଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଯୁକ୍ତ ଦୁଇ କଲେଜର ମାନ୍ୟତା ପାଇଥିଲା। ଏହାପରେ ପବିତ୍ର ମହାନ୍ତିଙ୍କୁ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀ ଦାୟିତ୍ୱ ନିର୍ବାହୀ ଅଧ୍ୟକ୍ଷ ଭାବେ କ୍ଷମତା ଅର୍ପଣ କରିଛନ୍ତି। ଏଭଳି ଜଣେ ଦୁର୍ନୀତିଖୋର ବ୍ୟକ୍ତିଙ୍କୁ ଅପସାରଣ କରିବା ଲାଗି ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସଙ୍କ ନେତୃତ୍ୱରେ ଅଭିଭାବକ ଓ ବୁଦ୍ଧିଜୀବୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହାପରେ ଧାମନଗର ବିଇଓ ପ୍ରଫୁଲ୍ଲ ସାହୁ ଆସି ତଦନ୍ତ କରିଥିଲେ। ହେଲେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସପ୍ତାହେ ମଧ୍ୟରେ ତାଙ୍କୁ ଦାୟିତ୍ୱର ହଟା ନଗଲେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତାଲା ପଡ଼ିବ ବୋଲି ବିଜୟ କୁମାର ଦାସ କହିଛନ୍ତି। ଅପରପକ୍ଷରେ ଅଧ୍ୟକ୍ଷ ପବିତ୍ର ମହାନ୍ତି ପଚାରିବାରୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମଧ୍ୟାହ୍ନ ଭୋଜନ ପାଇଁ କମ୍ ପିଲା ଆସୁଥିଲେ ବି ଅଧିକ ପିଲା ଦେଖାଇବା ଓ ଖେଳ ବାବଦରେ ବିଦ୍ୟାଳୟରେ କୌଣସି ପ୍ରକାର ଦୁର୍ନୀତି ହୋଇ ନାହିଁ। ମଧ୍ୟାହ୍ନ ଭୋଜନ କଥା ଉଠିବା ପରେ ଧାମନଗର ବିଇଓ ଆସି ତଦନ୍ତ କଲେ, କୌଣସି ଭୁଲ ପାଇଲେ ନାହିଁ। ତାହା ସହ ସ୍କୁଲକୁ ଲକ୍ଷ ଲକ୍ଷ ଟଙ୍କା ଆସୁଥିବା କଥା ପଚାରିବାରୁ ଏତେ ଟଙ୍କା କେବେବି ଆସୁନାହିଁ। କିଛି ଟଙ୍କା ଆସୁଛି ସେଗୁଡିକ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟରେ ଲଗାଯାଉଛି, ପିଲା ଖେଳିବା ପାଇଁ ଅନ୍ୟାନ୍ୟ ଜିଲ୍ଲାକୁ ଯାଉଛନ୍ତି ଏଣୁ ମୁଁ ହାତରୁ ଟଙ୍କା ଖର୍ଚ୍ଚ କରି ଖେଳିବାକୁ ବିଦାକରୁଛି ବୋଲି କହିଛନ୍ତି।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ସତର୍କତା ସଚେତନତା ସପ୍ତାହ ପାଳିତ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଚଳିତ ସତର୍କତା ସଚେତନତା ସପ୍ତାହ-୨୦୨୫ର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଛାତ୍ରଛାତ୍ରୀ, ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ସଚ୍ଚୋଟତା ଏବଂ ସ୍ୱଚ୍ଛତାର ବାର୍ତ୍ତା ପ୍ରସାର କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ପ୍ରସାର କାର୍ଯ୍ୟକ୍ରମ ଆୟୋଜନ କରିଅଛି । ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ ସହିତ ଆଜି ଖୋର୍ଦ୍ଧା ରୋଡ଼ ସ୍ଥିତ ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଏବଂ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀ, ରେଳ କର୍ମଚାରୀ ଏବଂ ସେମାନଙ୍କ ପିଲାମାନେ ଏହି କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ନୀତି, ସଚ୍ଚୋଟତା ଏବଂ ଦୁର୍ନୀତି ବିରୁଦ୍ଧରେ ଲଢ଼ିବାର ଆବଶ୍ୟକତା ଉପରେ ସେମାନଙ୍କର ମତାମତ ପ୍ରକାଶ କରିଥିଲେ ।

ପୂର୍ବତଟ ରେଳପଥର ସତର୍କତା ସଂଗଠନ ଦୁର୍ନୀତିର କୁପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଯୁବ ପିଢ଼ି ମଧ୍ୟରେ ସ୍ୱଚ୍ଛତା ଏବଂ ସଚ୍ଚୋଟତାର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ଏହାର କ୍ଷେତ୍ରାଧିକାରର ବିଭିନ୍ନ ସ୍କୁଲ ଏବଂ କଲେଜ ସହିତ ଯୋଗାଯୋଗ କରୁଛି । ଛାତ୍ରଛାତ୍ରୀ ଏବଂ ରେଳ କର୍ମଚାରୀମାନେ ନିଜ ନିଜ କ୍ଷେତ୍ରରେ ନୈତିକ ଆଚରଣର ଉଦାହରଣ ସ୍ଥାପନ କରି ଏକ ଦୁର୍ନୀତିମୁକ୍ତ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ।

ଜୀବନର ପ୍ରାରମ୍ଭରୁ ନୈତିକ ମୂଲ୍ୟବୋଧ ଏବଂ ନୈତିକ ଆଚରଣକୁ ପ୍ରୋତ୍ସାହିତ କରି ତୃଣମୂଳ ସ୍ତରରୁ ଦୁର୍ନୀତିକୁ ଦୂର କରିବା ଏହି ପଦକ୍ଷେପର ଲକ୍ଷ୍ୟ ଅଟେ । ସତର୍କତା ଏବଂ ସୁଶାସନର ବାର୍ତ୍ତା ପ୍ରସାର କରିବା ପାଇଁ ପୂର୍ବତଟ ରେଳପଥ ଅଧୀନରେ ଥିବା ପ୍ରମୁଖ ସହରଗୁଡ଼ିକରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବକ୍ତୃତା ସହ ବକ୍ତୃତା ଅଧିବେଶନ ମଧ୍ୟ ଆୟୋଜନ କରାଯାଉଛି ।

ଚଳିତ ବର୍ଷ, 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁ ଉପରେ ୨୭ ଅକ୍ଟୋବରରୁ ୨ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ପାଳନ ଜୀବନର ସମସ୍ତ କ୍ଷେତ୍ରରେ ଅଖଣ୍ଡତା ବଜାୟ ରଖିବା, ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱଚ୍ଛତା ବଜାୟ ରଖିବାରେ ସାମୂହିକ ଦାୟିତ୍ୱର ଗୁରୁତ୍ୱକୁ ସୂଚାଇଥାଏ ।

ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖୋର୍ଦ୍ଧା ରୋଡର ଛାତ୍ରଛାତ୍ରୀମାନେ ରେଳ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ସହିତ, ଅଖଣ୍ଡତାକୁ ଜୀବନବ୍ୟାପୀ ମୂଲ୍ୟବୋଧ ଭାବରେ ଗ୍ରହଣ କରିବାର ଗୁରୁତ୍ୱ ଏବଂ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନରେ ସଚ୍ଚୋଟତାର ଭୂମିକା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମଟି ସମସ୍ତଙ୍କୁ ଦାୟିତ୍ୱବାନ ହେବା ଏବଂ ସଚେତନ ନାଗରିକ ହେବାକୁ ଉତ୍ସାହିତ କରୁଥିବା ଏକ ବାର୍ତ୍ତା ପ୍ରଦାନ କରୁଛି ।

# ଭଦ୍ରକର ଗଣପର୍ବ କାଳୀପୂଜାର ଭସାଣି ଉତ୍ସବ

ଭଦ୍ରକ, ୩୦/୧୦ (ନି.ପ୍ର): ଗତ ୨୦ ତାରିଖରୁ ଆରମ୍ଭ ୯ଦିନ ଧରି ପାଳିତ ହୋଇଆସୁଥିବା ଭଦ୍ରକର ଓଡ଼ିଶା ପ୍ରସିଦ୍ଧ ଐତିହାସିକ କାଳୀପୂଜାର ଭସାଣି ଉତ୍ସବ ଆଜି ବାତ୍ୟା 'ମୋନ୍ଥା' ଜନିତ ଲଘୁଚାପ ବର୍ଷା ସତ୍ୱେ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ୨୦ ତାରିଖ ରାତିରୁ ଆରମ୍ଭ ହୋଇଥିଲା ମା'ଙ୍କ ପାରମ୍ପରିକ ପୂଜାର୍ଚ୍ଚନା। ସହରର ୯ଟି ସ୍ଥାୟୀ ମଣ୍ଡପରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଥିବାବେଳେ ପ୍ରଶାସନ ଓ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଅନୁଷ୍ଠିତ ପୂର୍ବ ନିର୍ଦ୍ଧାରିତ ବୈଠକର ନିଷ୍ପତି ଅନୁଯାୟୀ ମା'ଙ୍କ ବିସର୍ଜନ ପର୍ବ ଆରମ୍ଭ ହୋଇଛି। ଚରମ୍ପାର ଟ୍ରାଫିକ୍ କାଳୀ ମେଢ, ପିଡବ୍ଲ୍ୟୁଆଇ ମେଢ, ପଥରକାଳୀ ପାର୍ଶ୍ୱ ମେଢ, ହାଇସ୍କୁଲ ବାସନ୍ତୀଦୁର୍ଗା ମେଢ, ଏରେଇଁ ମେଢ, ରାଜଘାଟ ମେଢ ଭଳି ମା'ଙ୍କର ଭସାଣି ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ବାଦ୍ୟ ଓ ନାଚ-ଗୀତରେ ମା'ଙ୍କୁ ବିଦାୟୀ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ କାଳୀପୂଜା ଭଦ୍ରକର ଗଣପର୍ବର ମାନ୍ୟତା ପାଇସାରିଛି। କେବଳ ସହରାଂଚଳ ନୁହେଁ, ଗ୍ରାମାଂଚଳରେ ମଧ୍ୟ ପୂଜା ମାହୌଲ ଜୋରଦାର ଅନୁଭୂତ ହୋଇଥାଏ। ଚଳିତବର୍ଷ ଭଦ୍ରକ ସହରରେ ୯ ଦିନ ଧରି ଅନୁଷ୍ଠିତ ହୋଇ ଚଳଚଂଚଳ ହୋଇଉଠିଥିଲା। ବିଶେଷତଃ ଚରମ୍ପାରେ ପ୍ରତ୍ୟେକ ଦିନ ଲକ୍ଷାଧିକ ଲୋକଙ୍କ ଭିଡ ଜମିଥାଏ। ମୀନାବଜାର ଠାରୁ ଆରମ୍ଭ କରି ଅପେରା ପ୍ରଦର୍ଶନ ପର୍ଯ୍ୟନ୍ତ ଜିଲାବାସୀ ବେଶ୍ ମଜା ଉଠାଇଥାନ୍ତି। ମୋଟାମୋଟି ଭାବେ ସହରରେ ଏହି ୯ ଦିନ, ରାତି ଏକ ହୋଇଯାଇଥାଏ। ଅପରପକ୍ଷେ ମା' ଭଦ୍ରକାଳୀ ପୀଠ, ପଥରକାଳୀ ପୀଠ, ଦକ୍ଷିଣେଶ୍ୱର କାଳୀ ପୀଠ ଓ ପୁରୁଣାବଜାର ବାନାର୍ଜୀ ପରିବାର ପକ୍ଷରୁ ବିଧି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ଭସାଣି ଉତ୍ସବକୁ ଲକ୍ଷ୍ୟ କରି ଜିଲା ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଏକଲ ଅଭିଯାନ ଆଚାର୍ଯ୍ୟ/ ଆଚାର୍ଯ୍ୟା ଅଭ୍ୟାସ ବର୍ଗର ଉଦ୍‌ଯାପନ ଉତ୍ସବ

## ଧର୍ମାନ୍ତରୀକରଣ ବନ୍ଦ କର, ଗୋହତ୍ୟା ବନ୍ଦ କର ନାରାରେ କମ୍ପିଲା ଉଦଳା

ଉଦଳା, ୩୦/୧୦ (ନି.ପ୍ର): ଏକଲ ଅଭିଯାନ ବାରିପଦା ଅଂଚଳ ପୂର୍ବ ଭାଗରେ ଥିବା ଉଦଳା, ଖଇରା, ମିତ୍ରପୁର ଓ ନୀଳଗିରି ସଂଚରେ କାର୍ଯ୍ୟରତ ଆଚାର୍ଯ୍ୟ/ଆଚାର୍ଯ୍ୟା ମାନଙ୍କର ଚାଲିଥିବା ଅଭ୍ୟାସବର୍ଗ ଚଳିତ ଅକ୍ଟୋବର ୨୭ ତାରିଖ ସୋମବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ଉଦଳା ଏନ୍.ଏ.ସି. କଲ୍ୟାଣ ମଣ୍ଡପ ପରିସରରେ ୫ଦିନ ଧରି ଚାଲିଥିବା ଏହି ବର୍ଗର ପରିଚାଳନା ଦାୟିତ୍ୱ ଉଦଳା ସଂଚ ସଭାପତି ରାଜେନ୍ଦ୍ର ବେହେରା, ଅଂଚଳ ଅଭିଯାନ ପ୍ରମୁଖ ଗୌରଚନ୍ଦ୍ର ଜେନା, ପ୍ରାଥମିକ ଶିକ୍ଷା ପ୍ରମୁଖ ବେଣୁଧର କଂଟାବାଉଁଶିଆ, ଅଂଚଳ ସଭାପତି ମନୋରଂଜନ ମଲ୍ଲିକ,



ସଂପାଦିକା ନମିତା ରାଉତ, ରିତାଞ୍ଜଳି ପ୍ରଧାନ, ଦେବସ୍ମିତା ବାରିକ ଓ ସଂଗୀତା ମହାପାତ୍ର ପ୍ରମୁଖ ତୁଲାଇଥିଲେ । ସମ୍ବଳବ୍ୟକ୍ତି ଭାବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ବିଶ୍ୱହିନ୍ଦୁ ପରିଷଦର ହରିହର ତ୍ରୀପାଠି, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ବିନ୍ଧାଣୀ, ସବିତା ଶଙ୍ଖୁଆ, ଗୋପୀନାଥ ଜେନା, ସୁକେଶ ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଶେଷରେ ସମସ୍ତେ ଧର୍ମାନ୍ତରୀକରଣ ବନ୍ଦ କର, ଗୋହତ୍ୟା ବନ୍ଦ କର, ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କର ସ୍ଲୋଗାନ ଦେଇ ବର୍ଗର ଯବନିକା ପକାଇଥିଲେ ।

# ଭଂଜପୁର ଜଗଦ୍ଧାତ୍ରୀ ମେଳା ଉପଲକ୍ଷେ ସାମ୍ବାଦିକ ସମ୍ମିଳନୀ

ବାରିପଦା, ୩୦/୧୦ (ନି.ପ୍ର): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା - ୨୦୨୫ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚି ଯାଇଛି ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ପ୍ରକାଶ କରିଛନ୍ତି ଓ ମା ଜଗଦ୍ଧାତ୍ରୀଙ୍କ ୭୩ ତମ ପୂଜା ଆସନ୍ତାକାଲି ପାରମ୍ପାରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ ଓ ଏବର୍ଷ ମେଳାରେ ଓଡିଶା ଓ ଅନ୍ୟ ରାଜ୍ୟରୁ ପ୍ରାୟ ୩ ଶହ ଷ୍ଟଲ ପ୍ରଦର୍ଶିତ ହେବ ଓ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ ଜଣାଇଥିଲେ ଓ




ଏବର୍ଷର ବେଶେଷ ଆକର୍ଷଣ ହାଇଦ୍ରାବାଦ ସ୍ଥିତ ତେଲେଙ୍ଗାନାର ସଚିବାଳୟର ତୋରଣ ନିର୍ମିତ ହେଉଅଛି ବୋଲି ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ଜଣାଇଥିଲେ ଓ ପ୍ରତିବର୍ଷ ପରି ଏବର୍ଷ ମଧ ନିରାପତ୍ତା ପାଇଁ ସି ସି କେମେରା, ନିଆଁ ଲିଭା ଯନ୍ତର ବ୍ୟବସ୍ଥା କରାଯାଇଛି ଏବଂ ମେଳାର ସଫଳତା ପାଇଁ ରେଳ ବିଭାଗ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ବିଦ୍ୟୁତ ବିଭାଗ, ବାରିପଦା ମୁନିସିପାଲିଟି, ଅଗ୍ନିଶମ ବିଭାଗର ସମସ୍ତ ପ୍ରକାର ସହଯୋଗ ରହିଛି ବୋଲି କାର୍ଯ୍ୟକାରୀ ସଭାପତି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ ଓ ମେଳା ଚାଲିଥିବା ବେଳେ କମିଟି ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯିବ ଓ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ହାତରେ ସାଂସ୍କୃତିକ ମଞ୍ଚରେ ପୁରସ୍କୃତ କରାଯିବ ବୋଲି କମିଟି ସଦସ୍ୟ ମାନେ ପ୍ରକାଶ କରିଥିଲେ ଓ ଗଣମାଧମ ସଂଯୋଜକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ପୂଜା ସମ୍ପାଦକ ରସିକାନନ୍ଦ ମିଶ୍ର, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଓ ବରିଷ୍ଠ ସଦସ୍ୟ ସିଦ୍ଧେଶ୍ୱର ପାଣିଗ୍ରାହୀ ଉପସ୍ଥିତ ଥିଲେ ।

## ଏକ ଭାରତ ଆତ୍ମ ନିର୍ଭର ଭାରତ ପାଇଁ ଚାନ୍ଦବାଲିରେ ଗଣ ଦୌଡ଼ର ପ୍ରସ୍ତୁତି ବୈଠକ

ଭଦ୍ରକ, ୩୦/୧୦ (ନି.ପ୍ର): ଭାରତର ଏକତା ଓ ଅଖଣ୍ଡତାର ପ୍ରତୀକ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ 'ଏକ ଭାରତ, ଆତ୍ମନିର୍ଭର ଭାରତ' ନିମନ୍ତେ ଏକ ଗଣଦୌଡ କାର୍ଯ୍ୟକ୍ରମ ତା ୩୧-୧୦-୨୦୨୫ ରିଖ ସଖାଳ ୯ଘଟିକା ସମୟ ରେ କାଳୀ ପଡିଆ ଠାରୁ ଆରମ୍ଭ ହୋଇ ଚାନ୍ଦବାଲି ନୂଆ ବସଷ୍ଟାଣ୍ଡ ଠାରେ ଶେଷ ହେବ । ଏହାର ସଫଳ ଆୟୋଜନ ନିମନ୍ତେ ଶ୍ରୀ କିଶୋର ନାୟକ ଙ୍କ ଅବହାକତ୍ୟ ରେ ଏକ ପ୍ରସ୍ତୁତି ବୈଠକ ଚାନ୍ଦବାଲି ଅରଣ୍ୟ ନିବାସ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଭଦ୍ରକ ଜିଲ୍ଲା ବି ଜେ ପି ସଭାପତି ଶ୍ରୀ ଭଗ୍ୱାନ ପଣ୍ଡା ଯୋଗ ଦେଇ ପ୍ରସ୍ତୁତି କାର୍ଯ୍ୟକ୍ରମ ର ସମୀକ୍ଷା କରିଥିଲେ । ଚାନ୍ଦବାଲି ଘଇଉ ର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇଥିଲେ । ବରିଷ୍ଠ ବି ଜେ ପି ନେତା ଶ୍ରୀ ପୂର୍ଣ୍ଣଚନ୍ଦ୍ର ପାଣି , ଶ୍ରୀ କମଳା କାନ୍ତ ସୂତାର, ଶ୍ରୀ କାହ୍ନୁ ଚରଣ ବେହେରା , ଜିଲ୍ଲା ବି ଜେ ପି ନେତା ଶ୍ରୀ ତପନ ମହାନ୍ତି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ର ସଫଳ ରୂପାୟନ ପାଇଁ ମିଡ଼ିଆ ସେଲ ର ଦାୟିତ୍ୱ ଆଡଭୋକେଟ୍ ଶ୍ରୀ ଦେବୁଲ ମହାନ୍ତି ଙ୍କୁ , ଜଳପାନ ଜଗନ୍ନାଥ ରାଉତ ଓ ବିଜୟ ବେହେରା, ମଞ୍ଚ ଉପେନ୍ଦ୍ର ରାଉଳ , ବେନିଅନ ଓ ଟୋପି ବଣ୍ଟନ ବିଳାସ ନାୟକ ,ସାର୍ଥକ ନାୟକ,ସ୍ମୃତି ରଞ୍ଜନ ନାୟକ,ଗଣେଶ ଦାସ ଏବଂ ସାଉଣ୍ଡ ଓ ରାଲି ଦାୟିତ୍ୱ ଅଭୟ ସାମଲ ଙ୍କୁ ଦାୟିତ୍ୱ ଦିଆଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୱାନ୍ ନେସନ୍ ୱାନ୍ ...

କିନ୍ତୁ ବଡ଼ କଥା ହେଉଛି, ଯେହେତୁ ପୋଲିସ ତଥା ଗୃହ ବିଭାଗ ରାଜ୍ୟ ସରକାରଙ୍କ ଅଧୀନରେ ରହିଛି । ତେଣୁ କେନ୍ଦ୍ରର ଏହି ୱାନ ନେସନ ୱାନ ୟୁନିଫର୍ମକୁ ରାଜ୍ୟ ସରକାରମାନେ ଗ୍ରହଣ କରିବେ କି ନାହିଁ, ସେ ନିଷ୍ପତ୍ତି ରାଜ୍ୟ ମାନେ ନେବେ । ଯଦି ୱାନ ନେସନ ୱାନ ପୋଲିସ ୟୁନିଫର୍ମ ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଏ, ତାହେଲେ ଦି ବ୍ୟୁରୋ ଅଫ ପୋଲିସ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ଡିଜାଇନ କରିଥିବା ଦେଶର ବିଭିନ୍ନ ରାଜ୍ୟର ପାଣିପାଗର ସମସ୍ତ ସ୍ଥିତି ସହ ଖାପ ଖାଉଥିବା ନୂଆ ସ୍ମାର୍ଟ ୟୁନିଫର୍ମ ହୋଇପାରେ । ୨୦୧୭ରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଡିଜାଇନ ସହ ମିଳିତ ଭାବେ ଏହି ସ୍ମାର୍ଟ ୟୁନିଫର୍ମକୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡିକୁ ରିପୋର୍ଟ ପଠାଯାଇ ସାରିଛି ।

### ଭୁବନେଶ୍ୱର-ପୁରୀ ଷ୍ଟେସନରେ...

ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି । ନୂଆଦିଲ୍ଲୀ ଷ୍ଟେସନରେ ମାତ୍ର ୪ମାସ ମଧ୍ୟରେ ଏଭଳି ପ୍ରତୀକ୍ଷା ଅଂଚଳ ନିର୍ମାଣ କରି ରେଳବାଇ ମନ୍ତ୍ରଣାଳୟ ଦୀପାବଳି ଓ ଛଟ୍ ପର୍ବ ସମୟରେ ଯାତ୍ରୀଙ୍କ ଭିଡ଼ ପରିଚାଳନାକୁ ସହଜ କରିପାରିଥିଲା । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ ପୁରୀ ସମେତ ଦେଶର ମୋଟ ୭୬ଟି ପ୍ରମୁଖ ଷ୍ଟେସନରେ ଅନୁରୂପ ପ୍ରତୀକ୍ଷା ଅଂଚଳ ନିର୍ମାଣ କରାଯିବ । ଯାହା ୩ଟି ଭାଗରେ ବିଭକ୍ତ ହେବ । ସେଠାରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଶୌଚାଳୟ, ଟିକେଟ୍ କାଉଂଟର, ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍ ଓ ପାନୀଳ ଜଳ ସୁବିଧା ଉପଲବ୍ଧ ହେବ । ସ୍ଥାନୀୟ ଆବଶ୍ୟକତାକୁ ଧ୍ୟାନରେ ରଖି ଏହା ନିର୍ମାଣ କରାଯିବ ତଥା ୨୦୨୬ ମସିହା ପାର୍ବଣ ଋତୁ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

### ବିହାରରେ ମୋଦୀ...

ଛଟ୍ ପାଳନ ନେଇ ବିହାରର ମହିଳା ନାଟକବାଜି କରୁଥିବା ଆରଜେଡି ଓ କଂଗ୍ରେସ ସମାଲୋଚନା କରୁଛନ୍ତି । କିନ୍ତୁ ଛଟକୁ ୟୁନେସ୍କୋ ତାଲିକାରେ ସାମିଲ ପାଇଁ ଏନଡିଏ ସରକାର ଉଦ୍ୟମ କରୁଥିବା ମୋଦୀ କହିଥିଲେ । ସେପଟେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଜି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜିଲ୍ଲା ନାଳନ୍ଦାରେ ପ୍ରଚାର କରିଥିଲେ । ଶିକ୍ଷାକ୍ଷେତ୍ରରେ ନାଳନ୍ଦାର ପୂର୍ବ ଗୌରବ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ ରାହୁଲ । ମହାଗଠବନ୍ଧନ ସରକାର ଗଢ଼ିଲେ ସବୁ କ୍ଷେତ୍ରରେ ବିହାର ବିକାଶ ହେବ: ରାହୁଲ କହି ଭୋଟ୍ ମାଗିଥିଲେ । ନଭେମ୍ବର ୨ ତାରିଖରେ ରାହୁଲ ଗାନ୍ଧୀ ପୁଣି ବିହାରରରେ ପ୍ରଚାର କରିବେ । ସେହିପରି ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେ.ପି ନଡ୍ଡା ପ୍ରମୁଖ ଏନଡିଏ ପାଇଁ ପ୍ରଚାର କରିଥିବା ବେଳେ ମହାଗଠବନ୍ଧନ ନେତାମାନେ ମଧ ପ୍ରଚାର କରିଥିଲେ ।

### ବାତ୍ୟା ଛାଡ଼ିଗଲା...

ଅମଳ ହୋଇଥିଲେ ବେଶ ଦୁଇ ପଇସା ରୋଜଗାର କରିଥାନ୍ତା ଚାଷୀ । ହେଲେ ଚାଷୀର ଖୁସିରେ ଦୁଃଖ ଭରିଦେଇଛି ମୋନ୍ଥା । କରିବ କଣ ? କାହାକୁ ଜଣାଇବା ନିଜ ଦୁଃଖ ? ଗୁମୁରି ଗୁମୁରି କାନ୍ଦିବା ଛଡ଼ା ଆଉ କିଛି ବାଟ ନାହିଁ । ତୁରନ୍ତ ସରକାର ଏହି ବାତ୍ୟା ବିପନ୍ନଙ୍କ ପାଖେ ପହଞ୍ଚି ସହାୟତା ଯୋଗାଇଦେବା ଜରୁରୀ ।

### ଓଡ଼ିଶାକୁ ଛୁଇଁଲା...

ଅଭିଯୋଗକୁ ଖଣ୍ଡନ କରିବା ସହ ପାଲଟା ଗୁଗଲି ପକାଇଛି ବିଜେଡି । କଂଗ୍ରେସ କହିଛି ରାହୁଲ ଗାନ୍ଧୀଙ୍କ ଡରରେ ତତ୍ପର ହୋଇଛନ୍ତି ସରକାର । ଓଡ଼ିଶାରେ ୨୧୬ ଜାତି ଏସଇବିସି ବର୍ଗରେ ଥିବାବେଳେ ୨୦୦ ଜାତି ଓବିସି ବର୍ଗରେ ରହିଛନ୍ତି । ଯେଉଁମାନଙ୍କ ସଂଖ୍ୟା ମୋଟ୍ ଭୋଟର ୪୦ ପ୍ରତିଶତରୁ ଅଧିକ ବୋଲି କୁହାଯାଉଛି । ଯାହା ଉପରେ ରହିଛି ସବୁ ରାଜନୈତିକ ଦଳର ନଜର ।

### ସ୍ୱାଭାବିକ ହେଲା ...

କାର୍ତ୍ତିକରେ ବୁଧବାର ଉପାସରେ ରହିଥିଲେ ପ୍ରଭୁ ଲିଙ୍ଗରାଜ । ଲିଙ୍ଗରାଜ ମନ୍ଦିର ନୀତିକାନ୍ତି ବନ୍ଦ କରିଥିଲେ ସେବାୟତ । ପାଳି ଥିବା ସମର୍ଥା ନିଯୋଗ ସେବାୟତ ବନ୍ଦ କରିଥିଲେ ଲିଙ୍ଗରାଜଙ୍କ ସେବା । ଗତକାଲି ସକାଳୁ ସାହାଣ ମେଲା, ସୂର୍ଯ୍ୟ ପୂଜା ପରେ ଦ୍ୱାରପାଳ ପୂଜା ପରଠୁ ନୀତି କାନ୍ତି ବନ୍ଦ କରିଛନ୍ତି ସେବାୟତ । ନିଅଂଶ ପାଳି ପଡୁଥିବାରୁ ମନ୍ଦିର ପ୍ରଶାସନ ବିବାଦରେ ହସ୍ତକ୍ଷେପ କରି ସମାଧାନ ନକରିଥିବାରୁ ଲିଙ୍ଗରାଜ ମହାପ୍ରଭୁ ମହାକାର୍ତ୍ତିକ ମାସରେ ଖଡା ଉପବାସରେ ଥିଲେ । ଯାହାଦ୍ୱାରା ହଜାର ହଜାର ହବିଷ୍ୟାଳି ମହାପ୍ରଭୁଙ୍କ ମହାପ୍ରସାଦ ପାଇବାରୁ ବଞ୍ଚିତ ହୋଇଛନ୍ତି ।

# କଳିଙ୍ଗ ବାଲିଯାତ୍ରାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ: ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଏଡିଏମ

ପାରାଦୀପ, ୩୦/୧୦ : କଳିଙ୍ଗ ବାଲିଯାତ୍ରାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ଅଛି ।ଏନେଇ ଆଜି ଅପରାହ୍ନରେ ପାରାଦୀପ ଏଡିଏମ ନିରଞ୍ଜନ ବେହେରା ଗଣମାଧମ ପ୍ରତିନିଧି ମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି ।ଉକ୍ତ ବୈଠକରେ ଏଡିଏମଙ୍କ ସମେତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜିଲ୍ଲା ପବ୍ଲିକ ରିଲେସନ ଅଫିସର ପ୍ରତିଚି ତନୟା ମହାନ୍ତି, ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।ଆସନ୍ତା ୪ ତାରିଖ ରୁ ଆରମ୍ଭ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ କାର୍ଯ୍ୟକ୍ରମ ଉପରେ ଏଡିଏମ ବିସ୍ତୃତ ଭାବେ ଗଣମାଧମକୁ ଅବଗତ କରାଇ ଥିଲେ ।ପ୍ରଶାସନ ପକ୍ଷରୁ କଳିଙ୍ଗ ବାଲିଯାତ୍ରାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।ଗତକାଲି ଜିଲ୍ଲାପାଳ, ଏସ୍ପି ଓ ଜିଲ୍ଲାର ବରିଷ୍ଠ



ଅଧିକାରୀ ମାନେ ଆସି ତଦାରଖ କରି ଫେରିଯାଇଛନ୍ତି ।ପର୍କିଙ୍ଗ ସ୍ଥାନ, ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ଆସି ସମୀକ୍ଷା କରିଛନ୍ତି ।ସ୍ଥାନୀୟ ସରିଛି । ବାଲିଯାତ୍ରା ପଡିଆ ମଧ୍ୟରେ ୭୦ ଟି ସିସିଟିଭି ର ବ୍ୟବସ୍ଥା

## ସମୟ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶକରି ଗଣମାଧମ ପ୍ରତିନିଧି ବୈଠକକୁ ବୟକଟ କଲେ

ମଞ୍ଚ, ପାନୀୟ ଜଳ, ବସିବା ଓ ଶୌଚାଳୟ ଆଦି ଠିକ ଭାବେ କରାଯାଇଛି ନାଁ ନାହିଁ, ଯେପରି ଜନସାଧାରଣଙ୍କର ଅସୁବିଧା ନହୁଏ, ସମସ୍ତ ପ୍ରକାର ବନ୍ଦୋବସ୍ତ ଅଧିକାରୀ ମାନେ ମଧ ସେମାନଙ୍କ ସହିତ ଉପସ୍ଥିତ ଥିଲେ ।ଜନ ସାଧାରଣ କିଭଳି ପରିବାର ସହିତ ବୁଲି ବାଲିଯାତ୍ରା କୁ ଉପଭୋଗ କରିବେ ସବୁ ପ୍ରକାର ପ୍ରସ୍ତୁତି କରାଯାଇଛି ।୧୦ ପ୍ଲାଟୁନ ପୋଲିସ ଫୋର୍ସ ର ମଧ ବ୍ୟବସ୍ଥା କରାଯାଇଛି । ପ୍ରସିଦ୍ଧ କଳିଙ୍ଗ ବାଲିଯାତ୍ରା ଜିଲ୍ଲାର ତଥା ଓଡ଼ିଶାର ପ୍ରସିଦ୍ଧ ଅର୍ଜନ କରିଥିବା ପାରାଦୀପ ର କଳିଙ୍ଗ ବାଲିଯାତ୍ରା ୪ ରୁ ଆରମ୍ଭ ହୋଇ ୧୦ ରେ ଶେଷ ୭ ଦିନ ଧରି ଚାଲିବ । ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକାମଳରେ ଏହା ଉଦ୍ଘାଟିତ ହେବ । ତେବେ ପରମ୍ପରୁ ବୈଠକ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବ ସୂଚନା ଅନୁଯାଇ ଅପରାହ୍ନ ୩ ଟା ସମୟ ଦେଇଥିବା ବେଳେ ଗଣମାଧମ ପ୍ରତିନିଧି ମାନେ ନିର୍ଦ୍ଦିଷ୍ଟ ସମୟରେ ସଭା ଗୃହରେ ପହଂଚି ଥିଲେ ମଧ ପ୍ରଶାସନିକ ଅଧିକାରି ମାନେ ୪ ଟା ସମୟରେ ପହଂଚି ବାକୁ ନେଇ ବହୁ ଗଣମାଧମ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିବା ସହିତ ସଭାଗୃହରୁ ବାହାରି ଆସିବା ସହିତ ବୈଠକକୁ ବୟକଟ କରିଥିଲେ । ପ୍ରଶାସନିକ ଅଧିକାରିମାନେ କିଛି ନିର୍ଦ୍ଦିଷ୍ଟ ଗଣମାଧମ ପ୍ରତିନିଧିଙ୍କୁ ଧରି ଆଜିର ବୈଠକ ଶେଷ କରିଥିଲେ ।

# ଚୂଡ଼ାମଣି ମେରାଇନ ପୋଲିସ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ବାସୁଦେବପୁର, ୩୦/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୂଡ଼ାମଣି ମେରାଇନ ପୋଲିସ ପକ୍ଷରୁ କିଣୁ ଚରଣ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ମେରାଇନ ଥାନା ଅଧିକାରୀ ବନାନୀ ବେହେରା, ସମାଜସେବୀ ଗଗନ ବିହାରୀ ସେଠି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଇତିଶ୍ରୀ ସେଠି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର




ଛାତ୍ରୀ ମାନେ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାର ଅଂଶ ଗ୍ରହଣ କରିଥିଲେ । ଭାରତ ବର୍ଷର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସମ୍ପର୍କରେ ଛାତ୍ର ଛାତ୍ରୀ ମାନେ ପ୍ରବନ୍ଧ ଲେଖିଥିଲେ । ଏହି ଉତ୍ସବରେ ପୋଲିସ୍ ଷ୍ଟାଫ୍ ପଞ୍ଚାନନ ମିଶ୍ର, ସୁବାସ ରାଉତ, ମୀନ କେତନ ସେଠି, ବିଜୟ ମଲିକ, ଶ୍ରୀକାନ୍ତ ମଲ୍ଲିକ, କୃତିବାସ ମଲ୍ଲିକ, ରାଜଶ୍ରୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା କାଲି ସକାଳେ ଲବଣ ତୀର୍ଥ ଚୂଡ଼ାମଣି ରୁ ରକ୍ତତୀର୍ଥ ଇରମ ପର୍ଯ୍ୟନ୍ତ ଗଣ ଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ବିଶ୍ୱ ମିତବ୍ୟୟିତା ଦିବସ ୨୦୨୫ ପାଳିତ

ସମ୍ବଲପୁର, ୩୦/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ସହ ନିର୍ଦ୍ଦେଶକ ସଂଚୟ ଏବଂ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ-୨୦୨୫ ମହାସମାରୋହରେ ତପସ୍ୱିନୀ ପ୍ରେକ୍ଷାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ବିଶ୍ୱ ମିତବ୍ୟୟିତା ଦିବସ 'ମିତବ୍ୟୟୀ ହୋଇ ସଂଚୟ କରନ୍ତୁ, ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ' ବିଷୟ ଉପରେ ଆଧାରିତ ଥିଲା । ଏହି କାର୍ଯ୍ୟକ୍ରମରେ ସଂଚୟ ଓ ଆର୍ଥିକ ସଚେତନତାର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା । ସମ୍ବଲପୁର ପୋଷ୍ଟାଲ ସେବାର ସହାୟକ ନିର୍ଦ୍ଦେଶକ ବି. ମହେଶ୍ୱର ରାଓ ପୋଷ୍ଟାଲ ସେଭିଂସ ସ୍କିମ୍ ଏବଂ ସେଭିଂସ ହବ୍ ବିଷୟରେ ଆଲୋଚନା କରିଥିଲେ । ସାଇବର ଅପରାଧ ଓ ସେଥିରୁ କିପରି ରକ୍ଷା ପାଇ ପାରିବା ସେ ବିଷୟରେ ସମ୍ବଲପୁର ସାଇବର ପୋଲିସ ଥାନାର ଉପପରିଚାଳକ ଡେପୁଟି ଏସପି ଇଶ୍ୱର ତାଣ୍ଡି ଅବଗତ କରାଇଥିଲେ ।

# ପେସା ଗ୍ରାମସଭା କୋର୍ଡିନେସନ କମିଟି ପକ୍ଷରୁ ସ୍ମାରକପତ୍ର

ବେତନଟୀ,୩୦/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାକୁ ବିଭାଜନ ମସୁଧା ଏବଂ ବେତନଟୀକୁ ଏନଏସି ମାନ୍ୟତା ନିଷ୍ପତ୍ତିକୁ ଅସାମ୍ବିଧାନିକ ଦର୍ଶାଇ ବେତନଟୀ ବ୍ଲକ ପେସା ଗ୍ରାମସଭା କୋର୍ଡିନେସନ କମିଟି ପକ୍ଷରୁ ଏକ ସ୍ମାରକପତ୍ର ମହାମହିମ ରାଷ୍ଟ୍ରପତି, ମହାମହିମ ରାଜ୍ୟପାଳ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀଙ୍କ ଉଦ୍ଦେଶ୍ୟରେ ବୁଧବାର ବେତନଟୀ ବିଡିଓଙ୍କୁ ପ୍ରଦାନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାକୁ ବିଭାଜନ କରାଯିବା ନେଇ ମସୁଧା ଚାଲିଥିବା ବେଳେ ଏହାକୁ ଅସାମ୍ବିଧାନିକ ଦର୍ଶାଇ ପେସା ଗ୍ରାମସଭା କୋର୍ଡିନେସନ କମିଟି ପକ୍ଷରୁ ଏହାର ବିରୋଧ କରାଯାଇଛି । ସେହିଭଳି ସିଡ୍ୟୁଲ ଏରିଆରେ ବେତନଟୀକୁ ଏନଏସି ମାନ୍ୟତାକୁ ଅସାମ୍ବିଧାନିକ



ଦର୍ଶାଇବା ସହିତ ଏହା ସମ୍ବିଧାନର ସିଡ୍ୟୁଲ-୫କୁ ପ୍ରଭାବିତ କରୁଥିବା ନେଇ ସ୍ମାରକପତ୍ରରେ ଦର୍ଶାଯାଇଛି । ବେତନଟୀ ବ୍ଲକ ପେସା ଗ୍ରାମସଭା କୋର୍ଡିନେସନ କମିଟି ପକ୍ଷରୁ ରାଜ୍ୟସରକାରଙ୍କର ଉପରୋକ୍ତ ଦୁଇଟି ପ୍ରସ୍ତାବକୁ ବିରୋଧ କରାଯାଇଥିବା ବେଳେ ସିଡ୍ୟୁଲ ଜିଲ୍ଲା ଭାବେ ମୟୂରଭଞ୍ଜକୁ ସ୍ୱୟଂଶାସିତ ଜିଲ୍ଲା ପରିଷଦ(ଏଡିସି) ଭାବେ ଘୋଷଣା କରିବାକୁ ସ୍ମାରକପତ୍ରରେ ବିଶେଷ ଭାବରେ ଉଲ୍ଲେଖ କରାଯାଇଛି । ବେତନଟୀ ବିଡିଓ ସୂଶାନ୍ତ କୁମାର ସୂତାରଙ୍କୁ ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଜିଲ୍ଲା ପେସା ଗ୍ରାମସଭା କୋର୍ଡିନେସନ କମିଟିର ସଭାପତି ପାଣ୍ଡୁ ହେମ୍ବ୍ରମ, ସମ୍ପାଦକ ନୁନାରାମ ମୁର୍ମୁଙ୍କ ନେତୃତ୍ୱରେ ବ୍ଲକକମିଟି ସଭାପତି ସୁଦାମ ସୋରେନ, ସମ୍ପାଦକ ଫାଗୁ ମୁର୍ମୁ, ଚୈତନ୍ୟ ମୁର୍ମୁ, ରାଣେ କିନ୍ତୁ, ମୁସୁ ମୁର୍ମୁ, କାଦୁ ମାଣ୍ଡି, ରବିରଞ୍ଜନ ମାଣ୍ଡି, ଝାଙ୍ଗ ମୁର୍ମୁ, ହେମେନ୍ଦ୍ର ମାଝୀ, ଦୁଃଖୀଆ ମୁର୍ମୁ, କରୁଣାକର ଟୁଡୁ, ଅଶୋକ ସିଂରାୟ, ମାଧୁଆ ମୁର୍ମୁ, ଦୁଲାରାମ ମୁର୍ମୁ, ବିରାମ ମୁର୍ମୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟଗଣ ସାମିଲ ଥିଲେ ।

# ଭାରତ ସାମୁଦ୍ରିକ ସମ୍ମିଳନୀରେ ପାରାଦୀପ ବନ୍ଦର ପ୍ରାଧିକରଣର ଅଭିବୃଦ୍ଧି ଓ ନବସୃଜନ ପ୍ରଦର୍ଶିତ

## ସର୍ବୋତ୍ତମ ପ୍ରଦର୍ଶନୀ ପାଇଁ ପାରାଦୀପ ବନ୍ଦର ସମ୍ମାନିତ

ପାରାଦୀପ, ୩୦/୧୦ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ମୁମ୍ବାଇରେ ଅନୁଷ୍ଠିତ ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ ରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ଏହାର ଅଭିବୃଦ୍ଧି, ନବସୃଜନ ଏବଂ ଭାରତର ନୌବାଣିଜ୍ୟ ଦୃଷ୍ଟିକୋଣରେ ଅବଦାନ ପ୍ରଦର୍ଶନ କରାଯାଇଥିଲା । ମାନ୍ୟବର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଏବଂ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ସଚିବ ବିଜୟ କୁମାର ପାରାଦୀପ ବନ୍ଦର ପ୍ରାଧିକରଣ ପ୍ରଦର୍ଶନୀ ଷ୍ଟଲ ପରିଦର୍ଶନ କରିଥିଲେ । ପାରାଦୀପ ବନ୍ଦର ପ୍ରାଧିକରଣର ଅଧକ୍ଷ ପି.ଏଲ.ହରନାଦ ସେମାନଙ୍କୁ ବନ୍ଦରର ସଫଳତା, ଚାଲୁଥିବା



ବିକାଶ ପ୍ରକଳ୍ପ ଏବଂ କ୍ଷମତା, ଦକ୍ଷତା ଏବଂ ସ୍ଥାୟୀତ୍ୱ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଭବିଷ୍ୟତ ଯୋଜନା ବିଷୟରେ ସୂଚନା ପ୍ରଦାନ ଦେଇଥିଲେ । ଏହି ଅବସରରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ 'ଭବିଷ୍ୟତ ବନ୍ଦର ଧାରଣା ପାଇଁ ସର୍ବୋତ୍ତମ ପ୍ରଦର୍ଶନୀ ପୁରସ୍କାର' ବର୍ଗରେ ସାମୁଦ୍ରିକ ଉତ୍କର୍ଷତା ହାସଲକାରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏହି ପୁରସ୍କାର ମାନ୍ୟବର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏବଂ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ପ୍ରଦାନ କରିଥିଲେ ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ. ହରନାଦ ଏହାକୁ ଗ୍ରହଣ କରିଥିଲେ । ଏହି ମାନ୍ୟତା ପାରାଦୀପ ବନ୍ଦର ପ୍ରାଧିକରଣକୁ ଏକ ସ୍ଥାୟୀ, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସାମୁଦ୍ରିକ ଇକୋସିଷ୍ଟମ ଗଠନ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଅଧକ୍ଷ ଶ୍ରୀ ହରନାଦ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ଦୃଷ୍ଟିକୋଣ ଅଧୀନରେ ନବସୃଜନ ଚଳାଇବା ଏବଂ ଦେଶର ସାମୁଦ୍ରିକ ଅଭିବୃଦ୍ଧିରେ ଯୋଗଦାନ ଦେବା ପାଇଁ ପାରାଦୀପ ବନ୍ଦରର ପ୍ରତିବଦ୍ଧତାକୁ ଦର୍ଶାଉଥିବା ନେଇ ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରୁ ପ୍ରକାଶ ।

# କୃଷ୍ଣଚନ୍ଦ୍ରପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ତମାଖୁ ମୁକ୍ତ ଯୁବ ଅଭିଯାନ

ବେତନଟୀ ୩୦/୧୦ (ନି.ପ୍ର) : ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ତମାଖୁ ମୁକ୍ତ ଯୁବ ଅଭିଯାନ ଆଜି ଆୟୋଜିତ ହୋଇଯାଇଛି। ଏହି ଆୟୋଜିତ ସଭାରେ ଅଧକ୍ଷା ଡ଼ ମନ୍ଦାକିନୀ ସାହୁଙ୍କ ସଭାପତିତ୍ୱରେ ସେକାଓ୍ୱତ ଅଲ୍ପୀ ସଭା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ଼ ମହେଶ୍ୱର ମାଝୀ, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ରୀ କିଶୋର କୁମାର କବି, ବିପିଏମ ସୀମା ସଂଗୀତା ପରିଡା, ସୁସ୍ମିତା ପଣ୍ଡା ଙ୍କ ସହାୟତା କରିଥିଲେ। ଏହି ପରିପ୍ରେକ୍ଷୀରେ ତମାଖୁ ବ୍ୟବହାରର କୁ ପରିଣାମ, ପ୍ରତିକାର ଏବଂ ସଚେତନତା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଶ୍ରୀକାନ୍ତ ଦାସ, ଭରତ ଚନ୍ଦ୍ର, ଯାମିନୀକାନ୍ତ ଗିରି, ଅଭୟ ସେନାପତି,ଅଜିତ କୁମାର ବେହେରା, ଗଜେନ୍ଦ୍ର ପ୍ରସାଦ ବେହେରା, ଭବେନ୍ଦ୍ର କୁମାର ଦେ, ସଂଜିତ କୁମାର ଦାସ ଏବଂ ଅଣଶିକ୍ଷକ କର୍ମଚାରୀ ପ୍ରକାଶ ଚନ୍ଦ୍ର ରାଜ,ମନୋହର ବେହେରା, ବସନ୍ତ ବାରିକ, ଉମାକାନ୍ତ ବେହେରା, ବିଷ୍ଣୁ ନାରାୟଣ ଜେନା, ଭବାନୀ ଶଙ୍କର ମହାନ୍ତ, ଇନ୍ଦିରା ମହାନ୍ତ,ତପତିତପସ୍ୱିନୀ




ଆଚାର୍ଯ୍ୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।ଶେଷରେ ରସାୟନ ବିଜ୍ଞାନ ଅଧାପକ ଶ୍ରୀ ଭୁପାଳ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଇନ୍‌ଟାକ୍ ଭଦ୍ରକ ଶାଖାର ଜରୁରୀ ସାଧାରଣ ଅଧିବେଶନ

ଭଦ୍ରକ , ୩୦/୧୦ (ନି.ପ୍ର): ଭଦ୍ରକ ଇନ୍‌ଟାକ୍ ଶାଖାର ଜରୁରୀ ସାଧାରଣ ଅଧିବେଶନ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ କନ୍‌ଭେନ୍‌ର ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସହ କନ୍‌ଭେନର ଏସ୍.ଏମ୍.ଫାରୁକ, ଯୁଗ୍ମ ସହ କନ୍‌ଭେନର ପ୍ରଭାକର ମଲ୍ଲିକ ମଞ୍ଚାସୀନ ଥିଲେ। ଇନ୍‌ଟାକ୍ ଭଦ୍ରକ ଶାଖାର କନ୍‌ଭେନର, ଯୁଗ୍ମ ସହ କନ୍‌ଭେନ୍‌ର ପଦବୀରୁ ଅବ୍ୟାହତି ପାଇଁ ଇସ୍ତଫା ପତ୍ର ପ୍ରଦାନ କରିଥିଲେ, ଶାଖାର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ କନ୍‌ଭେନର, ସହ କନ୍‌ଭେନର, ଯୁଗ୍ମ ସହ କନ୍‌ଭେନର ଓ କୋଷାଧ୍ୟକ୍ଷଙ୍କ ପରିଚାଳନାରେ ଶାଖାର ବିଶେଷ ଦକ୍ଷତାଥିବା ସଦସ୍ୟଙ୍କ ସହଯୋଗରେ ଜିଲ୍ଲାରେ ବହୁବିଧ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟମାନ ସଂପାଦିତ ହୋଇଥିବାରୁ ନୂତନ କର୍ମକର୍ତ୍ତା ଭାବେ ନିର୍ବାଚନରେ ସଦସ୍ୟ ସଦସ୍ୟା ଅଂଶ ଗ୍ରହଣରୁ ବିରତ ରହିଥିଲେ । ସାଧାରଣ ଅଧିବେଶନରେ ଉପସ୍ଥିତ ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ପ୍ରାଞ୍ଜଳ ଭାବରେ ଆଲୋଚନା କରାଯାଇ ପୁନଶ୍ଚ କନ୍‌ଭେନର ଭାବେ ଦିଗମ୍ବର ମହାନ୍ତି, ସହ କନ୍‌ଭେନ୍‌ର ଭାବେ




ଏସ୍.ଏମ୍.ଫାରୁକ, ଯୁଗ୍ମ ସହ କନ୍‌ଭେନର ଭାବେ ପ୍ରଭାକର ମଲ୍ଲିକ, କୋଷାଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ବରାଳ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସର୍ବ ସମ୍ମତିକ୍ରମେ କର୍ମକର୍ତ୍ତାମାନେ ଅଦ୍ୟ ଦିବସ ଠାରୁ ସେମାନଙ୍କର ଦାୟିତ୍ୱ ହସ୍ତାନ୍ତର ନକରି କାର୍ଯ୍ୟ ସଂପାଦନ ପାଇଁ ସାଧାରଣ ଅଧିବେଶନରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହେଲା । ଏ ସଂକ୍ରାନ୍ତୀୟ ପ୍ରସ୍ତାବ ଇନ୍‌ଟାକ୍ ଓଡ଼ିଶା ରାଜ୍ୟ ଶାଖାର କନ୍‌ଭେନର, ଇନ୍‌ଟାକ୍ ଦିଲ୍ଲୀର ଚେୟାରମ୍ୟାନ୍‌ଙ୍କୁ ଗୃହୀତ ପ୍ରସ୍ତାବର ନକଲ ପ୍ରେରଣ କରାଯିବା ପାଇଁ ନିଷ୍ପତ୍ତି ହେଲା । ଇନ୍‌ଟାକ୍ ଦିଲ୍ଲୀ ଅଫିସ୍‌ର ଚେୟାରମ୍ୟାନ୍ ଓ ଓଡ଼ିଶା ରାଜ୍ୟ ଶାଖାର କନ୍‌ଭେନର ପରବର୍ତ୍ତୀ କୌଣସି ପଦକ୍ଷେପ ନନେଇ କନ୍‌ଭେନର ଦିଗମ୍ବର ମହାନ୍ତି ପ୍ରେରଣ କରିଥିବା ଇସ୍ତଫାପତ୍ରକୁ ନାମଞ୍ଜୁର କରିବା ପାଇଁ ଅନୁରୋଧ କରାଗଲା । ଇନ୍‌ଟାକ୍ ଶାଖାର ନବ ନିର୍ବାଚିତ କର୍ମକର୍ତ୍ତାମାନେ ଭଦ୍ରକ ଜିଲ୍ଲା ଓ ପଡ଼ୋଶୀ ଜିଲ୍ଲାମାନଙ୍କର ଐତିହ୍ୟ, ସଂସ୍କୃତି, କଳା, ସ୍ଥାପତ୍ୟ ଓ ପରିବେଶ ସଂପର୍କୀୟ କାର୍ଯ୍ୟ ସଂପାଦନର ପ୍ରମୁଖ ଭୂମିକା ଗ୍ରହଣ କରିବାର ଆଶା ପୋଷଣ କରାଗଲା । ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଅଜିତ୍ କୁମାର ଦାସ, ଅଜିତ୍ କୁମାର ନାୟକ, ଅନାଦି ଚରଣ ଦାସ, କରୁଣାକର ଉପାଧ୍ୟାୟ, ମଦନ ମୋହନ ନାୟକ, ଡ଼ଃ ଗୋଲକ ବିହାରୀ ସାହୁ, ଡ଼ଃ. ଭାଗବତ ତ୍ରିପାଠୀ, ଡ଼ଃ ରାଧାରାଣୀ ମହାପାତ୍ର, ହରମୋହନ କୁଅଁର, କୈଳାଶ ଚନ୍ଦ୍ର ପଣ୍ଡା, ପ୍ର. କମଳାକାନ୍ତ ସ୍ୱାଇଁ, ରତିକାନ୍ତ ମହାନ୍ତି, ସୁବାସ ଚନ୍ଦ୍ର ଦାଶ, ରମାକାନ୍ତ ନାୟକ, ଶାନ୍ତନୁ କୁମାର ରାଉତ, ସୁଧାକର ରାଉତ, ଆଦିତ୍ୟ କୁମାର ଗୋସ୍ୱାମୀ, ଆଦିତ୍ୟ କୁମାର ନାୟକ, ମୁକ୍ତିକାନ୍ତ ମହାପାତ୍ର, ମନଓ୍ୱାର ହୋସେନ୍ ଖାଁ, ସେକ୍ ନାସିର ବକ୍ସ, ଏସ୍.ଏମ୍.ଫାରୁକ, ପ୍ରଭାକର ମଲ୍ଲିକ, ଚନ୍ଦ୍ରମୋହନ ମହାନ୍ତି, ବାଦଲ କିଶୋର ମହାପାତ୍ର, ବିବେକାନନ୍ଦ ମୁଖାର୍ଜୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଣିଗ୍ରାହୀ, ଭାରତୀ ବାଇ, ବାବୁଲାଲ୍ ଦାସ, କାର୍ତ୍ତିକ ଚନ୍ଦ୍ର ଖୁଣ୍ଟିଆ । ଶାଖାର ଦିବଂଗତ ସଦସ୍ୟ ରଘୁନାଥ ମିଶ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ତାଙ୍କର ସ୍ମୃତି ଚାରଣ କରାଯାଇଥିଲା । ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି ଉପସ୍ଥିତ ଥିଲେ । ମୁକ୍ତିକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କଲାପରେ ସଭାପତିଙ୍କ ଦ୍ୱାରା ସଭାସାଙ୍ଗ ଘୋଷିତ ହେଲା ।

# ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ବାଟିକା ଜ୍ଞାନ ବିଜ୍ଞାନ ମେଳା

ବାଲିଆପାଳ, ୩୦/୧୦ (ନି.ପ୍ର): ବାଲିଆପାଳ ହନୁମାନ ମନ୍ଦିର ପାଶ୍ୱର୍ସ୍ଥ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଶିଶୁ ବାଟିକା ଜ୍ଞାନବିଜ୍ଞାନ ମେଳା ଉଦଘାଟିତ ହୋଇଯାଇଛି । ହାସିମପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପରମାନନ୍ଦ ସାହୁ,ବିଷ୍ଣୁପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବନଶ୍ରୀ ମଣ୍ଡଳ ଯୋଗ ଦେଇ ପ୍ରତିଯୋଗି ମାନଙ୍କର ପ୍ରକଳ୍ପର ମୂଲ୍ୟାୟନ କରିଥିଲେ । ମୋଟ ୩୭ ଜଣ ଛାତ୍ରଛାତ୍ରୀ ଭାଗ ନେଇ ବିଜ୍ଞାନ ମେଳାକୁ ସରସ ସୁନ୍ଦର କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି



ପଂଚାନନ ପଣ୍ଡା, ସଂପାଦକ ଡା.ଦେବବ୍ରତ ଦଣ୍ଡପାଠ, ପ୍ରଧାନ ଆଚାର୍ଯ୍ୟ ସନ୍ଧ୍ୟାରାଣୀ ଜେନା, ବିଜ୍ଞାନ ଶିକ୍ଷକ ପୁନିଲ କୁମାର ନନ୍ଦୀ, ଶିଶୁ ବାଟିକା ପ୍ରମୁଖ ସୁମିତ୍ରା ପ୍ରଧାନଙ୍କ ସହ ବିଦ୍ୟାଳୟର ଗୁରୁଜୀ ଗୁରୁମା ଏହି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ। ପରିଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ୨ହଜାର ଲିଟର ମଦ ଜବତ: ଡ୍ରାଇଭର ସହ ଭ୍ୟାନ ଜବତ

ଖଇରା, ୩୦/୧୦ (ନି.ପ୍ର): ଆଗରପଡା ଅଞ୍ଚଳରୁ ବର୍ତ୍ତନା-କୁପାରୀ ରାସ୍ତା ଦେଇ ଭଦ୍ରକ ଅଭିମୁଖେ ଯାଉଥିବା ମଦଭର୍ତ୍ତୀ ପିକଅପ ଭ୍ୟାନକୁ ଖଇରା ଥାନା ଅବକାରୀ ବିଭାଗ ଜବତ କରିଥିବା ବେଳେ ଡ୍ରାଇଭର କାଳନ୍ଦୀ ସାହୁକୁ ଗିରଫ କରିଛନ୍ତି । ଉକ୍ତ ଗାଡିରେ ଥିବା ୨ହଜାର ଲିଟର ଦେଶୀମଦ ଥିବା ବେଳେ ଚୋରା ହେଉଥିବା ଖବର ପାଇଁ ବିଭାଗ ତରଫରୁ ଏହି ଚଢାଉ କରାଯାଇଥିଲା । ଖଇରା ଅବକାରୀ ଥାନା ଅଧିକାରୀ ସୁରଜ କୁମାର ଟିଗାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଏଥିରେ ସାମିଲ ଥିଲେ । ଜବତ ହୋଇଥିବା ମଦର ଆନୁମାନିକ ଲକ୍ଷାଧିକ ହୋଇଥିବା ବେଳେ ଗିରଫ ଡ୍ରାଇଭରର ଘର ଆଗରପଡା ଅଞ୍ଚଳରେ ।

# ପାରାଦୀପର ସୌମ୍ୟଦର୍ଶୀ ସାହୁ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ



ପାରାଦୀପ, ୩୦/୧୦ (ନି.ପ୍ର): ପାରାଦୀପର ଜଣାଶୁଣା ବରିଷ୍ଠ ଆଇନଜୀବୀ ଦେବବ୍ରତ ସାହୁଙ୍କ ସୁପୁତ୍ର ସୌମ୍ୟଦର୍ଶୀ ଶିବଦତ୍ତ ସାହୁ ଚଳିତ ବର୍ଷ ନିଟ ପରୀକ୍ଷାରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇ ପ୍ରତିଷ୍ଠିତ ସହୀଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜ, ଭବାନୀପାଟଣା ରେ ନାମ ଲେଖା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରକାଶ ଥାଉକି ସେ ପାରାଦୀପସ୍ଥ ପୁରାତନ ବେଥାନୀ କନଭେଟ ସ୍କୁଲ ରୁ ହାଇସ୍କୁଲ ଶିକ୍ଷା ଶେଷ କରି ଭୁବନେଶ୍ୱର ପୋଖରିପୁଟ ଡିଏଭି ସ୍କୁଲ ରେ କୃତିତ୍ୱ ର ସହିତ ଯୁକ୍ତ ଦୁଇ ବିଜ୍ଞାନ ରେ ଶିକ୍ଷା ସମାପନ କରିଛନ୍ତି। ଦେବବ୍ରତ ସାହୁଙ୍କର ଏକମାତ୍ର କନ୍ୟା ଶୁଶ୍ରୀ ଶର୍ମିଷ୍ଟ ଦେବଜନୀ ସାହୁ ମଧ୍ୟ ଉକ୍ତ ବେଥାନୀ କନଭେଟ ସ୍କୁଲ ରେ ୨୦୧୮ ମସିହାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପରେ ଭୁବନେଶ୍ୱର ଚନ୍ଦ୍ରଶେଖର ପୁର ଡିଏଭି ସ୍କୁଲ ରୁ ଶିକ୍ଷା ସମାପ୍ତ ପରେ ଆଇଜିଆର ଭୋପାଳଠାରେ ଅଧ୍ୟୟନ କରୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ପାରାଦୀପ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶୁଭେଚ୍ଛା ର ସୁଅ ଛୁଟିଛି। କୃତି ଛାତ୍ର ସମସ୍ତ ଶ୍ରେୟ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ଓ ବନ୍ଧୁ ପରିଜନ ମାନଙ୍କୁ ହିଁ ଦେଇଛନ୍ତି।

# କର୍କଟ ରୋଗରେ ଆଖିବୁଜିଲେ ମହିଳା ଗୃହରକ୍ଷୀ

ନୀଳଗିରି, ୩୦/୧୦ (ନି.ପ୍ର): ନୀଳଗିରି ଥାନାରେ କାର୍ଯ୍ୟରତ ହୋମଗାର୍ଡ ତଥା ପୋଡ଼ାଶୂଳ ଗ୍ରାମର ଝିଅ ସତ୍ୟଭାମା ବାରିକ ଦୀର୍ଘଦିନଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଶେଷରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ନୀଳଗିରି ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିବା ବେଳେ କିଛି ବର୍ଷ ପୂର୍ବରୁ କର୍କଟରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଗତକାଲି ସନ୍ଧ୍ୟାରେ ସତ୍ୟଭାମାଙ୍କର ମୃତ୍ୟୁ ଘଟିଅଛି। ନୀଳଗିରି ପୋଲିସ ପକ୍ଷରୁ କମ୍ପାନୀ କମାଣ୍ଡର ଦାମୋଦର ମହାନ୍ତି, ପ୍ଲାଟୁନ କମାଣ୍ଡର କାର୍ତ୍ତିକ ସଲ ମରଶରୀର ଉପରେ ପୁଷ୍ପଗୁଚ୍ଛ ପ୍ରଦାନ କରିଛନ୍ତି। ପରିବାର ଲୋକଙ୍କ ସହ ତାଙ୍କର ସ୍ୱାମୀ ମଧୁସୂଦନ ବାରିକ ମରଶରୀରକୁ ନେଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରାଇଥିବା ଜଣାପଡିଛି।

# ବସ୍ତାରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ସ୍ୱପ୍ନର ଓଡିଶା ୨୦୩୬ କାର୍ଯ୍ୟକ୍ରମ ଅନୁଷ୍ଠିତ

ବସ୍ତା, ୩୦/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଉଦ୍ଘାଟନୀ ଉତ୍ସବ ରେ ବସ୍ତା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଉପସ୍ଥିତ ହୋଇ ଶିଶୁ ମାନଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିବା ଉତ୍ତମ ମାଧ୍ୟମ ହେଉଛି ଶିଶୁ ସୁରଭି ମହୋତ୍ସବ । ଏହାକୁ ସଫଳତାର ସହିତ ଆମକୁ ସହଯୋଗ କଲେ ଶିଶୁର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ବକ୍ତବ୍ୟ ମାଧମ ରେ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ବୁଝାଇ ଥିଲେ। ମୁଖ୍ୟ ବକ୍ତା ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ମନବଳ ସୁଦୃଢ କଲେ ଭବିଷ୍ୟତ ରେ ତାଙ୍କର ବାସ୍ନା ଚାରିଆଡେ ପ୍ରସ୍ଫୁଟିତ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ବସ୍ତା ବ୍ଲକ ପଞ୍ଚାୟତ ସମିତି ଅଧକ୍ଷା ଅଞ୍ଜଳି ଦାସ,ଉପାଧକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ଗୋଷ୍ଠୀ ଅତିରିକ୍ତ ଶିକ୍ଷାଧିକାରିଣୀ ବାସନ୍ତୀ ପୃଷ୍ଟି, ସାଂସଦ ପ୍ରତିନିଧି ପ୍ରଦୀପ୍ତ କୁମାର ପଣ୍ଡା,ବିଜ୍ଞାନ ସଂଯୋଜକ ସନ୍ତୋଷ କୁମାର ସାହୁ ,ସଦାନନ୍ଦପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଅନିଲ କୁମାର ମହାନ୍ତି, ସମିତିସଭ୍ୟା ପ୍ରତିନିଧି ଦେବାଶିଷ କର, ଶିକ୍ଷକ ଦୀପକ ମହାନ୍ତି ପ୍ରମୁଖ ଉପସ୍ଥିତ ହୋଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଉଦଯାପନୀ ଉତ୍ସବରେ ଉକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ପାତ୍ର ସଭାପତିତ୍ୱ କରିଥିଲେ,ମୁଖ୍ୟ ଅତିଥିଭାବେ ବସ୍ତା ଗୋଷ୍ଠୀ ଅତିରିକ୍ତ ଶିକ୍ଷାଧିକାରିଣୀ ବାସନ୍ତୀ ପୃଷ୍ଟି ଉପସ୍ଥିତ ହୋଇ ଛାତ୍ର ଛାତ୍ରୀମାନଙ୍କ ର ଲୁକାୟିତ ପ୍ରତିଭାର ପରିପ୍ରକାଶ ପାଇଁ ଉତ୍ତମ ମାଧ୍ୟମ ହେଉଛି ସୁରଭି ବୋଲି କହିଥିଲେ ,ମୁଖ୍ୟ ବକ୍ତା ଭାବରେ କବି କାଳିପଦ ପଣ୍ଡା ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ର ମହତ୍ୱ ସମ୍ପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ର ମହତ୍ୱ ସମ୍ପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ, ସମ୍ମାନିତ ଅତିଥି ଭାବେ ବିଜ୍ଞାନ ସଂଯୋଜକ ସନ୍ତୋଷ କୁମାର ସାହୁ,ସି ଆର ସି ଅଶୋକ ପାତ୍ରୀ,ସୁଦୀପ ପ୍ରଧାନ, ଜେନାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।ଏଥିରେ ୧୭ ଟି କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟରୁ ଛାତ୍ର ଛାତ୍ରୀମାନେ ବିଭିନ୍ନ କାର୍ଯ୍ୟକ୍ରମ ରେ ପ୍ରତିଯୋଗିତା ନିମନ୍ତେ ଆସିଥିଲେ ।ଏଥିରେ କୃତି ଛାତ୍ର ଛାତ୍ରୀମାନେ ଜିଲ୍ଲା ସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିବେ। ଶିବଶଙ୍କର ଜେନା ମଞ୍ଚ ଆହ୍ୱାନ କରିଥିବବେଳେ ଗଣେଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ସାମ୍ବାଦିକ ସଙ୍ଘ ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ

ପାରାଦ୍ୱୀପ, ୩୦/୧୦ (ନି.ପ୍ର): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁର ଝଙ୍କଡ଼ ପୀଠ ମା'ଶାରଳା ମନ୍ଦିର ପ୍ରାଗଣରେ ଓଡ଼ିଶା ସାମ୍ବାଦିକ ସଙ୍ଘ ଜଗତସିଂହପୁର ଜିଲ୍ଲାଶାଖା ପକ୍ଷରୁ ଏକ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବରେ ଓଜେୟୁ ରାଜ୍ୟ ସଭାପତି ଶଶୀ ଭୂଷଣ ପ୍ରହରାଜ,ସଂମ୍ମାନିତ ଅତିଥିଭାବେ ରାଜ୍ୟ ଉପ ସଭାପତି ଦ୍ୱିପକ କୁମାର ନାୟକ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଭୁବନେଶ୍ୱର ସଭାପତି ଅଶୋକ କୁମାର ସାହୁ ଯୋଗଦେଇଥିଲେ। ଜିଲ୍ଲା ସମ୍ପାଦକ ସରୋଜ କୁମାର ସାହୁ ସଭା ସଂଚାଳନ କରିବା ସହିତ ଜିଲ୍ଲା ସଭାପତି ଡ଼କ୍ଟର ସୁନାକର ବେହେରା ସଭାପତିତ୍ୱ କରିଥିଲେ। ଆଜିର ଏହି କାର୍ଯ୍ୟକାରିଣୀ ବୈଠକରେ ପାରାଦ୍ୱୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ, ଅଜିତ କୁମାର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ବିଶ୍ୱାଳ ଓ ଜଗତସିଂହପୁର ଜିଲ୍ଲା ଓଜେୟୁ




ସଙ୍ଘର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ମାନେ ଯୋଗଦେଇଥିଲେ। ଆଜିର ଏହି କାର୍ଯ୍ୟ କାରିଣୀ ବୈଠକରେ ଡ଼ଃ ବେହେରା ନିଜର ବ୍ୟକ୍ତିଗତ କାର୍ଯ୍ୟବ୍ୟସ୍ତ କାରଣ ଦର୍ଶାଇ ନିଜର ସଭାପତି ଦାୟିତ୍ୱରୁ ଅବସରନେବା ସହିତ ଜିଲ୍ଲା ସଂଗଠନକୁ ନୂତନ ଭାବେ ଗଠନ କରିବାକୁ ରାଜ୍ୟ ସଭାପତିଙ୍କୁ ଅନୁରୋଧ କରିଥିଲେ ଏବଂ ଜିଲ୍ଲାର ସମସ୍ତ ସଭ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଉପସ୍ଥିତ ସଦସ୍ୟମାନେ ନିଜର ମନୋନୀତ କର୍ମକର୍ତ୍ତା ମାନଙ୍କ ନାମ ପ୍ରସ୍ତବ ଦେବା ଏବଂ ଏହାକୁ ରାଜ୍ୟ ସଭାପତି ଗୃହିତ କରିଥିଲେ। ନୂତନ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଅକ୍ଷୟ କୁମାର ମହାନ୍ତି,ଜିଲ୍ଲା ଉପ ସଭାପତି ମାନସ ରଞ୍ଜନ ମହାନ୍ତି,ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଞ୍ଜନ ଖୁଣ୍ଟିଆ, ଜିଲ୍ଲା ସମ୍ପାଦକ ସରୋଜ କୁମାର ସାହୁ,ସଂଗଠନ ସମ୍ପାଦକ ଦେବାଶିଷ ଅକ୍ଷୟ କୁମାର ମହାନ୍ତି ଓ ବିପିନ୍ କୁମାର ସେଠୀ,ସହ ସମ୍ପାଦକ ବିଚିତ୍ରା ନନ୍ଦ ପ୍ରଦାନ, ଗୟାଧର ମହାରଣା,କୋଷାଧକ୍ଷ ଶ୍ରୀକାନ୍ତ ଦାସ, ମୁଖ୍ୟ ସଂଯୋଜକ ଭାବେ ଗିରିଜା ପ୍ରସାଦ ମହାନ୍ତି ସହ ସଂଯୋକ ସନ୍ତୋଷ ବେହେରା ଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା । ଏଥି ସହିତ ଜଗତସିଂହପୁର ଜିଲ୍ଲାର ୮ ଟି ବ୍ଲକର ବ୍ଲକ ସଭାପତି ଓ କର୍ମକର୍ତ୍ତା ମାନଙ୍କୁ ରାଜ୍ୟ ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ଚୟନ କରାଗଲା । ଶେଷରେ ରାଜ୍ୟ ସଭାପତି ଶ୍ରୀଯୁକ୍ତ ପ୍ରହରାଜ ଘୋଷଣା କରିଥିଲେ ଡ଼କ୍ଟର ସୁନାକର ବେହେରାଙ୍କୁ ରାଜ୍ୟ ସଂଗଠରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଖୁବ ଶୀଘ୍ର ପ୍ରଦାନ କରାଯିବା ନେଇ ସଭାକୁ ଅବଗତ କରାଇଥିଲେ। ସର୍ବଶେଷରେ ଡ଼ଃ ସୁନାକର ବେହେରା ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଅବହେଳିତ ପର୍ଯ୍ୟଟନ କେନ୍ଦ୍ର ଡଗରା : ବିକାଶର ନାଁ ଧରୁନାହିଁ

ଲଙ୍ଗଳେଶ୍ୱର , ୩୦/୧୦ (ନି.ପ୍ର): ପ୍ରାକୃତିକ ବିଭବ ଭରା ପର୍ଯ୍ୟଟନ କେନ୍ଦ୍ର ଡଗରା ଏବେ ବିଭିନ୍ନ ଦିଗରୁ ଅବହେଳିତ। ନା ରାଜ ନେତା ନା ଲୋକ ପ୍ରତିନିଧି ସଭିଏଁ ଏହାର ବିକାଶ ପ୍ରତି ବିମୁଖ। ସତେ ଯେପରି ଏହା ପାଷାଣୀ ଅହଲ୍ୟା ପରି ଅଭିସପ୍ତା। ରାଜ୍ୟ ପର୍ଯ୍ୟଟନ କେନ୍ଦ୍ର ତାଲିକାରୁ ଏହା କଣ ତାର ସ୍ଥିତି ହରାଇବ ? ଏହାହିଁ ଆଜି ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡଗରା ର ସୁଦୀର୍ଘ ବେଳାଭୂମି। ଚୌମୁଖ ମୁହାଁଣରୁ ଏହା ପଶ୍ଚିମକୁ ହଂସକରା ମୁହାଁଣ ପର୍ଯ୍ୟନ୍ତ ପରିବ୍ୟାପ୍ତ। ସମୁଦ୍ର ରେ ମାଳ ମାଳ ଲହଡି। ଶୋଭାମୟୀ ଧାଡି ଧାଡି ଝାଉଁ ବିଥିକା। ନାଲି ଗାଲିଚା ସଦୃଶ୍ୟ ମାଳ ମାଳ ନାଲି କଙ୍କଡା ସମାବେଶ ବାସ୍ତବିକ ମୁଗ୍ଧକର। ଏହି ସବୁକୁ ଲକ୍ଷ୍ୟ କରି ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତି ତାଙ୍କ କାର୍ଯ୍ୟ କାଳ ଅବଧି ମଧ୍ୟରେ ଏଠାରେ ବ୍ଲକ ଅଧିନ ଏକ ଡାକ ବଙ୍ଗଳା, ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ୟ ଏକ ଡାକ ବଙ୍ଗଳା, ସମ୍ମୁଖ ଭାଗରେ ଏକ ଶିବ ମନ୍ଦିର ଓ ଛୋଟ ପାର୍କ ନିର୍ମାଣ କରିଥିଲେ। ତହିଁ ପରଠୁ ଏହାର କୌଣସି ଆନୁସଙ୍ଗିକ ବିକାଶ ହୋଇ ନାହିଁ କହିଲେ ଚଳେ। କେବଳ ଡଗରା ପଞ୍ଚାୟତ ପକ୍ଷରୁ ପାନୀୟ ଜଳ ଯୋଗାଣ, ଆଲୋକ ବ୍ୟବସ୍ଥା, ପର୍ଯ୍ୟଟକଙ୍କ ବସିବା ପାଇଁ କେତେ ଗୁଡିଏ ସିମେଣ୍ଟ ବ୍ୟାଞ୍ଚ ଆଦି ନିର୍ମିତ ହୋଇଛି। ୨୦୧୬ ମସିହାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ପାନ୍ଥ ନିବାସ, ଟୁରିଷ୍ଟ କମ୍ପ୍ଲେକ୍ସ, ପାର୍କ ନିର୍ମାଣ ପାଇଁ ଏକ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଥିଲା।ସେତେବେଳର




ବାଲେଶ୍ୱର ସାଂସଦ ଇଂ ରବୀନ୍ଦ୍ର ଜେନାଙ୍କ ଉଦ୍ୟମରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ଦୀର୍ଘ ବର୍ଷ ବିତି ଯାଇଥିଲେ ବି କାମର କୌଣସି ଅଗ୍ରଗତି ହୋଇ ନାହିଁ। କାମ ନ ହେବାରୁ ସ୍ଥାନୀୟ ଲୋକମାନେ କ୍ରୋଧାନ୍ୱିତ ହୋଇ ଶିଳାନ୍ୟାସ ହୋଇଥିବା ଫଳକକୁ ଭାଙ୍ଗି ପକାଇ ଛନ୍ତି। ଜଙ୍ଗଲ କିସମ ଜାଗା, ସି ଆର ଜେଡ ଅଞ୍ଚଳ ଇତ୍ୟାଦି ଦର୍ଶାଇ କାମ ବନ୍ଦ କରାଯାଇଛି ବୋଲି ପ୍ରଶାସନ ତରଫରୁ ସଫେଇ ଦିଆଯାଇଛି। ଯଦି ଏକା କିସମ ଜାଗା ତାଳସାରୀ ରେ ସବୁ ହୋଇ ପାରୁଛି ଏଠି କାହିଁକି ହୋଇ ପାରିବ ନାହିଁ ? ଏହାର ଉତ୍ତର ଦେବାକୁ କେହି ନାହିଁ। ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଏଠାକୁ ବଣ ଭୋଜି କରିବା ପାଇଁ ଆସନ୍ତି। ରାତ୍ରି ରହଣି ର ସେମିତି ବ୍ୟବସ୍ଥା ନ ଥିବାରୁ ସେମାନେ ନିରାଶ ହୋଇ ଫେରି ଯାଆନ୍ତି। ବାଲିଆପାଳରୁ ଡଗରା ରାସ୍ତା ମଧ୍ୟ ଅଣ ଓସାରିଆ ଓ ଶୋଚନୀୟ। ଟଙ୍କା ଆସି ଫେରିଯାଉଛି।ପ୍ରସ୍ତାବିତ ସୁବର୍ଣ୍ଣ ରେଖା ବନ୍ଦର ରାସ୍ତା ନାମ ଦେଇ ତାର କୌଣସି କାମ ହେଉ ନାହିଁ। ଡଗରା, ତାଳସାରୀ, ଚାନ୍ଦିପୁରକୁ ନେଇ ପର୍ଯ୍ୟଟନ ବଳୟ ହେବ ବୋଲି ନେତା ମନ୍ତ୍ରୀଙ୍କ ପ୍ରତିଶୃତି ଏବେ ଏଠି ପାଣିର ଗାର। ଏବେ ପର୍ଯ୍ୟଟନ ଋତୁ ଆରମ୍ଭ ହେବାକୁ ଯାଉଛି।ପର୍ଯ୍ୟଟକମାନେ ଅନେକ ସମୟରେ ଅସାମାଜିକ ଲୋକଙ୍କର ଶିକାର ହେଉଛନ୍ତି।ପର୍ଯ୍ୟଟକଙ୍କ ସୁବିଧା ପାଇଁ ସରକାର ରାସ୍ତା ଓ ଏକ ପୁଲିସ ଫାଣ୍ଡି ପ୍ରତିଷ୍ଠା କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

# ଗୋଟିଏ ରାତିରେ ୬ମନ୍ଦିରରେ ଚୋରୀ: ଖଇରାରେ ଆତଙ୍କ

ଖଇରା, ୩୦/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରେ ବୁଧବାର ରାତିରେ ୬ମନ୍ଦିରରୁ ଚୋରୀ କରି ଦୁର୍ବୃତ୍ତ ମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଥାନା ଗାଡି ଦିର୍ଘଧିନ ଧରି ଅଚଳ ରହିବା, ପୁର୍ବ ସରକାର ସମୟରେ ବିଭିନ୍ନ ଗ୍ରାମରେ ଲାଗିଥିବା ଲାଇଟପୋଷ୍ଟ ଗୁଡିକ ଅକାମୀ ହୋଇ ପଡିବା ଚୋରୀ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଥିବା କୁହାଯାଉଛି । ଖଇରା ଥାନା ଅଧୀନରେ ବାରମ୍ବାର ଚୋରୀକୁ ନେଇ ଆତଙ୍କ ଖେଳି ଯାଇଥିବା ବେଳେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଘରୋଇ ବିଭାଗ ଧ୍ୟାନ ଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଚୋର ମାନେ ବୁଧବାର ରାତିରେ ମହତୀପୁର ପଞ୍ଚାୟତର କଣ୍ଟାପଡା



ଶାସନସ୍ଥିତ ଜଗନ୍ନାଥ ମନ୍ଦିର, କଣ୍ଟାପଡା ଗ୍ରାମରେ ଥିବା କଣ୍ଟେଇଶୁଣୀ,ସାଇ ଓ ମଙ୍ଗଳା ମନ୍ଦିର,ମହତୀପୁରସ୍ଥିତ ବୁଢୀଜାଗୁଳାଇ, ସୁଣ୍ଡିରା ପଞ୍ଚାୟତ ଅଧୀନ ମଇତାପୁର ଗ୍ରାମର ହନୁମାନ ମନ୍ଦିରର ଗ୍ରୀଲ ଓ କବାଟ ଭାଙ୍ଗି ଠାକୁର ଠାକୁରାଣୀଙ୍କ ସୁନାଗହଣା ଚୋରି କରିନେଇଥିବା ନେଇ ସଂପୃକ୍ତ ମନ୍ଦିରର ମାଲିକ ଓ ପୂଜକ ମାନେ ଖଇରା ଥାନାରେ ଅଭିଯୋଗ କରିଛନ୍ତି । ଚୋରୀ ହୋଇଥିବା ଅଳଙ୍କାରର ମୁଲ୍ୟ ୨ଲକ୍ଷରୁ ଉର୍ଦ୍ଧ ହେବା ବୋଲି କୁହାଯାଉଛି । ଖଇରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida